R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୫୬
ତିଥି : ଅମାବାସ୍ୟା
୦୧ ଡିସେମ୍ବର ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 56
01 Dec 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ସର୍ବଭାରତୀୟ ଡିଜିପି ସମ୍ମିଳନୀର ଦ୍ୱିତୀୟ ଦିନ

# ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ସୁରକ୍ଷା ନେଇ ଚାଲିଛି ମାନସମନ୍ଥନ

ଭୁବନେଶ୍ୱର, ୩୦।୧୧ (ସବ୍ୟୁ) : ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ କିଭଳି ମଜଭୁତ କରାଯିବ ଏନେଇ ଭୁବନେଶ୍ୱରରେ ସର୍ବଭାରତୀୟ ଡିଜିପି ସମ୍ମିଳନୀରେ ମାନସମନ୍ଥନ ଚାଲିଛି । ଡିଜିପି ସମ୍ମିଳନୀର ଦ୍ୱିତୀୟ ଦିନରେ ବିଭିନ୍ନ ସୁରକ୍ଷା ପ୍ରସଙ୍ଗ ନେଇ ଜୋରଦାର ଆଲୋଚନା ହୋଇଛି । ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ୍ ଡୋଭାଲଙ୍କ ଉପସ୍ଥିତିରେ ବିଭିନ୍ନ ସୁରକ୍ଷା ସମ୍ପର୍କିତ ଖସଡାକୁ ଉପସ୍ଥାପନ କରାଯାଇଛି । ତଟ ସୁରକ୍ଷା ସହ ସାଇବର ଅପରାଧ, ମାଓବାଦ, ଆତଙ୍କବାଦ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହେଉଛି । ମାରାଥନ ଆଲୋଚନା ଆଜି ସକାଳୁ ଆରମ୍ଭ କରାଯାଇଛି ।

ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ଶୂନ୍ୟ ସହନଶୀଳ ନୀତି ଆପଣାଇବାକୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ପ୍ରଥମ ଥର ଲାଗି ଓଡ଼ିଶାରେ ଏହି ଡିଜିପି ଓ ଆଇଜି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଜାତୀୟ ସୁରକ୍ଷା



ପରାମର୍ଶଦାତା ଉପସ୍ଥିତ ରହିଛନ୍ତି । ବିଶେଷକରି ଏବେ ଅନୁପ୍ରବେଶ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସୂଚନା ମିଳୁଛି । ବେଆଇନ୍ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟାର ସମାଧାନ, ନିଶା କାରବାର ରୋକିବା, ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ, ଆଇନ୍ ଶୃଙ୍ଖଳା ପରିଚାଳନା, ନୂଆ ଅପରାଧ ଆଇନ୍‌କୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ ଦିଆଯାଇଛି । ଉପକୂଳ ସୁରକ୍ଷା ଉପରେ ଫୋକସ କରାଯାଉଛି । ଏଥିଲାଗି ଏକ ବ୍ଲୁପ୍ରିଣ୍ଟ ମଧ୍ୟ ବୈଠକରେ ପ୍ରସ୍ତୁତ କରାଯିବ । ଆଜି ପ୍ରଧାନମନ୍ତ୍ରୀ ସକାଳ ୮.୩୦ରେ ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ପହଞ୍ଚିଥିଲେ । ଏହାପରେ ସମ୍ମିଳନୀ ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ବିଭିନ୍ନ ରାଜ୍ୟର ପୋଲିସ ମୁଖିଆ ସେମାନଙ୍କ ମତ ରଖିଛନ୍ତି । ଉଦ୍‌ଘାଟନୀ ଦିବସରେ ପୂର୍ବ ସୀମାରେ ସୁରକ୍ଷା ଚ୍ୟାଲେଞ୍ଜ, ଅନୁପ୍ରବେଶ ସମସ୍ୟା, ଅର୍ବାନ ପୋଲିସିଂ, ଆନ୍ତର୍ଜାତୀୟ ସୀମା ସୁରକ୍ଷା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ମାଓବାଦ ଦମନ କ୍ଷେତ୍ରରେ ବିଭିନ୍ନ ରାଜ୍ୟର ମଡେଲ ନେଇ ମଧ୍ୟ ଆଲୋଚନା କରାଯାଇଛି । ସକାଳ ୮.୩୦ରୁ ପ୍ରାୟ ରାତ୍ର ପର୍ଯ୍ୟନ୍ତ ଏହି ମାରାଥନ ଆଲୋଚନା କରାଯାଇଥିଲା । ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ବିଚାର ବିମର୍ଶ ଚାଲିଥିବାବେଳେ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ଦେଇଥିବା ଧମକକୁ ନେଇ ମଧ୍ୟ

ସେହିଭଳି ଖଲିସ୍ତାନୀ ଆତଙ୍କବାଦୀର ଧମକପୂର୍ଣ୍ଣ ଇମେଲ୍ ଓ ଅଡିଓ ବାର୍ତ୍ତାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ ହୋଇଛି । କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତନାଘନା କରାଯିବା ସହ କମିଶନରେଟ୍ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଛି । ଏପଟେ ଡିଜିପି ସମ୍ମିଳନୀରେ ଜମ୍ମୁ-କାଶ୍ମୀର, ଉତ୍ତରପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ସ୍ଥିତିରେ ସୁଧାର ହୋଇ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଥିବା ନେଇ ଶ୍ରୀ ଶାହା ସନ୍ତୋଷବ୍ୟକ୍ତ କରିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଓ ୨୦୨୭ ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ୍ତ ଅର୍ଥ ବ୍ୟବସ୍ଥାରେ ପରିଣତ

**ଆଭ୍ୟନ୍ତରୀଣ ସୁରକ୍ଷା ଲାଗି ଶୂନ୍ୟ ସହନଶୀଳ ନୀତିକୁ ଗୁରୁତ୍ୱ**

**ତଟ ସୁରକ୍ଷା, ନିଶା କାରବାର ରୋକିବା, ସାଇବର ଅପରାଧକୁ ଫୋକସ**

**ବେଆଇନ୍ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟା ପ୍ରସଙ୍ଗରେ ଆଲୋଚନା**

ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । କ୍ରାଇମ୍‌ବ୍ରାଞ୍ଚ ଏହାର ତଦନ୍ତ କରୁଥିବା ସୂଚନା ମିଳୁଛି । ଡିଜିପି ସମ୍ମିଳନୀକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । କରିବା ପାଇଁ ସୁରକ୍ଷା ପ୍ରତିଷ୍ଠାନ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଶାହା କହିଛନ୍ତି । ପୋଲିସ ବ୍ୟବସ୍ଥା ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଉଛି ।

# ଆଳୁ ସଙ୍କଟ

## କିଲୋ ପିଛା ୪୦ ଟପିଲା, ଆହୁରି ବଢ଼ିବ!

ଭୁବନେଶ୍ୱର, ୩୦।୧୧ (ସବ୍ୟୁ) : ରାଜ୍ୟରେ ପୁଣି ଟେନସନ୍ ଦେଲାଣି ଆଳୁ । ପଶ୍ଚିମବଙ୍ଗ ଓଡ଼ିଶାକୁ ଆଳୁ ରପ୍ତାନୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରି ଦେବା ପରେ ଏବେ ସ୍ଥିତି ବିଗିଡ଼ିଛି । ଗତକାଲି ଆଳୁ କେଜି ପ୍ରତି ଖୁଚୁରା ଦର ୩୦ ଟଙ୍କା ଥିବା ବେଳେ ଶନିବାର ୫୦ ଟଙ୍କାରେ ପହଞ୍ଚିଛି । ହୁଏତ ଆସନ୍ତାକାଲି ୬୦ ଛୁଇଁପାରେ । ଆଜି ଉତ୍ତର ପ୍ରଦେଶରୁ କିଛି ଆଳୁ ଆସିଛି । ହେଲେ ପଶ୍ଚିମବଙ୍ଗରୁ ଆଳୁ ନଆସିଲେ ଦୋକାନ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ବ୍ୟବସାୟୀ ।

ପଶ୍ଚିମବଙ୍ଗ ଆଳୁ ନ ଦେଲେ ଅଣାୟତ ହୋଇଯିବ ସ୍ଥିତି । ହାତ ଟେକି ଦେଇଛି ବ୍ୟବସାୟୀ ମହାସଂଘ । ବ୍ୟବସାୟୀ ମହାସଂଘ କହିଛି, ଏ ସରକାର ଉପରେ ଭରସା ପାଉନି । ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ବନ୍ଦ କରି ଦେବା ପରେ ଏବେ ରାଜ୍ୟରେ ହୁହୁ ହୋଇ ବଢୁଛି ଆଳୁ ଦର । ରାଜଧାନୀ ଭୁବନେଶ୍ୱର ସମେତ କଟକ, ବାଲେଶ୍ୱର ସମେତ ସାରା ରାଜ୍ୟରେ ସ୍ଥିତି ଗମ୍ଭୀର ହେଲାଣି । ଖଟିଖିଆ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ସମସ୍ତଙ୍କ ପାଇଁ ଦରକାରୀ ପରିବା ଆଳ । ହେଲେ ଯୋଗାଣ ଓ ମୂଲ୍ୟକୁ ନିୟନ୍ତ୍ରଣ କରିପାରୁନାହାନ୍ତି ସରକାର । ଗତ ଅଗଷ୍ଟରୁ ସେପ୍ଟେମ୍ବର (୯ ପୃଷ୍ଠାରେ)

# ମଧ୍ୟାହ୍ନ ଭୋଜନ ରାଶି ବଢ଼ିଲା

ଭୁବନେଶ୍ୱର, ୩୦।୧୧ (ସବ୍ୟୁ) : ସ୍କୁଲଗୁଡ଼ିକରେ ପିଏମ୍ ପୋଷଣ ଯୋଜନାରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଲାଗି ସରକାର ରାଶି ବଢ଼ାଇଛନ୍ତି । ଏହି ମର୍ମରେ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି । ଆସନ୍ତାକାଲି ଠାରୁ ଏହା ଲାଗୁ ହେବ । ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରାଶି ମୁଣ୍ଡପିଛା ୭ ଟଙ୍କା ୬୪ ପଇସା କରାଯାଇଛି । ପୂର୍ବରୁ ଏହା ୫ ଟଙ୍କା ୯୦ ପଇସା ଥିଲା । ସେହିଭଳି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୧୦.୯୪ ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଏହା ୮.୮୨ ଟଙ୍କା ଥିଲା । ଚିଠିରେ ଉଲ୍ଲେଖ କରାଯାଇଛି ଯେ ବଜାର ଦର ଯୋଗୁ ମଧ୍ୟାହ୍ନ ଭୋଜନ ଲାଗି ବ୍ୟୟ ହାର ବଢ଼ିଛି । ଋତୁକାଳୀନ ପରିବା ଏବେ ବଜାରେ ଉପଲବ୍ଧ ହେଉଥିବାରୁ ମଧ୍ୟାହ୍ନ ଭୋଜନରେ ପ୍ରତି ପିଲାପିଛା ଖର୍ଚ୍ଚ ବଢ଼ିଛି । ତେବେ ସ୍କୁଲ ପରିଚାଳନା କମିଟି ଏ କ୍ଷେତ୍ରରେ ଚାହିଁଲେ ଅନ୍ୟ କିଛି ମଧ୍ୟାହ୍ନ ଭୋଜନରେ ଖାଦ୍ୟପଦାର୍ଥ ସାମିଲ କରିପାରନ୍ତି ।

# ରାଜ୍ୟରେ ୭ ଜିଲ୍ଲା ନକ୍ସଲ ପ୍ରଭାବିତ

ଭୁବନେଶ୍ୱର, ୩୦।୧୧ (ସବ୍ୟୁ) : ବିଏସ୍‌ଏଫ୍ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇଜି ଚାରୁଧ୍ୱଜ ଅଗ୍ରୱାଲ କହିଛନ୍ତି ଯେ ଓଡ଼ିଶାରେ ୭ ଜିଲ୍ଲା ନକ୍ସଲ ପ୍ରଭାବିତ । ୧୯୬୫ ମସିହାରୁ ବିଏସ୍‌ଏଫ୍ ଦେଶ ସୁରକ୍ଷା ପାଇଁ କାମ କରିଆସୁଛି । ସେନାବାହିନୀର ପ୍ରଥମ ଧାଡ଼ିରେ ବିଏସ୍‌ଏଫ୍ ଥିବା ସୂଚନା ଦେଇଛନ୍ତି ଆଇଜି ।

ଓଡ଼ିଶାର ନକ୍ସଲ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନଥିଲା । ଏପରିକି ରାସ୍ତାଘାଟ, ପୋଲ,




ଟେଲିଫୋନ ଟାୱାର, ସ୍କୁଲ, କଲେଜ ପ୍ରଭୃତି କାର୍ଯ୍ୟର ପଥ ଓଗାଳୁଥିଲେ ନକ୍ସଲ । ବିଏସ୍‌ଏଫ୍ ଫୋର୍ସମାନେ ଦକ୍ଷତାର ସହ କାମ କରି ନକ୍ସଲ ପ୍ରଭାବକୁ କମାଇବାରେ ସମର୍ଥ ହୋଇଛନ୍ତି । ବିଏସ୍‌ଏଫ୍ ସହ ଓଡ଼ିଶା ପୋଲିସ ମଧ୍ୟ ଦକ୍ଷତାର ସହ କାମ କରିଥିବା ଆଇଜି କହିଛନ୍ତି । ୨୦୦୪ ମସିହା କୋରାପୁଟ ପୋଲିସ ଆର୍ମୋରୀରେ ନକ୍ସଲ ଚଢ଼ାଉ ଓ ମୋଟୁ ପୋଲିସ ଷ୍ଟେସନ ଆଟାକ୍ ସହ ୨୦୦୯ ମସିହାରେ ସିଆଇଏସ୍‌ଏଫ୍ ଆମ୍ଭୁସକୁ ଦାମନଯୋଡ଼ିରେ ଆକ୍ରମଣ କରିବା ପରେ ନକ୍ସଲଙ୍କ ପ୍ରଭାବ ବୃଦ୍ଧି ପାଇଥିଲା । (୯ ପୃଷ୍ଠାରେ)

## ୩ରେ କଂଗ୍ରେସ ପ୍ରତିନିଧିଙ୍କୁ ଡାକିଲେ ଇସିଆଇ

ନୂଆଦିଲ୍ଲୀ, ୩୦।୧୧ : ଭୋଟ୍ ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟେକଟି ସ୍ତରରେ ପ୍ରାର୍ଥୀ ଓ ତାଙ୍କ ଏଜେଣ୍ଟମାନଙ୍କୁ ସାମିଲ କରାଯାଇଛି । ଏଭଳି ଉଲ୍ଲେଖ କରି ନିର୍ବାଚନ କମିଶନ (ଇସିଆଇ) ଆସନ୍ତା ୩ ତାରିଖରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭୋଟ୍ ହାର ନେଇ କଂଗ୍ରେସ ଚିନ୍ତା ପ୍ରକଟ କରିଥିବା ସମ୍ପର୍କରେ ଆଲୋଚନା କରିବାକୁ ଡକାଯାଇଛି ।

କଂଗ୍ରେସ ପକ୍ଷରୁ ଇଭିଏମ୍ ପ୍ରକ୍ରିୟାକୁ ନେଇ ହରିୟାଣା ବିଧାନସଭା ନିର୍ବାଚନରେ ମଧ୍ୟ କିଛି ଆଶଙ୍କା କରାଯାଇଥିଲା । ନିର୍ବାଚନ କମିଶନ ଏହି ସମସ୍ତ ବୈଧାନିକ ଚିନ୍ତା ସମ୍ପର୍କରେ କଂଗ୍ରେସକୁ ଆଲୋଚନା ପାଇଁ ଡାକିଛନ୍ତି ଓ ଦଳର ପ୍ରତିନିଧିମାନଙ୍କ ଠାରୁ ଲିଖିତ ଉତ୍ତର ଆଶା କରିଛନ୍ତି । ଭାରତୀୟ ନିର୍ବାଚନ କମିଶନ କଂଗ୍ରେସ ପକ୍ଷରୁ ହୋଇଥିବା ଅଭିଯୋଗକୁ ଗ୍ରହଣ କରିଛନ୍ତି । ଉଲ୍ଲେଖ କରାଯାଇଛି ଯେ ସମସ୍ତ ପ୍ରକ୍ରିୟାକୁ (୯ ପୃଷ୍ଠାରେ)

## ଟ୍ରକ୍ ସିରିଜ୍ ଦୁର୍ଘଟଣାରେ ୪ ମୃତ

ବାରିପଦା, ୩୦।୧୧ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ତିରିଂ ରାସ୍ତାରେ ଟାଟା ଆଡୁ ଫେରନ୍ତା ଟ୍ରକର ସିରିଜ୍ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହେବାପରି ଅଭାବନୀୟ ଘଟଣା ଘଟିଯାଇଛି । ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳ ସମୟରେ ଟାଟା ଆଡୁ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ସମୟରେ ତିରିଂ ଥାନା ଅନ୍ତର୍ଗତ ବଡଡାଳିମା ଛକରେ ଜନୈକ ପଥଚାରୀକୁ ଧକ୍କା ଦେଇ ଭୟରେ ଦ୍ରୁତ ଗତିରେ ଖସି ପଳାଉଥିବା ସମୟରେ ବହଳଦା ଥାନା ଅନ୍ତର୍ଗତ ବାଗଡେଗାରେ ଏକ ଅଟୋ ସହିତ ସାମ୍ନାସାମ୍ନି ଯୋଗୁଁ ମର୍ମନ୍ତୁଦ ଦୁର୍ଘଟଣାର ଶିକାର ହୋଇଥିଲେ। ଅଟୋ ଡ୍ରାଇଭର ସହିତ ଆରୋହୀ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ବଡଡାଳିମାର ପଥଚାରୀ ହେଉଛନ୍ତି ସେହି ଗ୍ରାମର ଧର୍ମପଦ ପାଟବନ୍ଧା। ସେ ଦୈନିକ ସକାଳୁ ମର୍ଣିଂୱାକ୍ କରନ୍ତି। ସେହିପରି ତିରିଂ ଥାନା ଅନ୍ତର୍ଗତ ଭଗାବନ୍ଦି ଗ୍ରାମର ଲଖନ ସୋରେନ୍(୪୭) (୯ ପୃଷ୍ଠାରେ)

# ସେବାଶ୍ରମ : ବର୍ଷରେ ଗଲାଣି ୧୦ ଶିଶୁଙ୍କ ଜୀବନ

ରାୟଗଡା, ୩୦।୧୧ (ସବ୍ୟୁ) : ଜିଲ୍ଲାର ବିଭିନ୍ନ କଲ୍ୟାଣ ବିଭାଗର ସେବାଶ୍ରମରେ ଶିଶୁର ମୃତ୍ୟୁ ହେଉଥିବା ବେଳେ ଆଉ କେତେବେଳେ ୪ ଶ୍ରେଣୀ ଛାତ୍ର ଆତ୍ମହତ୍ୟା ଭଳି ଘଟଣା ଦେଖିବା ମିଳୁଛି । ଏହାକୁ କହୁଛନ୍ତି ଲୋକେ ଶନିଦଶା ଲାଗିଛି କି ମଙ୍ଗଳ ବିଭାଗକୁ ଯାହା ବର୍ଷରେ ୮ରୁ ୧୦ ଛାତ୍ରଛାତ୍ରୀ ମୃତ୍ୟୁ ବରଣ କରିଛନ୍ତି ବୋଲି ଲୋକେ କହୁଛନ୍ତି । ମଙ୍ଗଳ ବିଭାଗର ଅପାରଗତା କାର୍ଯ୍ୟ ଶୈଳୀକୁ ପଦାରେ ପକାଇ ଦେଇଛି । ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ କରପା ସେବାଶ୍ରମର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀ ରଶ୍ମିତା ନାଚିକାଙ୍କ ମୃତ୍ୟୁ ହୋଇଛି । ହଷ୍ଟେଲରେ ଉକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ ସ୍ଥାନାନ୍ତର ହେଉଥିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଗତ ୨୮ ତାରିଖରେ ଉକ୍ତ ଛାତ୍ରୀ ହଷ୍ଟେଲରେ ଅସୁସ୍ଥ ହେବାରୁ ସ୍କୁଲ କର୍ତ୍ତୃପକ୍ଷ କଲ୍ୟାଣସିଂହପୁର ମେଡିକାଲରେ ପ୍ରଥମେ ଭର୍ତ୍ତି କରିଥିଲେ ।

ଏହି ଖବରପାଇ ପରିବାରବର୍ଗ ଛାତ୍ରୀଙ୍କୁ ବିଦ୍ୟାଳୟରୁ ନେଇ ନିଜ ଘରେ ଗୁଣିଗାରେଡ଼ି ଓ ଦେଶୀ ଚିକିତ୍ସା କରିବା ପରେ ଅଚେତ ହେବାରୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାର ଅବସ୍ଥା ଗମ୍ଭୀର ହେବାରୁ ଉତ୍ତମ ଚିକିତ୍ସା ପାଇଁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରିଥିଲେ। ଆମ୍ବୁଲାନ୍ସରେ ନେବା ବେଳେ ଆଜି ରାସ୍ତାରେ ରଶ୍ମିତାଙ୍କ ପ୍ରାଣ ବାୟୁ ଚାଲି ଯାଇଥିବା ଜଣାପଡ଼ିଛି। ମୃତ ଛାତ୍ରୀଙ୍କ ନାମ ରଶ୍ମିତା ନାଚିକା ଓ ସେ କରପା ପଞ୍ଚାୟତ କୃଷ୍ଣପାତ୍ରଗୁଡ଼ା ଗ୍ରାମର ଶବୁରୁ ନାଚିକା ଓ ଅନିତା ନାଚିକାଙ୍କ ଝିଅ। ସେ କରପା ସେବାଶ୍ରମରେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ଏହି ଘଟଣା ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଛାତ୍ରୀଙ୍କ ମୃତ୍ୟୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ (୯ ପୃଷ୍ଠାରେ)





## ଉଇଣ୍ଟର ଡାଏଟ୍

**ଶୀତଦିନ ଆସିଲେ ବିଭିନ୍ନ ଥଣ୍ଡା ଜାତୀୟ ରୋଗ ଯେପରି ଥଣ୍ଡା, କାଶ, ଗଳାରେ ଯନ୍ତ୍ରଣା ଆଦି ଦେଖିବାକୁ ମିଳିଥାଏ । ତେଣୁ ଏହି ଦିନେ ଖାଦ୍ୟପେୟର ବିଶେଷଧ୍ୟାନ ରଖିଲେ ଆମେ ବିଭିନ୍ନ ଥଣ୍ଡା ଜାତୀୟ ରୋଗରୁ ରକ୍ଷା ପାଇପାରିବା । ତେଣୁ ଏହି ଦିନେ ମିଳୁଥିବା ବିଭିନ୍ନ ପନିପରିବାକୁ ନିଜ ଖାଦ୍ୟରେ ସାମିଲ କରନ୍ତୁ ।**

**କନ୍ଦମୂଳ–** କନ୍ଦମୂଳରେ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ରହିଛି, ଯେପରି ଫାଇବର ସି, ଭିଟାମିନ୍ ସି, ମାଙ୍ଗାନିଜ୍, ଭିଟାମିନ୍ ଏ ସହିତ ବିଭିନ୍ନ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ । ତେଣୁ ଶୀତଦିନେ କନ୍ଦମୂଳ ଖାଇବାକୁ ଯମାରୁ ଭୁଲନ୍ତୁ ନାହିଁ । ଏହାକୁ ପୋଡି କିମ୍ବା ସିଝାଇ ଖାଇପାରିବେ ।

**ବିଟ୍‌ରୁଟ୍–** ବିଟ୍‌ରୁଟ୍ ବେଶ୍ ସ୍ୱାଦିଷ୍ଟ ସହିତ ପୋଷଣରେ ମଧ୍ୟ ଭରପୂର ହୋଇଥାଏ । ବିଟ୍‌ରୁଟ୍‌ରେ ନାଇଟ୍ରେଟ୍‌ସ୍ ଭରି ହୋଇ ରହିଥାଏ, ଯାହା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ । ଏହା ଆମର ହାର୍ଟକୁ ସୁସ୍ଥ ରଖିବା ସହିତ ବ୍ଲଡପ୍ରେସର ନିୟନ୍ତ୍ରଣରେ ରଖିଥାଏ ।

**ଅଦା–** ଯେଉଁ ଦିନ ବି ହେଉ ଥଣ୍ଡା କାଶ ହେଲେ ଆଗ ଖୋଜା ପଡିଥାଏ ଅଦାର । ତେବେ ଶୀତଦିନେ ଏହାର ଦରକାର ଅଧିକ ହୋଇଥାଏ । ଅଦାରେ ଆଣ୍ଟିଅକ୍ସିଡାଣ୍ଟ୍ ଖୁବ ଅଧିକ ଥାଏ । ଏହା ଆମର ପାଚନତନ୍ତ୍ର ପାଇଁ ଖୁବ ଉପକାରୀ ହୋଇଥାଏ । ପାଚନ ତନ୍ତ୍ରକୁ ସୁସ୍ଥ ରଖିବାରେ ଅଦା ବେଶ୍ ସହାୟକ ହୋଇଥାଏ ।

**ଟ୍ରୁନିପ୍–** ଏହା ସବୁଠାରୁ ପରିଚିତ ମୂଳଜାତୀୟ ପରିବା ଯେଉଁଥିରେ ଭିଟାମିନ୍ ସି, ଫାଇବର,ମାଙ୍ଗାନିଜ୍, ପଟାସିଅମ ଆଦି ଭରି ହୋଇ ରହିଥାଏ । ଶୀତଦିନେ ଡାଏଟ୍‌ରେ ଭିଟାମିନ୍ ସି ଆଡ କରିବା ଦ୍ୱାରା ଆମର ରୋଗପ୍ରତିରୋଧକ ଶକ୍ତି ବଢିଥାଏ ।

## ଇତିହାସ

୧୮୫୮– ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନରୁ ଭାରତର ଶାସନଭାର ବ୍ରିଟେନର ଶାସକ ନିକଟକୁ ସ୍ଥାନାନ୍ତର ହେଲା । ଯାହାଫଳରେ ଗଭର୍ଣ୍ଣର ଜେନେରାଲ ସ୍ଥାନରେ ଭାଇସରାୟଙ୍କ ନିଯୁକ୍ତି କରାଗଲା ।

୧୯୨୨– ଅଟୋମନ୍ ସାମ୍ରାଜ୍ୟର ଅନ୍ତ ଘଟିଲା ଏବଂ ସୁଲତାନ ମହମ୍ମଦ ୬ଙ୍କୁ ବହିଷ୍କାର କରାଗଲା ।

୧୯୫୦– ଚିତ୍ତରଞ୍ଜନ ରେଳ କାରଖାନାରେ ଭାରତର ପ୍ରଥମ ବାଷ୍ପ ଇଞ୍ଜିନ ନିର୍ମାଣ କରାଗଲା ।

୧୯୫୨– ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ଜୟନାରାୟଣ ଦାୟିତ୍ୱ ସମ୍ଭାଳିଲେ ।

୧୯୫୬– କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟଗୁଡ଼ିକର ସ୍ଥାପନା । ଏହାସହ ରାଜଧାନୀ ଦିଲ୍ଲୀକୁ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ମାନ୍ୟତା ମିଳିଲା ଏବଂ ପ୍ରଶାସନିକ ରୂପେ ହାଇଦ୍ରାବାଦ ଉପରୁ ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରାଗଲା ।

୧୯୬୬– ହରିଆଣା ଏବଂ ଚଣ୍ଡିଗଡ଼ ରାଜ୍ୟର ସ୍ଥାପନା ।

୧୯୮୦– ଭାରତର ପ୍ରମୁଖ ସ୍ୱତନ୍ତ୍ରତା ସେନାନୀଙ୍କ ମଧ୍ୟରେ ଅନ୍ୟତମ ଥିବା ଦାମୋଦର ମେନନ୍‌ଙ୍କ ଦେହାନ୍ତ ।

୨୦୦୦– ଛତିଶଗଡ଼ ରାଜ୍ୟ ଗଠିତ ।

## ସୋସିଆଲ କୋଟ୍ସ



ମିଡିଆକୁ ସବୁବେଳେ ଡ୍ରାମା ପସନ୍ଦ । ତେଣୁ ବେଳେବେଳେ ଏହି କାରଣରୁ ମୋ ପରିବାର ଖୁବ ହଇରାଣ ହୋଇଥାଏ । ସେହିଭଳି ମୋ ବିବାଦକୁ ଶିଳ୍ପାଙ୍କ ନାଁ ଟାଣିବା ଗ୍ରହଣୀୟ ନୁହେଁ ।

**ରାଜ କୁନ୍ଦ୍ରା, ଶିଳ୍ପପତି**



ଅନେକ ଦିନର ସ୍ୱପ୍ନ ପୂରଣ ହୋଇଛି । ବେଶ୍ କିଛି ଦିନରୁ ସବୁବେଳେ ଡ୍ରିମ୍ ଥିଲା କି ମୋ ଗୀତ ଟି ସିରିଜ୍‌ରେ କିଭଳି ବାଜିବ । ତାହା ଆଜି ସତ ହୋଇଛି ।

**ଅଲ୍ଲୁ ଅର୍ଜୁନ, ଅଭିନେତା**



ଫିଲ୍ମ ତିସ୍ ତିଆରି କରିବାକୁ ଖୁବ ପରିଶ୍ରମ କରିଛି । ହେଲେ ଏହାକୁ ପ୍ରସାରଣ କରିବାକୁ ନେଟ୍‌ଫ୍ଲିକ୍ସ ମନା କରିଦେଇଥିଲା, ଯାହା ମତେ ଖୁବ ବାଧିଥିଲା । ସେତେବେଳେ ମୁଁ ଡିପ୍ରେସନକୁ ପଳେଇଥିଲି ।

**ଦିବାକର ବାନାର୍ଜୀ, ନିର୍ଦ୍ଦେଶକ**



## ହାଃ...ହାଃ...



ବାପା– ଗଣିତରେ କେତୋଟି ପ୍ରଶ୍ନ ପଡ଼ିଥିଲା ?

ପୁଅ– ପାଞ୍ଚଟି ।

ବାପା– ତୁ ସବୁ କରିଛୁ ତ ?

ପୁଅ– ସମୟ ହେଲାନି କିଛି ଛାଡ଼ି ଦେଇଛି ।

ବାପା– କେତୋଟି ଛାଡ଼ିଛୁ ?

ପୁଅ– ପ୍ରଥମେ ତିନୋଟି ଓ ଶେଷ ଦୁଇଟି ।

## ବିଶ୍ୱ ଏଡ୍ସ ଦିବସ

ଡିସେମ୍ବର ୧ରେ ପ୍ରତିବର୍ଷ ପାଳିତ ହୋଇଥାଏ ବିଶ୍ୱ ଏଡ୍ସ ଦିବସ । ଏହି ଦିବସର ମୂଳ ଉଦ୍ଦେଶ୍ୟ ଏଡ୍ସ ସଂକ୍ରମଣକୁ ପ୍ରତିରୋଧ କରିବା । ସରକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାଆନ୍ତି ।

ଏହି କାର୍ଯ୍ୟକ୍ରମ ଜରିଆରେ ସେମାନେ ଜନସଚେତନତା ସୃଷ୍ଟି କରନ୍ତି । ୧୯୯୫ଠାରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା । ଏହାପରେ ଧୀରେଧୀରେ ଏହି ଦିବସକୁ ଅନ୍ୟଦେଶ ପାଳନ କରିବା ଆରମ୍ଭ କରିଥିଲେ । ସୂଚନା ଅନୁସାରେ ୧୯୮୧ରୁ ୨୦୦୭ ଭିତରେ ଏଡ୍ସ ଯୋଗୁଁ ୨୫ ମିଲିଅନରୁ ଅଧିକ ଲୋକ ଜୀବନ ହରାଇଛନ୍ତି । ଏହି ତାଲିକାରେ ସବୁ ବୟସର ଲୋକ ସାମିଲ ଅଛନ୍ତି । ଏହି ଦିନ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏଡ୍ସ ଉପରେ ଲୋକଙ୍କୁ ସଚେତନ କରିବାକୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ରେଡ୍ କଲରର ରିବନ୍‌କୁ ଏହାର ସଙ୍କେତ ଭାବେ ବ୍ୟବହାର କରାଯାଇଥାଏ ।




## ଦେଶୀ ମୋନାଲିସା

ଅନେକ ସମୟରେ ବିଭିନ୍ନ ଏଆଇ ଜେନେରେଟେଡ୍ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥାଏ । ଏଥିରେ ବେଶି କ୍ରେଜରେ ରହିଥାଏ ବିଦେଶୀ ଲୋକଙ୍କର ଦେଶୀ ଲୁକ୍ । ସେହିକ୍ରମରେ ଗୋଟିଏ ଫଟୋ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି, ତାହା ହେଲା ଦେଶୀ ମୋନାଲିସା । ବିଶ୍ୱପ୍ରସିଦ୍ଧ ଚିତ୍ର ମୋନାଲିସାର ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଛି ଦେଶୀ ଲୁକ, ଯାହା ସୋସିଆଲ ମିଡିଆରେ ପୋଷ୍ଟ ହେବାପରେ ଭାଇରାଲ ହେବାରେ ଲାଗିଛି । ଦିଲ୍ଲୀ ୟୁନିଭର୍ସିଟିର ଛାତ୍ରୀ ରାଶି ପାଣ୍ଡେ ଏଆଇକୁ ବ୍ୟବହାର କରି ଏହି ଭର୍ସନ ତିଆରି କରିଛନ୍ତି । ଏଥିରେ ମୋନାଲିସାଙ୍କୁ ଏକ ଭାଇବ୍ରାଣ୍ଟ୍ ଆଉଟ୍‌ଫିଟ୍ ସହିତ କଷ୍ଟମ ଜୁଏଲାରୀରେ ଦେଖିବାକୁ ମିଳିଛି । ୟୁଜର୍ସମାନେ ଏହି ଫଟୋକୁ ବିଭିନ୍ନ ନା ଦେବାରେ ଲାଗିଛନ୍ତି ।





## ସ୍କେଲିଟନ ଗିଟାର

ଫ୍ଲୋରିଡାର ଜଣେ ମ୍ୟୁଜିସିଆନ୍ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ତାଙ୍କର ଗିଟାର ପାଇଁ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି । ନିଜ ମୃତ ସମ୍ପର୍କୀୟଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାପାଇଁ ଏକ ଭିନ୍ନ ରାସ୍ତା ଆପଣାଇଛନ୍ତି । ସେ ନିଜର ମୃତ ସମ୍ପର୍କୀୟଙ୍କ କଙ୍କାଳରେ ଏକ ଗିଟାର ନିର୍ମାଣ କରିଛନ୍ତି । ତାଙ୍କ ସମ୍ପର୍କୀୟ ଚାହୁଁଥିଲେ ସେ ଜଣେ ରକ୍‌ଷ୍ଟାର ହୁଅନ୍ତୁ, ସେହି ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ସେ ଏପରି ପଦକ୍ଷେପ ନେଇଛନ୍ତି । ଏହି ମ୍ୟୁଜିସିଆନ୍‌ଙ୍କ ନାଁ ପ୍ରିନ୍ସ ହୋଇଥିବାବେଳେ ସେ ବର୍ତ୍ତମାନ ଜଣେ ଜଣାଶୁଣା ରକ୍‌ଷ୍ଟାର ମଧ୍ୟ ପାଲଟିଛନ୍ତି । ୧୯୯୬ରେ ତାଙ୍କ ସମ୍ପର୍କୀୟଙ୍କର ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା, ଯାହାପରେ ତାଙ୍କ ସ୍କେଲିଟନ୍‌କୁ ଏକ ଡାକ୍ତରଖାନାରେ ସଂରକ୍ଷିତ କରି ରଖାଯାଇଥିଲା । ସେଠାରେ ଏହା ଡାକ୍ତରୀ ଛାତ୍ରଙ୍କ ପାଠ ପଢାରେ ବ୍ୟବହାର ହେଉଥିଲା । ହେଲେ ପରେ ଗ୍ରୀସ୍‌ରେ ସ୍କେଲିଟନ ବ୍ୟବହାର କରି ପାଠ ପଢା ହେବା ବ୍ୟାନ୍ ହେବା ପରେ ସେ ସେଠାରୁ ଏହାକୁ ଆଣି ଏକ ଗିଟାର ପ୍ରସ୍ତୁତ କରିଛନ୍ତି ।



## ନିରାମିଷ ମାଛ

ଶୀର୍ଷକଟି ଆପଣଙ୍କୁ ନିଶ୍ଚିନ୍ତ ଦ୍ୱନ୍ଦରେ ପକାଇଥିବ । ମାଛ କିଭଳି ନିରାମିଷ ହୋଇପାରିବ, ହେଲେ କଥାଟି ସତ । ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ନିରାମିଷ ମାଛ ରହିଛି । ଜଣେ ଫୁଡ୍ ବ୍ଲଗର ଅମର୍ ସିରୋହି ନିଜର ସୋସିଆଲ ପେଜ୍‌ରେ ଏନେଇ ଏକ ଭିଡିଓ ପୋଷ୍ଟ କରିଛନ୍ତି । ଭିଡିଓଟିରେ ପୂରା ନିରାମିଷ ମାଛ ଭଜା କିଭଳି ପ୍ରସ୍ତୁତ ହେଉଛି ତାହା ଦେଖାଯାଇଛି । ତେବେ ସୋୟାବିନ୍‌କୁ ମାଛ ଆକାର ଦିଆଯାଇ ଏହି ଖାଦ୍ୟଟି ପ୍ରସ୍ତୁତ କରାଯାଇଛି । ଭିଡିଓଟି ସୋସିଆଲ ମିଡିଆରେ ଲୋକ ବେଶ୍ ପସନ୍ଦ କରୁଛନ୍ତି । ଯେଉଁମାନେ ନିରାମିଷ ଖାଇଥାଆନ୍ତି ସେମାନେ ବର୍ତ୍ତମାନ ମାଛର ସ୍ୱାଦ ନହେଲେ ବି ମାଛ ଆକାରର ମଜା ନେଇପାରିବେ ବୋଲି ମତ ପ୍ରକାଶ ପାଇଛି ।



## ମନେପକାଉଛନ୍ତି

ବର୍ତ୍ତମାନ ଅଭିଷେକ ବଚ୍ଚନ ନିଜ ପର୍ସନାଲ ଲାଇଫ୍‌କୁ ନେଇ ଖୁବ ଚର୍ଚ୍ଚାରେ ରହୁଛନ୍ତି । ଐଶ୍ୱର୍ଯ୍ୟା ରାୟ ଓ ଆରାଧ୍ୟାଙ୍କ ସହିତ ତାଙ୍କ ସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥାଏ । ବେଳେବେଳେ ଏପରି ଚର୍ଚ୍ଚା ହୁଏ କି ତାଙ୍କର ଆରାଧ୍ୟାଙ୍କ ସହିତ ସମ୍ପର୍କ ଭଲ ନାହିଁ । ହେଲେ ନିକଟରେ ନିର୍ଦ୍ଦେଶକ ସୁଜିତ୍ ସରକାର ଆରାଧ୍ୟା ଓ ଅଭିଷେକଙ୍କ ସମ୍ପର୍କକୁ ନେଇ ଖୁଲାସା କରିଛନ୍ତି । ସୁଜିତଙ୍କ ସୂଚନା ଅନୁସାରେ ବିଭିନ୍ନ ସମୟରେ ସୁଟିଂ ଅଧାରେ ଅଭିଷେକ ନିଜ ଝିଅ ଆରାଧ୍ୟାଙ୍କୁ ମିସ୍ କରନ୍ତି । ଆଗକୁ ଅଭିଷେକଙ୍କୁ ଫିଲ୍ମ ଆଇ ୱାଣ୍ଟ ଟୁ ଟକ୍‌ରେ ଦେଖିବାକୁ ମିଳିବ, ଯାହାର କାହାଣୀ ଜଣେ ବାପା ଓ ଝିଅର ସମ୍ପର୍କ ଉପରେ ପର୍ଯ୍ୟବେସିତ । ଫିଲ୍ମର କାହାଣୀ ସବୁବେଳେ ଅଭିଷେକଙ୍କୁ ତାଙ୍କ ଝିଅ ଆରାଧ୍ୟାଙ୍କ କଥା ମନେ ପକାଇଦେଇଥାଏ ବୋଲି ନିର୍ଦ୍ଦେଶକ ମତ ଦେଇଛନ୍ତି । ଅନେକ ସମୟରେ ସେ ଆରାଧ୍ୟାଙ୍କ କଥା ମନେ ପକାଇବା ସହିତ ତାଙ୍କୁ ମିସ କରନ୍ତି । ଏପରିକି ଅନେକ ସମୟରେ ତାଙ୍କ କଥା ମନେ ପକାଇ ସେ ଭାବ ବିହ୍ୱଳ ହୋଇପଡନ୍ତି । ତେଣୁ ଯେତେବେଳେ ବି ମିଡିଆରେ ତାଙ୍କର ଓ ଆରାଧ୍ୟାଙ୍କ ସମ୍ପର୍କନେଇ ଆଲୋଚନା ହୁଏ ସେତେବେଳେ ତାଙ୍କ ମନ କଷ୍ଟ ହୋଇଥାଏ ବୋଲି ନିର୍ଦ୍ଦେଶକ ମତ ଦେଇଛନ୍ତି ।

## ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ରାଜ୍ୟ କାର୍ଯ୍ୟାଳୟରେ ସ୍ମୃତି ସଭା

ଭୁବନେଶ୍ୱର (ସବ୍ୟୁ) : ପୂର୍ବତନ ମନ୍ତ୍ରୀ, ବରିଷ୍ଠ ନେତା ତଥା କଟକର ପୂର୍ବତନ ବିଧାୟକ ସମୀର ଦେଙ୍କର ସ୍ମୃତିସଭା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ସ୍ୱର୍ଗତଃ ଦେଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତଃ ଦେ ଜଣେ ବାସ୍ତବରେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀ ଭାବେ ନିଜ ଦାୟୀତ୍ୱକୁ ସୁଚାରୁ ରୂପେ ନିର୍ବାହ କରିଥିଲେ । ତାଙ୍କ ବିୟୋଗ କେବଳ ପାର୍ଟୀ ପାଇଁ ନୁହେଁ ବରଂ ରାଜ୍ୟ ରାଜନୀତିରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଓକିଲାତି ପଢ଼ିଥିବା ସ୍ୱର୍ଗତଃ ଦେଙ୍କର ଆଇନର ବିଭିନ୍ନ ଦିଗ ଓ ତାର କାର୍ଯ୍ୟକାରିତା ଉପରେ ଅଗାଧ ଦଖଲ ଥିଲା । ସ୍ୱର୍ଗତଃ ଦେଙ୍କ ପାର୍ଥୀବ ଶରୀର ଆଜି ମାଟିରେ ମିଶି ଯାଇଥାଇପାରେ କିନ୍ତୁ ତାଙ୍କ ନୀତି, ଆଦର୍ଶ, ନେତୃତ୍ୱ ନେବାର ଦକ୍ଷତା, ଦୁଃଖକୁ ଚାପି ରଖି ହସିବାର ଦୃଢତା ଏବଂ ସାମାଜିକ ସଂପୃକ୍ତି କାଳକାଳକୁ ହୃଦୟରେ ଗାର ହୋଇ ରହିଯାଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ସାଂସଦ ପ୍ରତାପ ଷଡଙ୍ଗୀ, ବଳଭଦ୍ର ମାଝୀ, ଅନିତା ଶୁଭଦର୍ଶିନୀ, ବିଧାୟକ ଛବି ମଲ୍ଲିକ, ମହିଳା ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ବରିଷ୍ଠ ନେତା ବିନୋଦ ଦାଶ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ସୁଦୀପ୍ତ ରାୟ, ଦିଲୀପ ମଲ୍ଲିକ, ପ୍ରଶାନ୍ତ ସେନାପତି, ଜୟନ୍ତ ଜେନା, ଗୌତମ ରାୟ, ଓମପ୍ରକାଶ ରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ତାଙ୍କ ସହ ବିତାଇଥିବା ଅନୁଭୁତିର ସ୍ମୃତିଚାରଣ କରିଥିଲେ । କଟକ – ଭୁବନେଶ୍ୱରକୁ ଟ୍ୱିନ ସିଟିର ଘୋଷଣା, କମିଶନରେଟ ପୋଲିସ ବ୍ୟବସ୍ଥା ଆରମ୍ଭ କରିବା, ରେଭେନ୍ସା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ଏବଂ ଦ୍ୱିତୀୟ କ୍ୟାଂପସ ପ୍ରତିଷ୍ଠା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସ୍ଥାପନା, ଭୁବନେଶ୍ୱରଠାରେ ଦୀନଦୟାଲ ପାର୍କ ଓ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ପ୍ରତିଷ୍ଠା କରିବା, ନେତାଜୀଙ୍କ ବାସଭବନକୁ ଜାତୀୟ ସ୍ମାରକୀର ମାନ୍ୟତା ପ୍ରଦାନ କରିବା ଆଦି ଅନେକ ପ୍ରସଙ୍ଗରେ ସ୍ୱର୍ଗତଃ ଦେଙ୍କ ପ୍ରମୁଖ ଭୂମିକା ଥିଲା । ଏଥି ସହ କ୍ରୀଡା କ୍ଷେତ୍ରରେ ମଧ୍ୟ ସ୍ୱର୍ଗତଃ ଦେଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ସ୍ମୃତି ସଭାରେ ଯୋଗ ଦେଇ ବକ୍ତାମାନେ ପ୍ରକାଶ କରିଥିଲେ ।




## ଜଳିଗଲା ୫ ବଖରା ଘର

ସୋର, (ସବ୍ୟୁ) :ସୋର ବ୍ଲକ କେଦାରପୁର ପଞ୍ଚାୟତ ପାତ୍ରସାହିରେ ଆଜି ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଗ୍ରାମରେ ସଞ୍ଜ ଦିଆଯାଉଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।। ଦୁଇଟି ଦମକଳ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିଲେଛ ସେତେବେଳକୁ ଶଙ୍କର୍ଷଣ ନାୟକଙ୍କ ୧ ବଖରା, ପଦ୍ମଲୋଚନ ଭୋଇଙ୍କର ୧ ବଖରା, ଦାଶରଥୀ ନାୟକଙ୍କର ୨ ବଖରା ଏବଂ ଭାଗିରଥି ନାୟକଙ୍କର ୧ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି।ଏମାନେ ସମସ୍ତେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସାହାର୍ଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି।

## ଶିଶୁ କନ୍ୟାକୁ ଦୁଷ୍କର୍ମ : ଆସାମୀକୁ ୨୦ବର୍ଷ ଜେଲ ସହ ଅର୍ଥଦଣ୍ଡ

ବାଲେଶ୍ୱର,(ସବ୍ୟୁ) :ଗତ ମେ ମାସ ୩ତାରିଖ ଦିନ ବସ୍ତା ଥାନା ଅନ୍ତର୍ଗତ ନଳବାହାର ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାର ବିଚାର କରି ବାଲେଶ୍ୱର ପୋକ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ମାନ୍ୟବର ରଂଜନ କୁମାର ସୂତାର ଅଭିଯୁକ୍ତ ଶିବ ଦଳେଇକୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ଦଣ୍ଡବିଧି ଆଇନର ୩୭୬(ଏବି) ଧାରା ଓ ପୋକ୍ସ ଆଇନର ୬ ଧାରାରେ ୨୦ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ବାବଦ ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତକୁ ଅଧିକ ୨ବର୍ଷ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ଘଟଣାରୁ ପ୍ରକାଶ ବାଇଧର ଦଳେଇଙ୍କ ପୁତ୍ର ଶିବ ଦଳେଇ ନାବାଳିକା ଜଣଙ୍କୁ ଭୁଲାଇ ନେଇ ତା ସହିତ ଦୁଷ୍କର୍ମ କରିଥିବା ବାବଦରେ ବସ୍ତା ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ପକ୍ଷରୁ କେଶ୍ ନମ୍ବର ୯୦/୨୦୨୪ ମୂଳେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶିବ ଦଳେଇକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା । ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଓ ସାକ୍ଷୀମାନଙ୍କ ବୟାନକୁ ଆଧାର କରି ମାନ୍ୟବର ବିଚାରପତି ଶ୍ରୀ ସୂତାର ଅଭିଯୁକ୍ତ ଶିବ ଦଳେଇକୁ ଦୋଷୀ ସାବ୍ୟସ୍ତ କରିବା ସହ ଜେଲ ଦଣ୍ଡ ଓ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ନଳିନୀ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ ।

## ମୋରମ୍ ଟ୍ରକକୁ ଜବତ

ନୀଳଗିରି,(ସବ୍ୟୁ) :କିଛି ଦିନ ଧରି ନିଳଗିରି ତହସିଲ ଅଧିନରେ ଥିବା ବେଆଇନ ମୋରମ ଖାଦାନରୁ ଚୋରାରେ ଟ୍ରିପ୍ ଟ୍ରିପ୍ ମୋରମ ଚାଲାଣ କରାଯାଇଛି। ଚୋରା ବେପାରୀ ମାନେ ଲକ୍ଷ ଲକ୍ଷ ଟଙ୍କା ଇନ୍‌କମ୍ କରୁଥିବା ବେଳେ ରାଜସ୍ୱ ବିଭାଗ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ଏଥିପ୍ରତି ନା ରାଜସ୍ୱ ବିଭାଗ ନା ଖଣି ବିଭାଗ କେହି ରୋକ୍ ଲଗାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ନିଳଗିରି ପୋଲିସ ଏବେ ଚୋରା ଖଣିଜ ଦ୍ରବ୍ୟ ପରିବହନ ଉପରେ କଡ଼ା ନଜର ରଖିଛନ୍ତି। ଗତ ଶୁକ୍ରବାର ରାତିରେ ପୋଡ଼ାଶୂଳ ଅଞ୍ଚଳରୁ ଚୋରାରେ ମୋରମ ଚାଲାଣ ହେଉଥିବା ବେଳେ ନିଳଗିରି ପୋଲିସ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବା ବେଳେ ଡମ୍ପର (ଓଡିଜିର ୧ଏଫପଏଜି ୩୫୭୪) ଟ୍ରକକୁ ଜବତ କରି ଥାନାରେ ରଖିଛନ୍ତି। ଏନେଇ ୩୮୫/୨୪ରେ ଏକ ମାମଲା ରୁଜୁ ହୋଇଥିବାର ଆଇ ଆଇ ସି ଗୋପାଳ କର୍ଣ୍ଣ ପ୍ରକାଶ କରିଛନ୍ତି।

# ୨୦୨୭ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ମେଟ୍ରୋ




ଭୁବନେଶ୍ୱର(ସବ୍ୟୁ): ୨୦୨୭ ଡିସେମ୍ବର ସୁଦ୍ଧା ସରିବ ପ୍ରଥମ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପ । ପ୍ରଥମେ ୨୬ କିଲୋମିଟର ମଧ୍ୟରେ ମେଟ୍ରୋ ଚଳାଚଳ ଆରମ୍ଭ ହେବ । ପ୍ରଥମ ୨୦ଟି ଷ୍ଟେସନରେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟର ବାର୍ତ୍ତା ରହିବ ବୋଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ।

ମେଟ୍ରୋ ପ୍ରକଳ୍ପ ସମୀକ୍ଷା ପରେ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି, ଏହି ପ୍ରକଳ୍ପରେ ପ୍ରଥମେ ୧୩ଟି ଟ୍ରେନ୍ ଚାଲିବ, ପ୍ରତ୍ୟେକ ଟ୍ରେନରେ ୩ଟି କୋଚ୍ ରହିବ । ମେଟ୍ରୋ ପ୍ରକଳ୍ପରେ ପ୍ରତ୍ୟେକ ଦିନ ୯୫ ହଜାର ଲୋକ ଯିବାର କ୍ଷମତା ରହିବ । ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ୯୨ ଏକର ଜମି ମିଳିସାରିଛି । ଆଉ ୧୫ ଏକର ଖୁବଶୀଘ୍ର ଦିଆଯିବ । ସେହିପରି ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ମୋଟ୍ ୬ ହଜାର ୨୫୬ କୋଟି ଟଙ୍କା ଖର୍ଚ୍ଚ ନେଇ ଆକଳନ ହୋଇଛି । ପ୍ରଥମ ପର୍ଯ୍ୟାୟ ଖର୍ଚ୍ଚ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବହନ କରିବେ । ଏହା ପରେ କେନ୍ଦ୍ରର ସହାୟତା ଦରକାର କି ନାହିଁ ପରେ ଜଣାପଡ଼ିବ ।

ମେଟ୍ରୋ ପ୍ରକଳ୍ପ ଲାଗି ଏକ ପ୍ରୋଟୋ ଟାଇପ୍ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଫିସରେ ପ୍ରସ୍ତୁତ କରାଯାଇଛି ।

### ଦୈନିକ ୯୫ ହଜାର ଲୋକ ଯାତାୟତ କରିବେ

### ଖର୍ଚ୍ଚ ହେବ ୬ ହଜାର ୨୫୬ କୋଟି

ସମୁଦାୟ ୨୬ କିଲୋମିଟର ଭିତରେ ୨୦ଟି ମେଟ୍ରୋ ଷ୍ଟେସନ ବିଜୁ ପଟ୍ଟନାୟକ ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ, କ୍ୟାପିଟାଲ୍ ହସପିଟାଲ୍ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳବାଇ ଷ୍ଟେସନ, ରାମ ମନ୍ଦିର, ବାଣୀବିହାର, ଆଚାର୍ଯ୍ୟ ବିହାର ଛକ ଦେଇ ଜୟଦେବ ବିହାର, ଜାଭିୟର୍ ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଡମଣା, ପଟିଆ, କିଟ୍, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନ କାନନ, ବାରଙ୍ଗ, ଫୁଲପୋଖରୀ ଓ ତିଶୂଳିଆରେ ରହିବ ।

ଏହି ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ଚାଲିଛି ମାଟି ପରୀକ୍ଷା । ପ୍ରାୟ ୫୦/୬୦ ଫୁଟ୍ ତଳୁ ମାଟି ନେଇ ବିଭିନ୍ନ ଲ୍ୟାବ୍ ରେ ପରୀକ୍ଷା ହେଉଛି । ମାଟି ପରୀକ୍ଷା ସହ ଶିଶୁ ଭବନ ଛକରୁ ରଘୁନାଥପୁର ଜାଲି ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାମ ବି ଜୋରସୋରରେ ଚାଲିଛି । ଏସବୁ କାମ ପ୍ରାୟ ୨ ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାପରେ ଆରମ୍ଭ ହେବ ଫାଉଣ୍ଡେସନ ଡିଜାଇନ୍ । ଭୂମିଠାରୁ ୧୩ ମିଟର ଉଚ୍ଚରେ ଯିବ ମେଟ୍ରୋ ଲାଇନ୍ । ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଅଧିକ ରହିବ । ମେଟ୍ରୋ ପ୍ରୋଜେକ୍ଟ ପାଇଁ ପୂର୍ବରୁ ଯେଉଁ ବ୍ୟୟବରାଦ କରାଯାଇଥିଲା ତା'ଭିତରେ ହିଁ ପ୍ରକଳ୍ପ କାମ ସାରିବାକୁ ଲକ୍ଷ୍ୟ ରଖିଛି ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ।




## ଗ୍ରାମୀଣ ବିକାଶ ଲାଗି ସ୍ୱତନ୍ତ୍ର ଫୋକସ

# ୧୮ ପ୍ରକଳ୍ପ ଶେଷ, ୭୧ ନୂତନ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର(ସବ୍ୟୁ): ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଠନ ସଂକଳ୍ପର ପ୍ରମୁଖ ଦିଗ ହେଉଛି ଗ୍ରାମୀଣ ବିକାଶ । ଓଡ଼ିଶା ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସେତୁ ସହ ବନ୍ଧ ନିର୍ମାଣ କରାଯାଉଛି । ଏହା ଦ୍ୱାରା ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ ହେବ । ଏହାସହ ସେଠାକାର ଜଳସ୍ତର ବୃଦ୍ଧିପାଇ ଗ୍ରାମୀଣ ଅର୍ଥନୀତି ଓ ଜନସାଧାରଣଙ୍କ ଜୀବନ ଜୀବିକାରେ ଉନ୍ନତି ଆସିବ ।

୨୦୨୪ ଜୁନରୁ ନଭେମ୍ବର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୧୮ଟି 'ସେତୁ ସହ ବନ୍ଧର' ପ୍ରକଳ୍ପ ନିର୍ମାଣ ଶେଷ ହୋଇ ସାରିଥିବାବେଳେ ଆହୁରି ୭୧ ଗୋଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି 'ସେତୁ ସହ ବନ୍ଧର' ପ୍ରକଳ୍ପଗୁଡିକର ବହୁବିଧ ଉପଯୋଗିତା ରହିଛି । ଏହା ଦ୍ୱାରା ଗମନାଗମନର ସୁବିଧା ସହ ଜଳ ସଂରକ୍ଷଣ ମଧ୍ୟ କରାଯାଇପାରୁଛି ଯାହା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧିପାଇବ । ଗ୍ରୀଷ୍ମ ଋତୁରେ ଏହି ସଂରକ୍ଷିତ ଜଳକୁ ଚାଷଜମିକୁ ଜଳସେଚନ କରାଯିବା ସହ ବିଶୋଧନ ପ୍ରକ୍ରିୟା ଦ୍ୱାରା ପାନୀୟଜଳ ରୂପେ ମଧ୍ୟ ବ୍ୟବହାର କରାଯାଇପାରୁଛି । ଖରାଦିନେ ଶୁଖିଯାଉଥିବା 'ନାଳ'ଗୁଡିକର ଜଳସ୍ତର ବୃଦ୍ଧିରେ ଏହି ପ୍ରକଳ୍ପଗୁଡିକ ସହାୟକ ହେଉଛି । ଜଳାଭାବ ଦୂର ହେବା ସହ ଏହି ସଞ୍ଚିତ ଜଳକୁ ଗାଈଗୋରୁ ଓ ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ପାନୀୟ ଜଳ ରୂପେ ବ୍ୟବହାର କରିପାରୁଛନ୍ତି । ଏହା ନିକଟସ୍ଥ ଅଞ୍ଚଳରେ ତାପମାତ୍ରା ବୃଦ୍ଧିକୁ ରୋକିବା ସହ ମୃତ୍ତିକା କ୍ଷୟକୁ ମଧ୍ୟ ରୋକିପାରୁଛି ।

ଏହି କ୍ରମରେ ସୁନ୍ଦରଗଡ ଜିଲ୍ଲା ଚନ୍ଦ୍ରପୁର–କୁଳକୁତା ରାସ୍ତାରେ ଫଟାଟାଙ୍ଗର ନାଳ, ଅନୁଗୋଳ ଜିଲ୍ଲା ରେଙ୍ଗାଲି–କୁଲୁମାନିଆଲୁ ରାସ୍ତାରେ ବଳରାମପୁର ନାଳ, କନ୍ଧମାଳ ଜିଲ୍ଲା କୁଡୁତୁଲି ଡମେରିକିଆ ରାସ୍ତାରେ ଥିବା ନାଳ ଦେବଗଡ଼ ଜିଲ୍ଲା ଝରସାହିରୁ ନାକଟିମାଲ ରାସ୍ତାରେ ଥିବା ନାଳରେ ନିର୍ମିତ ସେତୁ ସହ ବନ୍ଧରା ପ୍ରକଳ୍ପଗୁଡିକ ବଳିଷ୍ଠ ଉଦାହରଣ ରୂପେ ସେ ଅଞ୍ଚଳର ବହୁବିଧ ବିକାଶରେ ସାହାର୍ଯ୍ୟକାରୀ ହେଉଛନ୍ତି । ସେତୁ ସହ ବନ୍ଧର ନିର୍ମାଣ ଦ୍ୱାରା ଯୋଗାଯୋଗ, ଜଳ ସଂରକ୍ଷଣ, ଭୂତଳ ଜଳସ୍ତର ବୃଦ୍ଧି, କ୍ଷୁଦ୍ର ଜଳସେଚନ, ପାନୀୟଜଳ ଆଦି ବିଭିନ୍ନ ସୁବିଧା ହେଉଥିବାରୁ ଏହା ଗ୍ରାମାଞ୍ଚଳର ସାମଗ୍ରିକ ବିକାଶର ମାଧ୍ୟମ ହୋଇପାରୁଛି ।






# ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ସହଯୋଗୀ କର୍ମଶାଳା



ଭୁବନେଶ୍ୱର (ସବ୍ୟୁ): ନୟାପଲ୍ଲୀ ସ୍ଥିତ ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ସହଯୋଗୀ କର୍ମଶାଳା (ବଡି-ପ୍ରୋଗ୍ରାମ୍)ବହୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଡି.ଜି.ଏମ୍ ପି ଶ୍ରୀନିବାସ ରାଓ ,ଏ.ଜି.ଏମ୍ କିଶୋର ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଦ୍ୟାଳୟର ଅଧ୍ୟକ୍ଷା ଟି. ଶ୍ରୀ ଦେବୀ ପ୍ରଦୀପ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଲାମାନେ କିପରି ତାଙ୍କର ପାଠପଢା ସହିତ ଅନ୍ୟାନ୍ୟ ପ୍ରତିଭାର ଅଧିକାରୀ ହୋଇ ପାରିଛନ୍ତି ଓ ତାଙ୍କର ସେହି ସଫଳତା ପଛରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟତ୍ରୀ ଓ ଅବିଭାବକ ମାନଙ୍କର ସହଯୋଗ ରହିଛି ସେ ବିଷୟରେ କୃତି ଛାତ୍ର-ଛାତ୍ରୀ ଓ ଅବିଭାବକ ମାନେ ବର୍ଣ୍ଣନା କରିଥିଲେ । ବିଦ୍ୟାଳୟର ଆୟୁଷି ସେନାପତି-ନ୍ୟାସ୍‌ନାଲ୍ ସୁଟର୍, ଆୟବନ୍ତ ମହାନ୍ତି -ଅଥର୍ ଅଫ୍ ହାଓ ଟୁ ପ୍ଲେ କ୍ରିକେଟ (ଫର ଜୁନିୟର୍ ),ଆଦିତ୍ୟ ମିଶ୍ର-ଟାଇକୋଣ୍ଡ, ଘନଶ୍ୟାମ ସାହୁ -ମାରସିଆଲ୍ ଆର୍ଟସ , ସକ୍ଷମ ସିଂହ -କିକ୍ ବକ୍ସିଂ ବିଦ୍ୟାଳୟ ତଥା ଆମ ରାଜ୍ୟ ପାଇଁ ଉପରୋକ୍ତ ବିଭାଗରେ ଗୌରବ ଆଣି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉକ୍ତ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଅବିଭାବକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଫାୟାର୍ ଲେସ୍ କୁକିଂ ର ମଜା ସମସ୍ତ ଛାତ୍ରଛାତ୍ରୀ ମାନେ ଉପଭୋଗ କରିଥିଲେ । ଇ-କିଡ୍‌ସ୍ ବିଭାଗର ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱାରା ପ୍ରସ୍ତୁତ ଶ୍ଳୋକ ଓ ରାଇମସ୍ ପ୍ରତିଯୋଗୀତା କାର୍ଯ୍ୟକ୍ରମର ସଫଳତାକୁ ଦ୍ୱିଗୁଣିତ କରିଥିଲା । ପିଲାମାନଙ୍କର ଏହି ସଫଳତା ଅନ୍ୟ ଛାତ୍ରଛାତୀ ମାନଙ୍କ ପାଇଁ ପ୍ରେରଣା ର ଉତ୍ସ ହେଉ,ଏହା ଅଧ୍ୟକ୍ଷା ଟି. ଶ୍ରୀ ଦେବୀ ପିଲାମାନଙ୍କୁ ବୁଝାଇ ଥିଲେ ।

# ୪ ମୋଟରସାଇକେଲ ଜବତ : ୨ଗିରଫ

ଖୋର୍ଦ୍ଧା,(ସବ୍ୟୁ) : ଆଦର୍ଶଥାନା ପୁଲିସ କୁ ମିଳିଛି ସଫଳତା । ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୪ଟି ଚୋରା ମୋଟରସାଇକେଲ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ ବାଲୁଙ୍ଗା ଅଂଚଳର ବିଦ୍ୟାଧର ବେହେରା ଓରଫ ନାୟକ ଓରଫ ବୁଦ୍ଧିଆ (୨୪) ଓ ଖୋର୍ଦ୍ଧା ଭାଲିଆବାଡି ଟିଏଲସି ରୋଡ଼ ବସ୍ତି ଅଂଚଳର ମନୋରଞ୍ଜନ ଗୁରୁ ଓରଫ ଚନ୍ଦନ (୩୦) । ସୂଚନା ଅନୁସାରେ, ଗାଡି ଚୋରଙ୍କୁ ଧରିବା ପାଇଁ ଖୋର୍ଦ୍ଧା ପୁଲିସ ବହୁଦିନ ପୂର୍ବରୁ ଏହି ଚୋରଙ୍କୁ ଧରିବା ପାଇଁ ଏକ ଟିମ ପ୍ରସ୍ତୁତ କରିଥିବା ବେଳେ ବିଶେଷସୂତ୍ରରୁ ଖବର ପାଇ ପୁଲିସ ବୁଦ୍ଧିଆ ଓ ଚନ୍ଦନ କୁ ଉଠାଇଥିଲା । ସେମାନଙ୍କର ବୟାନ ମୁତାବକ ପୁଲିସ ପରିଛଳ ଅଂଚଳରୁ ଚୋରି ଗାଡି ଗୁଡିକୁ ଜବତ କରିଛି ଏନେଇ ପୁଲିସ ୪୩୯/୨୪ନଂ ମାମଲା ରେ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି ।

# ଗାଇଡାନ୍ସ ସ୍କୁଲ୍‌ରେ ବିଜ୍ଞାନ ମେଳା




ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଡୁମ୍‌ଡୁମା ଠାରେ ଗାଇଡାନ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ଲୁକାୟିତ ପ୍ରତିଭାକୁ ନେଇ ବିଭିନ୍ନ ପ୍ରୋଜେକ୍ଟ, କଳା ଓ ଶିଳ୍ପ ସମ୍ବନ୍ଧୀୟ ବିଷୟ ବସ୍ତୁର ଏଠାରେ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ନିଜର ଦକ୍ଷତାର ବିକାଶ ନିମନ୍ତେ ବିଭିନ୍ନ ପ୍ରୋଜେକ୍ଟମାନ ଏଥିରେ ସ୍ଥାନ ପାଇଥିଲା। ଏହି ଅବସରରେ ସ୍କୁଲର ପ୍ରିନ୍ସିପାଲ୍ ସୁହାସିନୀ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଭୁବନେଶ୍ୱରର ପ୍ରଫେସର କରୁଣାକର ନନ୍ଦ ଓ ତାଙ୍କ ପତ୍ନୀ ଜ୍ୟୋସ୍ନାମୟୀ ନନ୍ଦ ଯୋଗ ଦେଇ ପିଲାମାନଙ୍କୁ ନିଜର ଲକ୍ଷ୍ୟ ସ୍ଥଳ ହାସଲ କରିବା ନେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍କୁଲର ଡାଇରେକ୍ଟର ସୟଦ୍ ରିଜାନୁଲ୍, ଆଡମିନ୍ ଇନ୍‌ଚାର୍ଜ, କୋଅର୍ଡିନେଟରଙ୍କ ସହ ଛତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଦୁଇ ଦିନ ଧରି ଚାଲିଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିକ ସୁନ୍ଦର କରିବା ପାଇଁ ସ୍କୁଲ୍ ପରିସରରେ ପ୍ରୋଜେକ୍ଟମାନଙ୍କ ସହ ଫୁଡ୍ ଷ୍ଟଲ୍ ଖୋଲିଥିଲା। ଏହି ଫୁଡ୍ ଷ୍ଟଲ୍‌ରେ ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତୟୀଙ୍କ ସହ ଛାତ୍ରଛାତ୍ରୀମାନେ ଖାଦ୍ୟର ମଜା ଉଠାଇଥିଲେ। ଗାଇଡାନ୍ସ ସ୍କୁଲ୍ ଆଗକୁ ଆହୁରି ଅନେକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ବିଭିନ୍ନ ଜ୍ଞାନ ଓ ବିଜ୍ଞାନ କାର୍ଯ୍ୟକ୍ରମ କରିବ ବୋଲି ସ୍କୁଲ ପକ୍ଷରୁ ପ୍ରକାଶ କରାଯାଇଛି।

## ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି : ସୁରେଶ ପୂଜାରୀ

# ଏମଏମଡିଆର ଆଇନ କାର୍ଯ୍ୟକାରୀ ହେବା ପରେ ଓଡିଶା ସର୍ବାଧିକ ଲାଭାନ୍ୱିତ ହୋଇଛି



ଭୁବନେଶ୍ୱର (ସବ୍ୟୁ): ଆମର ରଙ୍ଗ କେବେହେଲେ ବଦଳି ନାହିଁ । କିନ୍ତୁ ରଙ୍ଗ ବଦଳାଇବାରେ ଓସ୍ତାଦ ହେଉଛି ବିଜେଡି । ରଙ୍ଗ ବଦଳାଇ ବିଜେଡି ୧୯୯୮ରେ ଆମ ସହ ମେଂଟ କରିଥିଲା । ନିଜ ଆବଶ୍ୟକତା ପୂର୍ତି ହୋଇଯିବା ପରେ ଏବଂ ନିଜ ସ୍ୱାର୍ଥ ଦୃଷ୍ଟିକୋଣରୁ ବିଜେଡି ୨୦୦୯ରେ ପୁଣି ଥରେ ବିଜେପି ସହ ସଂପର୍କ ଛିନ୍ନ କରିଥିଲା ଏବଂ କଂଗ୍ରେସ ସହ ସାଲିସ କରି ସଂପର୍କ ସ୍ଥାପନା କରିଥିଲା । ବର୍ତମାନ ବି କଂଗ୍ରେସ ସହ ନିବିଡ ସଂପର୍କ ରହିଛି । ବିଧାନସଭା ଭିତରେ ଓ ବାହାରେ ସାଲିସ ଜାରୀ ରଖିଛି ଏବଂ ଦୁଇ ଦଳର ଭାଷା ମଧ୍ୟ ସମାନ ରହିଛି ବୋଲି ବରିଷ୍ଠ ନେତା ତଥା ମନ୍ତ୍ରୀ ସୁରେଶ ପୁଜାରୀ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଶ୍ରୀ ପୁଜାରୀ କହିଛନ୍ତି ଯେ, ଚାପରେ ପଡି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ନିଜ ଇଚ୍ଛା ବିରୁଦ୍ଧରେ ଅନେକ କଥା କହିଥାନ୍ତି । ଆଜି ମଧ୍ୟ ଶ୍ରୀ ଆଚାର୍ଯ୍ୟ ମୁହଁରୁ ମିଛ କୁହାଇବାର ପ୍ରୟାସ କରିଛି ବିଜେଡି । ୨୦୧୬ ପୂର୍ବରୁ ଖଣିଜ ସଂପଦର ସମସ୍ତ ଲାଭ କେନ୍ଦ୍ର ନେଉଥିଲା । ଖଣିବହୁଳ ରାଜ୍ୟମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୋଦି ସରକାର ୨୦୧୬ ରେ ଏମଏମଡିଆର ଆଇନରେ ସଂଶୋଧନ ଆଣି ପ୍ରଧାନମନ୍ତ୍ରୀ ଖଣିଜ ପଦାର୍ଥ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମକେକେକେଓ୍ୱାଇ) ପ୍ରଚଳନ କଲେ । ଏହା ଦ୍ୱାରା ଖଣି ସଂପତି ଲାଭାଂଶର ସର୍ବନିମ୍ନ ୨ ପ୍ରତିଶତ ସ୍ଥାନୀୟ ଅଂଚଳର ବିକାଶ ପାଇଁ ପାଂଠି ଗଠନ ହେଲା । ପରବର୍ତୀ ସମୟରେ କଂପାନୀ ଆଇନରେ ସଂଶୋଧନ ଆଣି ସିଏସଆର ପାଂଠି ଜରିଆରେ ଓଡିଶାକୁ ପର୍ଯ୍ୟାପ୍ତ ପରିମାଣ ଟଙ୍କା କେନ୍ଦ୍ରରୁ ଆସିଛି । ଓଡିଶା ସର୍ବାଧିକ ଲାଭାନ୍ୱିତ ହେଲା । ଏହି ଆଇନ ବଳରେ ବିଜେଡି ସରକାରରେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ଆସିଛି । ବିଜେଡି ଲାଭାନ୍ୱିତ ହେଲା, କିନ୍ତୁ ଓଡିଶାବାସୀ ଲାଭାନ୍ୱିତ ହେଲେ ନାହିଁ । ଲୋକଙ୍କ ସ୍ୱାର୍ଥରେ ଖର୍ଚ୍ଚ ନକରି ମୁଳତଃ ଠିକାଦାରମାନଙ୍କୁ ପୋଷିବା ପାଇଁ ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ପୁଜାରୀ ଅଭିଯୋଗ କରିଛନ୍ତି । ବିଜେଡି ଶାସନରେ ଓଡିଶାର ଏସଏଚଜି ମହିଳାମାନଙ୍କୁ ସୁଧଯୁକ୍ତ ଋଣ ଦିଆଯାଉଥିଲା । ମୋହନ ମାଝୀ ନେତୃତ୍ୱ ବିଜେପି ସରକାରରେ ସୁଭଦ୍ରା ଯୋଜନାରେ ସିଧାସଳଖ ବାର୍ଷିକ ୧୦ ହଜାର ଟଙ୍କା ୨୧ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ପ୍ରଦାନ କରାଗଲା । ସେହିପରି ସୋହେଲା ଠାରେ ଧାନ କ୍ୱିଂଟାଲ ପିଛା ୧୦୦ ଟଙ୍କାର ବୋନସ ଘୋଷଣା କେବଳ ପ୍ରତିଶୃତିରେ ରହିଗଲା । ନବୀନ ବାବୁଙ୍କ କାର୍ଯ୍ୟକାଳ ସରିଗଲା, କିନ୍ତୁ ଓଡିଶାର ଚାଷୀକୁଳକୁ ଟଙ୍କାଟାଏ ମିଳିଲା ନାହିଁ । ମୋହନ ମାଝୀ ନେତୃତ୍ୱ ବିଜେପି ସରକାର ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ ସବସିଡି (ସ୍ୱତନ୍ତ୍ର ସହାୟତା ରାଶି) ଦେଲେ । ଆଖି କାନ ବନ୍ଦ କରିଦେଲେ କିଛି ଦିଶିବ ନାହିଁ କି କିଛି ଶୁଭିବ ନାହିଁ । ଶାସନରୁ ବିଦା ହେବା ପରେ ବିଜେଡି ନିଜ ଆଖି ଓ କାନ ବନ୍ଦ କରିଦେଇଛି । ତେଣୁ ବିକାଶ ଦେଖାଯାଉନାହିଁ ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଓଡିଶାର ଜନସଂଖ୍ୟା ହେଉଛି ଦେଶ ଜନସଂଖ୍ୟାର ୪ ପ୍ରତିଶତ । ତେଣୁ ଅତୀତରେ ସମୁଦାୟ କେନ୍ଦ୍ର ବଜେଟର ୪ ପ୍ରତିଶତ ଅର୍ଥ ଦାବୀ କରାଯାଉଥିଲା । ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ସରକାରର ଦାବୀଠାରୁ ଅଧିକ ଅର୍ଥ କେନ୍ଦ୍ରରୁ ମୋଦି ସରକାର ଦେଇଛନ୍ତି । କିନ୍ତୁ ନିଜ ପୈତୃକ ସଂପତି ଭଳି ଖର୍ଚ୍ଚ କରିଥିଲା ବିଜେଡି ସରକାର । ଓଡିଶାବାସିଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ତତ୍କାଳୀନ ବିଜେଡି ସରକାର ଦଳୀୟ ଓ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଗଣତନ୍ତ୍ରର ପରିଭାଷା ଶିଖିବା ନବୀନ ବାବୁଙ୍କଠାରୁ ଶତୃର ମଧ୍ୟ ସେ ଦୁର୍ଭାଗ୍ୟ ନମିଳୁ । ଗଣତନ୍ତ୍ରକୁ ରକ୍ତାକ୍ତ କରିଥିବା ବିଜେଡି ମୁହଁରେ ଗଣତନ୍ତ୍ରର ପରିଭାଷା ଶୋଭା ପାଉନାହିଁ । ବିଜେଡିର କଥା ଓ କାର୍ଯ୍ୟ ଭିତରେ ସବୁବେଳେ ଅସାମଞ୍ଜସ୍ୟ ରହିଆସିଛି । ସୁସ୍ଥ ଗଣତନ୍ତ୍ରର ପରିଭାଷା ପ୍ରଥମେ ନିଜେ ଶିଖି ବିଜେଡି ପାଳନ କରିବା ଆବଶ୍ୟକ ରହିଛି ବୋଲି ଶ୍ରୀ ପୁଜାରୀ କହିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

# ବିଧାନସଭା ଅଧିବେଶନ ଜାରି ରହିଥିବାରୁ ଆସନ୍ତା ମାସ ସୋମବାର ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର (ସବ୍ୟୁ): ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ନଭେମ୍ବର ୨୬ତାରିଖଠାରୁ ଆରମ୍ଭ ହୋଇଛି ଏବଂ ଏହା ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାରୁ ଆସନ୍ତା ମାସର ସୋମବାର ଗୁଡ଼ିକରେ ଭୁବନେଶ୍ୱର ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସାମୟିକ ଭାବେ ବନ୍ଦ ରହିବ । ଏ ସମ୍ପର୍କରେ ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଗାଧୁଆ ଘରୁ ଭିଡ଼ିଆଣି ବଳାତ୍କାର ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ) : ଭଡ଼ାରେ ରହୁଥିବା ଜଣେ ମହିଳାଙ୍କୁ ଗାଧୁଆ ଘରୁ ଭିଡିଆଣି ଘର ମାଲିକ ଓ ଅନ୍ୟ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ପୋଲିସରେ ଅଭିଯୋଗ ହୋଇଛି । ମହିଳାଙ୍କ କହିବା ଅନୁଯାୟୀ ଦେହ ବ୍ୟବସାୟ ପାଇଁ ଘର ମାଲିକ ପ୍ରବର୍ତ୍ତାଇ ବିଫଳ ହେବାପରେ ଗତ ୨୭ ତାରିଖ ଦିନ ବଳାତ୍କାର ଉଦ୍ୟମ କରିଥିଲେ । ଚତୁରତା ସହ ସମ୍ପୃକ୍ତା ମହିଳା ସେ ଦୁହିଁଙ୍କ କବଳରୁ ଖସିଆସି ପୋଲିସରେ ପହଞ୍ଚି ଥିଲା ।

ଭଡ଼ାରେ ରହୁଥିବା ମହିଳାଙ୍କୁ ଘରର ମାଲିକ ଦମ୍ପତ୍ତି ଦେହ ବେପାର କରିବାକୁ ପ୍ରବର୍ତ୍ତାଇଥିଲେ । କାରଣ ସେ ସ୍ୱାମୀ ପରିତ୍ୟକ୍ତା । ଏକୁଟିଆ ତାଙ୍କ ଘରେ ଭଡ଼ାରେ ରହୁଛନ୍ତି । ଦେହ ବେପାର ପାଇଁ ବହୁ ଉପାୟ ଅବଲମ୍ବନ କରି ବିଫଳ ହେବାପରେ ୨୭ ତାରିଖ ଦିନ ସକାଳ ୯ଟା ବେଳେ ନିର୍ଯାତନାର ସବୁ ସୀମା ସରହଦ ଟପିଯାଇଥିଲେ ସେ । ଘର ମାଲିକ ଓ ଅନ୍ୟ ଜଣେ ଯୁବକ ମିଳିତ ଭାବେ ବଳାତ୍କାର ଉଦ୍ୟମ କରିଥିବାବେଳେ ସୌଭାଗ୍ୟବସତଃ ମହିଳା ଜଣଙ୍କ ସେମାନଙ୍କ କବଳରୁ ଖସିଯାଇ ନିକଟସ୍ଥ ବଡ଼ଗଡ଼ ଥାନାର ଆଶ୍ରୟ ନେଇଥିଲେ । ଘଟଣା ଘଟିଥିବା ଅଞ୍ଚଳ ଧଉଳୀ ଥାନା ଅଧୀନ ହୋଇଥିବାରୁ ବଡ଼ଗଡ଼ ଥାନା ପୋଲିସ ପିସିଆର୍‌ରେ ମହିଳାଙ୍କୁ ସୁରକ୍ଷିତ ଭାବେ ଧଉଳୀ ଥାନାରେ ପହଞ୍ଚାଇ ଥିଲେ । ଏହାପରେ ମହିଳାଙ୍କ ଅଭିଯୋଗକୁ ନେଇ ଧଉଳୀ ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ କେସ୍ ନଂ. ୨୬୯/୨୦୨୪ ବୋଲି ଜଣାପଡ଼ିଛି । ପୋଲିସ ଖୋଜ ଖବର କରିବା ପରେ ଘରର ମାଲିକ କେଉଁଆଡ଼େ ଫେରାର ହୋଇଯାଇଥିବା କୁହାଯାଉଛି । ଶିଶୁପାଳଗଡ଼ ଆଇସ୍‌କ୍ରିମ ଫାକ୍ଟ୍ରି ଗଳି ଅଞ୍ଚଳରେ ଭଡ଼ାରେ ରହୁଥିବା ମହିଳା ଜଣଙ୍କ ଏହି ସଙ୍ଗୀନ ଅଭିଯୋଗ କରିଛନ୍ତି ।

## ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀ ମହୋତ୍ସବର ଉଦଯାପନ ସମାରୋହ

# ବିଶ୍ୱ ସମସ୍ୟାର ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି : ଧର୍ମେନ୍ଦ୍ର



ଭୁବନେଶ୍ୱର, (ସବ୍ୟୁ): ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଶହେ ବର୍ଷ ପୂରଣ କରୁଥିବା ବେଳେ କିପରି ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ ହେବ ସେଥିପାଇଁ ସାମୂହିକ ଉଦ୍ୟମ କରିବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ବିଶ୍ୱ ସମସ୍ୟାର ସମାଧାନର ପ୍ରୟୋଗଶାଳା ଓଡ଼ିଆ ଭାଷା ସାହିତ୍ୟରେ ଅଛି ବୋଲି ସେ କହିଛନ୍ତି । ଶନିବାର ଭୁବନେଶ୍ୱର ଠାରେ ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଐତିହାସିକ ଜୟନ୍ତୀ ମହୋତ୍ସବର ଉଦଯାପନ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଉ ପ୍ରାୟ ୧୨ ବର୍ଷ ପରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶା ଶହେ ବର୍ଷ ପୂରଣ କରିବ । ଏହି ସମୟ ଅବଧି ମଧ୍ୟରେ ଓଡ଼ିଶାକୁ ବିଶ୍ୱର ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆବାଳବୃଦ୍ଧବନିତାଙ୍କୁ ଖୋଦ୍ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ଆଗାମୀ ୧୨ ବର୍ଷ ସବୁ ଓଡ଼ିଆଙ୍କ ପାଇଁ ଏକ ସୁବର୍ଣ୍ଣ ଅବସର । ତେଣୁ ଓଡ଼ିଆ, ଭାଷା, ସଂସ୍କୃତି ଓ ଜାତିର ପୁନଃ ପରିଚୟ ତଥା ନବଜାଗରଣ ସୃଷ୍ଟି କରିବା ପାଇଁ ଏକାଠି ହେବାକୁ ଓଡ଼ିଆ ସମାଜକୁ ସେ ଆହ୍ୱାନ କରିଛନ୍ତି ।

ଶ୍ରୀ ପ୍ରଧାନ 'ଗୀତିନାଟ୍ୟ ଜଗତର ମୁକୁଟ ବିହୀନ ସମ୍ରାଟ' ଗଣକବି ବୈଷ୍ଣବ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି ଯେ ଓଡ଼ିଆ ମହାପୁରୁଷଙ୍କ ସ୍ମୃତିଚାରଣ କରାଗଲେ ମୋ ଭଳି ସାଧାରଣ ଲୋକଙ୍କ ମନରେ ବହୁତ ଉତ୍ସାହ ବଢ଼ିଥାଏ । ମାହାଙ୍ଗା ମାଟିର ସୁପୁତ୍ର ତଥା ଗଣମାନସର କାଳଜୟୀ ସ୍ରଷ୍ଟା ବୈଷ୍ଣବ ପାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ୧୪ ଦିନ ବ୍ୟାପୀ ଐତିହାସିକ ଜୟନ୍ତୀ ସମାରୋହ ଆୟୋଜନ ହେବା ପ୍ରଶଂସନୀୟ । ଗଣକବି ତାଙ୍କ ଗୀତିନାଟ୍ୟରେ ରାମାୟଣ, ମହାଭାରତ, ଗଣ ଜୀବନର କଥା କହିଛନ୍ତି । ଜାତି-ଅଜାତିର କଥା ସହ ଧର୍ମ ଓ ଅଧର୍ମ, ସମାଜ ସଂସ୍କାର କଥା କହିଛନ୍ତି । ଓଡ଼ିଆ ଜନଜୀବନରେ ତାଙ୍କର ଦୁର୍ମୂଲ୍ୟ ବିଚାର ଯୁଗ ଯୁଗ ଧରି ଆମ ସମସ୍ତଙ୍କୁ ପ୍ରେରଣା ଦେବ । ଏହି ମଞ୍ଚରେ ଉପସ୍ଥାପିତ ହୋଇଥିବା ଗଣକବିଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ଗୀତିନାଟ୍ୟ ମହାଲକ୍ଷ୍ମୀ ପୂଜାର ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ନାଟକଟି ହୃଦୟସ୍ପର୍ଶୀ କହିବା ସହ ଶିଶୁ କଳାକାରମାନଙ୍କ ଅଭିନୟ ମନଛୁଆଁ ଓ ଜୀବନ୍ତ ଥିଲା ବୋଲି କହିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ କରକମଳରେ ଗଣକବି ବୈଷ୍ଣବ ପାଣିଙ୍କ ଆତ୍ମ କାହାଣୀର ଓଡ଼ିଆ ଓ ଇଂରାଜୀ ଅନୁବାଦ ପୁସ୍ତକର ଲୋକାର୍ପିତ ହୋଇଥିଲା ।

## ଭାରତରେ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶ ନେଇ

# କିମ୍ସରେ ହେଲ୍ଥ ନ୍ୟାସନାଲ୍ କନକ୍ଲେଭ୍

ଭୁବନେଶ୍ୱର, (ସବ୍ୟୁ): କିମ୍ସରେ ହେଲ୍ଥ ନ୍ୟାସ୍ନାଲ୍ କନକ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଥର ଲାଗି କିମ୍ସରେ ଏଭଳି ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କନ୍‌କ୍ଲେଭରେ ଦେଶ ବିଭିନ୍ନ ଖ୍ୟାତି ସମ୍ପନ୍ନ ଚିକିତ୍ସା ପ୍ରତିଷ୍ଠାନ ତଥା ଅନ୍ୟାନ୍ୟ ଅନୁଷ୍ଠାନରୁ ହଜାରେରୁ ଅଧିକ ଡାକ୍ତର, ବିଶେଷଜ୍ଞ, ଚିକିତ୍ସାବିତ୍, ଜୈବପ୍ରଯୁକ୍ତି ବିଶେଷଜ୍ଞ, ଆଧ୍ୟାତ୍ମିକ ଗୁରୁ, ଡାକ୍ତରୀ ଶିକ୍ଷା କ୍ଷେତ୍ରରୁ ବିଶେଷଜ୍ଞ,ସ୍ୱାସ୍ଥ୍ୟସେବା ପ୍ରଶାସକ ଓ ଉଦ୍ୟୋଗୀ ଯୋଗଦେଇ ଭାରତରେ ଔଷଧ ଓ ସ୍ୱାସ୍ଥ୍ୟସେବା ଉପରେ ସେମାନଙ୍କ ଉପାଦେୟ ମତାମତ ରଖିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗ୍ୟାଷ୍ଟ୍ରୋଏଣ୍ଟେରୋଲଜିଷ୍ଟ ତଥା ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ମୁଖ୍ୟ ପଦ୍ମ ଭୂଷଣ ପ୍ରଫେସର ଡି. ନାଗେଶ୍ୱର ରେଡ୍ଡୀ ଯୋଗଦେଇ କହିଲେ, ମୁଁ କିଟ୍ ଓ କିସ୍କୁ ବହୁବାର ଆସିଛି । ସାଧାରଣତଃ ଆଧ୍ୟାତ୍ମିକ, ପ୍ରଶାସନିକ, ନୀତି ନିର୍ଦ୍ଧାରଣ ଏବଂ ସ୍ୱାସ୍ଥ୍ୟସେବାର ବିଭିନ୍ନ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ନେଇ ଏଭଳି ସମ୍ମିଳନୀ ପ୍ରଥମ ଥର ଆୟୋଜିତ ହେଉଛି । ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଆଲୋଚନା ସହ ସ୍ୱାସ୍ଥ୍ୟସେବାରେ ଅଧ୍ୟାତ୍ମ୍ୟର ସମ୍ପର୍କ ତଥା ସ୍ୱାସ୍ଥ୍ୟସେବା ଓ ଔଷଧ ଉଦ୍ୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହେବ । ଯାହା କି ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ଯୋଗଦାନ ରହିବ ବୋଲି ସେ କହିଥିଲେ ।




କିଟ୍, କିସ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ଆମ ପାଖରେ ଯେତେ ସମ୍ପତ୍ତି ଥାଉ ନା କାହିଁକି ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଶାନ୍ତିରେ ରହି ପାରିବା ନାହିଁ । ସ୍ୱାସ୍ଥ୍ୟ ସେବା ସହ ଆଧ୍ୟାତ୍ମିକତାର ମଧ୍ୟ ସଂଯୋଗ ରହିଛି । ଏହି ସମ୍ମିଳନୀ ନିଶ୍ଚିତ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଫଳପ୍ରଦ ସମ୍ମିଳନୀ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀ ସାମନ୍ତ କହିଲେ, କିମ୍ସ ପକ୍ଷରୁ ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶାର ୨୦ଟି ଜିଲ୍ଲାରେ ଏକଶହ ଶଯ୍ୟା ବିଶିଷ୍ଟ କର୍ପୋରେଟ ଙ୍ଗରେ ହସ୍ପିଟାଲ୍ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଫଳରେ ଓଡ଼ିଶାର ବହୁ ଗ୍ରାମାଞ୍ଚଳ ତଥା ଗରିବ ରୋଗୀ ଉପକୃତ ହୋଇପାରିବେ । ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ହାଇଦ୍ରାବାଦସ୍ଥିତ ଡ. ମୋହନ୍ସ ଡାୟାବେଟିସ୍ ସ୍ପେଶିଆଲିଷ୍ଟ କେନ୍ଦ୍ରର ଅଧ୍ୟକ୍ଷ ପଦ୍ମଶ୍ରୀ ଡା. ଭି ମୋହନ କହିଲେ, ଏହି ସମ୍ମିଳନୀ ହେଉଛି ଏକ ଅନନ୍ୟ ସମ୍ମିଳନୀ । ସାଧାରଣତଃ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟସେବାର ଗୋଟିଏ ଗୋଟିଏ ବିଭାଗକୁ ନେଇ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥାଏ । କିନ୍ତୁ ଏହି ସମ୍ମିଳନୀରେ ସାମଗ୍ରିକ ସ୍ୱାସ୍ଥ୍ୟସେବା ସହ ଅନ୍ୟାନ୍ୟ କ୍ଷେତ୍ରରୁ ମଧ୍ୟ ବିଶେଷଜ୍ଞମାନେ ଯୋଗଦେଇଛନ୍ତି । ଦୟା ଓ ନୈତିକତା ବିନା ଜଣେ ସଫଳ ଉଦ୍ୟୋଗୀ ହୋଇପାରିବ ନାହିଁ । ତାର ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଅଚ୍ୟୁତ ସାମନ୍ତ । ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରରୁ ବହୁ ପ୍ରତିଭା ଯୋଗ ଦେଇଛନ୍ତି । ସମସ୍ତେ ଏକମନ ହୋଇ କାର୍ଯ୍ୟ କଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇଯାଇପାରିବ । କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପଦ୍ମଶ୍ରୀ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଡା. ଯୋଗେଶ ଚାଓ୍ୱଲା, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ଯୋଗଦେଇ କିମ୍ସ ନ୍ୟାସନାଲ୍ କନ୍ଲେଭ ଉପରେ ନିଜ ମତ ଦେଇଥିଲେ । ଦିନ ତମାମ ଚାଲିଥିବା ବିଭିନ୍ନ ଆଲୋଚନାଚକ୍ର ଓ କର୍ମଶାଳାରେ 'ଚିକିତ୍ସାରେ ଅର୍ଥ- ଏକ ଉପକରଣ କିମ୍ବା ଲକ୍ଷ୍ୟ' ଏବଂ ଭାରତରେ ଜନସାଧାରଣଙ୍କୁ କିଭଳି ସୁଲଭ ଡାକ୍ତରୀ ଉଦ୍ଭାବନ ସହଜରେ ଉପଲବ୍ଧ ହୋଇପାରିବ ତା ଉପରେ ଆଲେଚନା ହୋଇଥିଲା ।

## ଶୌଚାଳୟ ଥାଇ କାମରେ ଆସୁନି

# ଜମିଜମା ପଞ୍ଜିକରଣ ପାଇଁ ଆସୁଥିବା ଲୋକେ ଶୌଚ ପାଇଁ ନୟାନ୍ତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ପରିସର ଅଳିଆ ଆବର୍ଜନା ରେ ଭର୍ତ୍ତି ହୋଇ ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଦୈନିକ ବହୁ ସଂଖ୍ୟାରେ ଜନ ସାଧାରଣ ଜମିଜମା ପଞ୍ଜିକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାଳୟ କୁ ଆସୁଥିବାବେଳେ ପିଇବା ପାଣି, ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ଏବଂ କୌଣସି ବିଶ୍ରାମ ଗାରର ସୁବିଧା ନାହିଁ । ଫଳରେ ସେମାନେ ବାଧ ହୋଇ ଉପ-ନିବନ୍ଧକ କାର୍ଯ୍ୟାଳୟ ପରିସର ମଧ୍ୟରେ ପରିଶ୍ରା ଏବଂ ମଳ ତ୍ୟାଗ କରୁଛନ୍ତି । ଦୈନିକ ଲକ୍ଷ ଲକ୍ଷ ଟଙ୍କା ର ରାଜସ୍ୱ ଆଦାୟ ହେଉଥିବା ଏହି କାର୍ଯ୍ୟାଳୟ ରେ ସାଧାରଣ ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ ।



ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ଏକ ଗୁରୁତ୍ୱ ପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଭାବେ ଜଣା ଶୁଣା ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟକୁ ଦୈନିକ ଶହଶହ ଲୋକ ବୃଦ୍ଧ, ମହିଳା, ଶିଶୁ, ରୋଗୀ, ଗର୍ଭବତୀ ମହିଳା ପଞ୍ଜିକରଣ ନିମନ୍ତେ ଆସୁଥିବା ବେଳେ ସେମାନଙ୍କ ବସିବା ପାଇଁ କୌଣସି ବିଶ୍ରାମଗାର ନଥିବା ବେଳେ ଏଣେତେଣେ ଲୋକେ ବସୁଛନ୍ତି, ଶୌଚାଳୟ ନଥିବାରୁ ବିଶେଷ କରି ମହିଳାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାବ୍ୟତୀତ ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ ପରିସର ପ୍ରତ୍ୟେକ ଦିନ ସଫା ସୁତୁରା ହେଉନଥିବାରୁ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ପଡ଼ିରହିଛି । ଫଳରେ ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଏଥିପ୍ରତି ଉପ-ନିବନ୍ଧକ ଏବଂ ତାଙ୍କ କାର୍ଯ୍ୟାଳୟ ର କୌଣସି କର୍ମଚାରୀ ଧ୍ୟାନ ଦେଉନାହାନ୍ତି । ଖୋର୍ଦ୍ଧା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଲାଗି ଉପ-ନିବନ୍ଧକ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ ହୋଇପଡିଛି । ବିଭିନ୍ନ ଆଳ ଦେଖାଇ ପଞ୍ଜିକରଣ ପାଇଁ ଆସୁଥିବା ଲୋକଙ୍କ ଠାରୁ ବର୍ତମାନ କାର୍ଯ୍ୟରତ ଅଧିକାରୀ ପୁଳା ପୁଳା ଟଙ୍କା ରୋଜଗାର କରିବାରେ ବ୍ୟସ୍ତ କିନ୍ତୁ ସେମାନଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ । କିନ୍ତୁ ଉପ- ନିବନ୍ଧକ ନିଜ ପାଇଁ ବିଶ୍ରାମ କକ୍ଷ କରିସାରିଲେଣି, କିନ୍ତୁ କାର୍ଯ୍ୟାଳୟ ପରିସର ପରିମଳ ବ୍ୟବସ୍ଥା ପାଇଁ କୌଣସି ଧ୍ୟାନ ଦେଉନାହାନ୍ତି । ଏ ସମ୍ପର୍କ ରେ ଉପ-ନିବନ୍ଧକ ଙ୍କ କାର୍ଯ୍ୟାଳୟ କୁ ଆସୁଥିବା ଲୋକେ ଏବଂ ମୋହରିରିର ସଂଘ କର୍ମକର୍ତ୍ତା ବହୁବାର ଉପ-ନିବନ୍ଧକ ଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଛନ୍ତି । ଏନେଇ ଖୋର୍ଦ୍ଧାର ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୁଷ୍ଟ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବୀ ହେଉଛି ।

### ସୋଲାର ଲାଇଟ୍ ଯୋଗାଣ ଦୁର୍ନୀତିର ଭିଜିଲାନ୍ସ ରାୟ
# ୫ ସରପଞ୍ଚଙ୍କ ସହ ବିଦ୍ୟୁତ୍ ଠିକାଦାରଙ୍କୁ ୩ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଭିଜିଲାନ୍ସ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପୂର୍ଣ୍ଣିମା ଜେନା ୫ଜଣ ପୂର୍ବତନ ସରପଞ୍ଚଙ୍କ ସମେତ ଜଣେ ବିଦ୍ୟୁତ୍ ଠିକାଦାରଙ୍କୁ ୩ବର୍ଷ ଲେଖାଏଁ କାରାଦଣ୍ଡ ଆଦେଶ ସହ ୫ହଜାରଟଙ୍କା ଲେଖାଏଁ ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ୪ଜଣ ସମ୍ପାଦକଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଶାନ୍ତନୁ କୁମାର ଦାସ ମାମଲା ପରିଚାଳନା କରିଥିଲେ ।

ଘଟଣାରୁ ପ୍ରକାଶ ଯେ, ୨୦୦୫ ମସିହା ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ନିମ୍ନମାନର ସୋଡିୟମ୍ ବାଷ୍ପ ଲାଇଟ୍ ଯୋଗାଣ ବେଳେ ୧ଲକ୍ଷ ୪୪ହଜାର ୬ଶହ ୭୧ଟଙ୍କାର ହେରଫେର ହୋଇଥିବା ଜଣାଯାଇଥିଲା । ଏହି ଘଟଣାରେ ତତ୍କାଳୀନ ଖଲାଡି ଗ୍ରାମପଞ୍ଚାୟତର ସରପଞ୍ଚ ସୀତା ବାସ୍କେ, ଶିଦାଚନ୍ଦ୍ରପୁର ଗ୍ରାମପଞ୍ଚାୟତର ସରପଞ୍ଚ ମହାଦେବ୍ ଟୁଡୁ, ରାଡୋ ଗ୍ରାମପଞ୍ଚାୟତର ସରପଞ୍ଚ ବାସେନ୍ ମାର୍ଣ୍ଡି, ବଡସିଙ୍ଗିରିଆ ଗ୍ରାମପଞ୍ଚାୟତର ସରପଞ୍ଚ ଜତିନ୍ଦ୍ର ସିଂ, କୁଣ୍ଡାବାଇ ଗ୍ରାମପଞ୍ଚାୟତର ସରପଞ୍ଚ ବୁଧିରାମ ସିଂ ଓ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଠିକାଦାର ସଞ୍ଜୟ କୁମାର ଦାସଙ୍କ ନାମରେ ଭିଜିଲାନ୍ସ ୦୪/୦୫ରେ ମାମଲା ରୁଜୁ ହୋଇଥିଲା । ଶନିବାର ୨୪ଜଣ ସାକ୍ଷୀ ପ୍ରମାଣଙ୍କୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ବିଚାର ସମୟରେ କୁଚିଲ୍‌ଡିହାର ତତ୍କାଳୀନ ସରପଞ୍ଚ ଧାନୀ ମୁର୍ମୁ ଓ କୁଣ୍ଡାବାଇର ସମ୍ପାଦକ କାହ୍ନୁ ଚରଣ ମାଝୀଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେମାନଙ୍କ ବିରୋଧରେ ମାମାଲ ବନ୍ଦ କରାଯାଇଛି ।

# ଜାତୀୟ ପ୍ରତିଷ୍ଠାନ ଆଇଜରକୁ ଆଲୋକିତ କଲା ଟିପିଏସ୍ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ) ପକ୍ଷରୁ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ଆଇଜର୍)କୁ ସ୍ୱତନ୍ତ୍ର ଭାବେ ୩୩ କେଭି ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇଛି । ଏହା ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଭାରତର ଭବିଷ୍ୟତ ନିର୍ମାଣ କରୁଥିବା ଆଇଜର ଭଳି ଜାତୀୟ ସଂସ୍ଥାକୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି । ଦେଶରେ ଥିବା ମୋଟ ୭ ଟି ଆଇଜର୍ ମଧ୍ୟରେ ବ୍ରହ୍ମପୁର ଆଇଜର୍ ଅନ୍ୟତମ ।

ଗଞ୍ଜାମ ଜିଲ୍ଲାର ଲଉଡ଼ିଗାଁଠାରେ ପ୍ରାୟ ୨୦୦ ଏକର ପରିମିତ ଅଞ୍ଚଳରେ ଏହାର ସ୍ଥାୟୀ କ୍ୟାମ୍ପସ ତିଆରି ହୋଇଛି । ଆଇଜର୍ ବ୍ରହ୍ମପୁରରେ ବିଭିନ୍ନ ରାଜ୍ୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀ ଏବଂ ୨୫୦ରୁ ଅଧିକ ରିସର୍ଚ୍ଚ ସ୍କଲାର ଅଧ୍ୟୟନ କରୁଛନ୍ତି । ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ୩୩ କେଭି ବିଦ୍ୟୁତ ଲାଇନ୍ ୨୧ କିମି ବ୍ୟାପ୍ତ, ଯେଉଁଥିରେ ୧୬.୬ କିମି ଭୂତଳ ଲାଇନ୍ (ଅଣ୍ଡର ଗ୍ରାଉଣ୍ଡ) ଏବଂ ୪.୮ କିମି ଓଭରହେଡ୍ ଲାଇନ୍ ରହିଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବୈଶ୍ୱିକ ସ୍ତରର ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ଅନୁପାଳନ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଅନେକ ପଦକ୍ଷେପ ନେଇଛି । ଏଥିରେ ବିଦ୍ୟୁତ ଲାଇନ୍ ପାଖରେ ଥିବା ଗଛ ଡାଳ କାଟିବା, ବିଦ୍ୟୁତ ଭିତ୍ତିଭୂମି ଚାରିପାଖରେ ବୁଦା ସଫା କରିବା, ସୁରକ୍ଷା ପାଚେରୀ ନିର୍ମାଣ, ଆଇସୋଲେଟର ବ୍ଲେଡର ଗ୍ରିଜିଂ ଏବଂ ଆର୍ଥିଙ୍ଗ କେବଲ୍ ଲିଡ ଇତ୍ୟାଦି ପଦକ୍ଷେପ ରହିଛି । ଅତିରିକ୍ତ ସୁରକ୍ଷା ପାଇଁ ଟିପିଏସ୍ଓଡିଏଲ୍ ନିକଟରେ ଏହି ୩୩ କେଭି ଲାଇନରେ ବାର୍ଡ୍ ଗାର୍ଡ୍ ସ୍ଥାପନ କରିଛିବିଦ୍ୟୁତ ଆଘାତରୁ ପକ୍ଷୀଙ୍କ ରକ୍ଷା କରିବା ସହ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏହି ଉପକରଣଗୁଡ଼ିକୁ ଡିଜାଇନ୍ କରାଯାଇଛି ।

ଏ ସମ୍ପର୍କରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଭାରତର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଆଇଜର୍ ବ୍ରହ୍ମପୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏଭଳି ଅନୁଷ୍ଠାନକୁ ଭରସାଯୋଗ୍ୟ ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରିଥିବାରୁ ଆମେ ଗର୍ବିତ । ଆଇଜର୍ ବ୍ରହ୍ମପୁରର ଉନ୍ନତ ବିଦ୍ୟୁତ ଭିତ୍ତିଭୂମି ଅତ୍ୟାଧୁନିକ ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ସହ ଉଚ୍ଚ ମାନର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ପଦକ୍ଷେପ ଆଞ୍ଚଳିକ ଏବଂ ଜାତୀୟ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଟିପିଏସ୍ଓଡିଏଲର ଗୁରୁତ୍ୱକୁ ପ୍ରତିଫଳିତ କରୁଛି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଓ ଏସପି ବରୁଣ ଗୁଣ୍ଟୁପଲ୍ଲୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଜିଲ୍ଲାରେ ସଡକ ଏବଂ ଗମନାଗମନ କ୍ଷେତ୍ରରେ ସମସ୍ତ ବିବରଣୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାଲକୋ ମୁର୍ମୁ ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ଗତ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ମାସରେ ଧୃତ ଗତି ସମ୍ବନ୍ଧୀୟ ୪୪୭୨ଟି, ବିନା ହେଲମେଟରେ ଗାଡିଚାଳନା ଜନିତ ୧୮୬୩ଟି, ବିନା ସିଟ ବେଲ୍ଟ ଗାଡିଚାଳନା ଜନିତ ୬୦୯ଟି, ୧୨୬ଟି ମୋବାଇଲ ଫୋନ ବ୍ୟବହାର କରି ଗାଡିଚାଳନା, ମଦ୍ୟପାନ କରି ଗାଡି ଚାଳନା ୧୧୩ଟି ଏବଂ ଓଭରଲୋଡିଂ ଜନିତ ୪୬ଟି ମାମଲା ଆଞ୍ଚଳିକ ପରିବହନ ପକ୍ଷରୁ ରୁଜୁ ହୋଇଛି ଏବଂ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ପୋଲିସ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ବିନା ହେଲମେଟରେ ଗାଡିଚାଳନା ଜନିତ ୨୫୭୯ଟି, ଭୁଲ ପାର୍କିଙ୍ଗ ଜନିତ ୫୩୯ଟି, ବିନା ସିଟ ବେଲ୍ଟ ଗାଡିଚାଳନା ଜନିତ ୩୪୫ଟି, ୩୪୬ଟି ମୋବାଇଲ ଫୋନ ବ୍ୟବହାର କରି ଗାଡିଚାଳନା, ମଦ୍ୟପାନ କରି ଗାଡି ଚାଳନା ୧୬୪ଟି ମାମଲା ଏଯାବତ ହୋଇଥିବା ବେଳେ ୪୯୪ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି । ପ୍ରକାଶ ଥାଉକି ଚଳିତ ବର୍ଷ ଆଉ ବିଗତ ବର୍ଷରେ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ମୟୂରଭଞ୍ଜ ଜିଲ୍ଲାରେ ବଢ଼ିଛି । ୨୦୨୩ ମସିହାରେ ୧୬୨ଟି ଦୁର୍ଘଟଣା ମାମଲା ଥିବା ବେଳେ ୮୨ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । କିନ୍ତୁ ଚଳିତ ବର୍ଷ ଏହି ଦୁର୍ଘଟଣା ମାମଲା ୧୩୩କୁ ଖସି ଆସିଥିଲେ ମଧ୍ୟ ସେଥି ମଧ୍ୟରୁ ୯୫ଜଣ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ତେବେ ଏହି ବିବରଣୀକୁ ଜିଲ୍ଲାପାଳ ସମୀକ୍ଷା କରି ଏନ୍ଏଚ୍ଏଆଇ, ରାସ୍ତା ଏବଂ ପୂର୍ତ୍ତ ବିଭାଗକୁ ଏହାର କାର୍ଯ୍ୟ ପ୍ରଣାଳୀ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜିଲ୍ଲାରେ ଅଧିକରୁ ଅଧିକ ମଦ୍ୟପାନ କରି ଗାଡି ଚାଳନା ଏବଂ ତତ୍‌ଜନିତ ମୃତ୍ୟୁକୁ ରୋକିବା ପାଇଁ ସ୍ପେଶାଲ ଡ୍ରାଇଭ, ସରପ୍ରାଇଜ ଚେକିଂ, ପୋଲିସ-ଆରଟିଓ ସଂଯୁକ୍ତ ପ୍ରବର୍ତ୍ତନ କରାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ, ବାରିପଦା ପୌରପାଳିକା, କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ ।

# ଜାଗା ମିଶନ୍ ସମ୍ପୂର୍ଣ୍ଣ ଅଚଳ : ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବି

ବାରିପଦା, (ସବ୍ୟୁ) : ସ୍ଥାନୀୟ ବିଜୟରାମଚନ୍ଦ୍ରପୁର ଠାରେ ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର କାର୍ଯ୍ୟକାରିଣୀ ବୈଠକ ବସି ବାରିପଦାରେ ଜାଗା ମିଶନର କାର୍ଯ୍ୟକ୍ରମକୁ ପୁନଃ ଆରମ୍ଭ କରିବା ପାଇଁ ଦାବୀ କରାଯାଇଛି । ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସି ସହରରେ ଜାଗା ମିଶନ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଇଛି ବୋଲି ଅଭିଯୋଗ କରାଯାଇଛି । ଫଳରେ ପଟ୍ଟାବିହୀନ ବାସିନ୍ଦାମାନେ ଜମି ଅଧିକାର ପ୍ରମାଣ ପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରକାଶ ଥାଉକି ଓଡିଶାର ସହରାଞ୍ଚଳରେ ବସବାସ କରୁଥିବା ପଟ୍ଟାବିହୀନ ବାସିନ୍ଦାଙ୍କ ଥଇଥାନ ପାଇଁ ସ୍ଲମ ଡୁଏଲାର୍ସ ଏକ୍ଟ ୨୦୧୭ ମସିହାରେ ପାରିତ ହୋଇଥିଲା । ତଦ୍‌ନୁଯାୟୀ ଅଳ୍ପ କେତେକଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଆଉ କେତେକଙ୍କୁ ଜମି ପାଇବା ଯୋଗ୍ୟ ପ୍ରମାଣ ପତ୍ର ବା ଏଲ୍.ଇ.ସି. ପ୍ରଦାନ କରାଯାଇଛି ।

ବାରିପଦା ପୌରାଞ୍ଚଳରେ ଜଙ୍ଗଲ ଜମି କିସମର ପରିବର୍ତ୍ତନ ପାଇଁ ମଧ୍ୟ ପଦକ୍ଷେପ ନିଆ ହେଉନାହିଁ । ଫଳରେ ଅନେକ ପଟ୍ଟାବିହୀନ ବାସିନ୍ଦା ଜମି ଅଧିକାର ପ୍ରମାଣପତ୍ର ପାଇପାରୁ ନାହାଁନ୍ତି । ତେଣୁ ସଂଘ ଅସମ୍ପୂର୍ଣ୍ଣ ସର୍ଭେକୁ ସମାପ୍ତ କରିବା, ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରିବା ଓ ଏଲ୍.ଇ.ସି. କୁ ବଦଳାଇ ଏଲ୍.ଆର.ସି. ପ୍ରଦାନ କରିବ ପାଇଁ ଦାବି କରିଛି । ଏହି ବୈଠକରେ ସଂଘର ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଗୋପବନ୍ଧୁ, କାର୍ଯ୍ୟକାରୀ ସଭାପତି ରବି ଗୋସ୍ୱାମୀ, କୋଷାଧକ୍ଷା ଭାରତୀ ପାତ୍ର ଓ ଅମଲ ଦେ ଉପସ୍ଥିତ ରହି ଆଲୋଚନାରେ ମତବ୍ୟକ୍ତ କରିଥିଲେ ।

## ଓସିଏ ଭିଜନ ସିନିୟର ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ପଞ୍ଜିକରଣ

ବାରିପଦା, (ସବ୍ୟୁ) : ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଓସିଏ ଭିଜନ ସିନିୟର ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଜିଲ୍ଲାର ଇଚ୍ଛୁକ କ୍ରିକେଟ ଖେଳାଳି ମାନେ ନିଜନିଜର ନାମ ପଞ୍ଜିକରଣ କରିବାକୁ ଅନୁରୋଧ କରିଛନ୍ତି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର । ଖେଳାଳିଙ୍କ ବୟସ ୧୧ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଯେଉଁ ଖେଳାଳି ମାନଙ୍କର ନାମ ପୂର୍ବରୁ ପଞ୍ଜିକୃତ ହୋଇଛି ସେମାନେ ମଧ୍ୟ ସମସ୍ତ ପ୍ରମାଣ ପତ୍ର ଦାଖଲ କରିବେ । ନାମ ପଞ୍ଜିକରଣ ସମୟରେ ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ବା ଭୋଟର କାର୍ଡ ଏବଂ ସ୍କୁଲ ସାର୍ଟିଫିକେଟ୍ ଦାଖଲ କରିବା ଆବଶ୍ୟକ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ । ବାରିପଦା ଷ୍ଟାଡିୟମ ଅଫିସରେ ଡିସେମ୍ବର ୫ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିପାରିବେ ବୋଲି ଅନ୍ୟତମ କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି ।


BAJAJ FINSERV

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ୍**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଡି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ । ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇ ପାରିବେ: http://172.30.1.235:3000/?W0UB2QG9W
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ । ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ । ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି । କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(12-12-24) ଆଠଗଡ଼-ବୀରକିଶୋରପୁର; PCQ8SGL9187718, 9224906, 9240853, 9343782, 9358404, 9392082, 9406465, 9402714, 9484217. ଜଗତସିଂହପୁର; PU42SGL9139882, 9225278, 9253963, 9271914, 9289494, 9317475, 9373578, 9405039, 9416930. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍; PGT6SGL9216285, 9304653, 9357966, 9390178, 9421924, 9442966, 9443222, 9475593, 9496540. ସାଲେପୁର-ମେନ୍ ରୋଡ୍; PGN9SGL9184267, 9225596, 9371488, 9401463, 9471145, 9501150, 9512430. (13-12-24) ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍; PEI4SGL9189750, 9203241, 9202998, 9203815, 9240310, 9266124, 9292667, 9301706, 9317336, 9335726, 9350663, 9389170, 9417723, 9422852, 9434295, 9448913, 9476263. ଭଦ୍ରକ ସାଲାଣ୍ଡି ବାଇପାସ୍; PCR1SGL9239487, 9243400, 9305669, 9335327, 9337578, 9389074, 9395673, 9396290, 9389695, 9408887, 9415236, 9430379, 9440505. (14-12-24) ବାରିପଦା; P4C7SGL9174821, 9208032, 9217306, 9211933, 9272632, 9299739, 9318700, 9332393, 9333606, 9332978, 9346419, 9359143, 9403620, 9422052, 9470032, 9485517. କେନ୍ଦୁଝର-ମାଇନିଂ ରୋଡ୍; PCQ7SGL9179453, 9180274, 9205519, 9214877, 9269322, 9281490, 9319806, 9388634, 9487972, 9484392. ରାଜଗାଙ୍ଗପୁର; P504SGL9220223, 9240732, 9318869, 9390036, 9497963, 9495827. ରାଉରକେଲା-କୋଏଲ ନଗର; PER3SGL9170729, 9219549, 9246119, 9257484, 9373765, 9485445. (16-12-24) ବରଗଡ଼ - ଖାରକଟୀ କାଲା; PGC3SGL9168117, 9245820, 9292082, 9299358, 9303636, 9335020, 9343780, 9347456, 9388706, 9386458, 9402599, 9408784, 9415729, 9417423, 9428499, 9445986, 9487089, 9509608. ଝାରସୁଗୁଡ଼ା-ବେହେରାମଲ; PG62SGL9357219, 9408384, 9418518, 9416781, 9428477, 9468115, 9470623, 9482784, 9513550. କୁଚିଣ୍ଡା; P93KSGL9214322, 9245198, 9240297, 9254362, 9256747, 9321306, 9359182, 9373777, 9408266, 9414868, 9414464, 9427803, 9481165. (17-12-24) ଭବାନୀପାଟଣା; PU41SGL9168696, 9169128, 9321237, 9342499, 9363511, 9375574, 9401605, 9433519, 9457814, 9496511. ଜୟପୁର-ଏମ୍.ଜି ରୋଡ୍; PGH2SGL9171262, 9170854, 9171464, 9206303, 9225898, 9241274, 9247807, 9272141, 9278371, 9293102, 9337738, 9329866, 9363591, 9387768, 9402965, 9409114, 9427638, 9473869, 9489619, 9483352, 9497769, 9512771. କୋରାପୁଟ; PU40GOL1651182, 1653089, 1662289, 1664576, 1671325, 1671078, 1677040, 1697347, 1706902, 1721922, 1741573, 1747236, 1753515. ନୂଆପଡ଼ା; P86HSGL9170214, 9229361, 9300401, 9318660, 9453007, 9468233, 9501714. ରାୟଗଡ଼-ପି.ଏସ୍.ଆର୍ ରୋଡ୍; PCR4SGL9230787, 9268148, 9402903. (18-12-24) ବାଲୁଗାଁ-ମେନ୍ ରୋଡ୍; PW02SGL8868254, 9036629, 9170106, 9497254. ବ୍ରହ୍ମପୁର-କାମାପଲ୍ଲୀ ଚକ୍; PB63SGL9407457, 9476706. ବୁଗୁଡ଼ା-ମେନ୍ ରୋଡ୍; P09QSGL9241131, 9280460, 9390633, 9416120, 9471025, 9506877. ଟାଙ୍ଗୀ-ମେନ୍ ରୋଡ୍; PG01SGL9170511, 9170123, 9173608, 9201969, 9218905, 9225474, 9279494, 9324841, 9348967, 9360893, 9387041, 9403865, 9420990, 9429004, 9443764, 9440787, 9469479. (19-12-24) କଣିହାଁ; PV26SGL9169992, 9189937, 9228769, 9257032, 9306520, 9316821, 9317982, 9332348, 9336631, 9345446, 9389647, 9441140, 9473744. ନବରଙ୍ଗପୁର - ପଟେଲ ମାର୍ଗ; PCR3SGL9203463, 9202569, 9212833, 9239751, 9240149, 9255076, 9257874, 9265868, 9304114, 9318490, 9316170, 9318884, 9333812, 9348137, 9357241, 9372179, 9369753, 9388126, 9415047, 9415418, 9435073, 9455312, 9455027, 9470264, 9489650, 9496019, 9500575. ଫୁଲବାଣୀ; P93ASGL9229719, 9291146, 9419328, 9441332. (20-12-24) ଭୁବନେଶ୍ୱର - ଖଣ୍ଡଗିରି; PER5SGL9199996, 9318956, 9320133, 9331735, 9357095, 9446457, 9496232. ଭୁବନେଶ୍ୱର; P423SGL9086154, 9172912, 9194084, 9201272, 9227315, 9305710, 9322789, 9335994, 9332989, 9469517, 9489057, 9500338. କଟକ-ଲିଙ୍କ ରୋଡ୍; PGG9SGL9167188, 9253253, 9258227, 9255466, 9320638, 9390985, 9386301, 9402525, 9402196, 9430918, 9433298, 9442775, 9444689, 9454419, 9454260. କଟଣୀ-ମେନ୍ ରୋଡ୍; PCR2SGL9253108, 9256397, 9266339, 9346188, 9444184. ଖୋର୍ଦ୍ଧା ମେନ୍ ଟାଉନ୍; PDA3SGL8544568, 9268356, 9348910, 9360047, 9390174, 9445187, 9495083. ପୁରୀ ଭି.ଆଇ.ପି ରୋଡ୍; PEK3SGL9171933, 9324753, 9319743, 9346794, 9345113, 9376653, 9401469, 9413946, 9432275, 9476302, 9470936.

**ବଜାଜ ଫାଇନାନ୍ସ ଲିମିଟେଡ୍**


# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଡିସେମ୍ବର ମାସ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଅନୁକୂଲ୍ୟରେ, ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନଶୁଣାଣି ଶିବିର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଡିସେମ୍ବର ମାସର ପ୍ରଥମ ସୋମବାର ୨ତାରିଖ ସଦର ମହକୁମା ଉପଖଣ୍ଡ ବାରିପଦାର ୧୦ଟି ବ୍ଲକର ଜନସାଧାରଣଙ୍କ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପରୋକ୍ତ ଶିବିର ଅନୁଷ୍ଠିତ ହେବ । ସେହିପରି ଡିସେମ୍ବର ମାସ ଦ୍ୱିତୀୟ ସୋମବାର ସରକାରୀ ଛୁଟି ଥିବାରୁ, ମଙ୍ଗଳବାର ଅର୍ଥାତ ୯ତାରିଖ ବାମନଘାଟି ଉପଖଣ୍ଡର ୭ଟି ବ୍ଲକର ଜନସାଧାରଣଙ୍କ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସେହିପରି, ତୃତୀୟ ସୋମବାର ଅର୍ଥାତ ୧୬ ତାରିଖ ପଞ୍ଚପିଢ଼ ଉପଖଣ୍ଡର ୫ଟି ବ୍ଲକର ଜନସାଧାରଣଙ୍କ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ମାସର ଚତୁର୍ଥ ସୋମବାର ୨୩ତାରିଖ କପ୍ତିପଦା ଉପଖଣ୍ଡର ୪ଟି ବ୍ଲକର ଜନସାଧାରଣଙ୍କ ପାଇଁ ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏବଂ ପଞ୍ଚମ ତଥା ମାସର ଶେଷ ସୋମବାର ଅର୍ଥାତ ୩୦ତାରିଖ ଦିନ କରଞ୍ଜିଆ ଉପଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବ୍ଲକ ଠାରେ ଜନସାଧାରଣଙ୍କ ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ ।

ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ଏବଂ ଜିଲ୍ଲାର ଅନ୍ୟ ଉପଖଣ୍ଡ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ଜନ ଶୁଣାଣି ଶିବିର ରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡ ସ୍ତରୀୟ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ ବିଭାଗ ଅଧିକାରୀ ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଜଣାଇଛନ୍ତି ।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା




ବ୍ରହ୍ମପୁର,(ସବ୍ୟୁ) : ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରର ନୂତନ ଖେଳ ପଡିଆରେ ୪୧ତମ ବାର୍ଷିକ କ୍ରୀଡାଉଦ୍ଘାଟିତ ହୋଇଯାଇଛି। ମୂଖ୍ୟ ଅତିଥି ଅବସର ପ୍ରାପ୍ତ ଇଂରାଜୀ ପ୍ରାଧାପକ ଡ. ରାଜେନ୍ଦ୍ର ଡାକୁଆ ଯୋଗ ଦେଇଥିବା ବେଳେ ପରିଚାଳନା ସମିତୀର ଉପଦେଷ୍ଟା ଶ୍ରୀଯୁକ୍ତ ସୁଦର୍ଶନ ପାଢ଼ୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ସଂସ୍କୃତ ଆଚାର୍ଯ୍ୟ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ପୁରୋହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସୁଦର୍ଶନ ପାଢ଼ୀ ଔପଚାରିକ ଭାବେ ବିଦ୍ୟାଳୟ ବାର୍ଷିକ କ୍ରୀଡାର ଘୋଷଣା କରିଥିଲେ। ପରେ ପରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପବିତ୍ର ଜ୍ୟୋତି ମଶାଲ ମାଧ୍ୟମରେ ଆଣି ଛାତ୍ର ଛାତ୍ରୀ ମାନେ ସମ୍ପୂର୍ଣ୍ଣ ଖେଳ ପଡିଆର ପ୍ରଦକ୍ଷଣ କରିଥିଲେ। ଗତବର୍ଷ ବିଦ୍ୟାଳୟର ଚାମ୍ପିଆନ୍ ସୁଶ୍ରୀ ସ୍ୱେତାଲିନା ଭଟ୍ଟମିଶ୍ର ଓ ସାଗରିକ ଜେନା ଶିଶୁ ଭାଇଭଉଣୀ ମାନଙ୍କୁ ଚଳିତ ବର୍ଷ କ୍ରୀଡା ନିମନ୍ତେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ଶ୍ରୀମତୀ ସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ଇଂ. ମମତା ପାଣିଗ୍ରାହୀ, ସଦସ୍ୟା ପ୍ରଣତି ସାମଲ, ଦେବେନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ବିରଷ୍ଠ ଆଚାର୍ଯ୍ୟ ସାନ୍ତନୁ କୁମାର ବେହେରା, ବ୍ରଜ କିଶୋର ଦାସ ଏବଂ ରବିନ୍ଦ୍ର କୁମାର ମହାରଣା କ୍ରିଡାର ସମସ୍ତ ଦାୟିତ୍ୱ ବହନ କରିଥିଲେ।

## ବାଘଛାଲ ସହ ଦେଶୀ ବନ୍ଧୁକ ଜବତ : ଦୁଇ ଗିରଫ

ଫୁଲବାଣୀ,(ସବ୍ୟୁ) : କନ୍ଧମାଳ ଜିଲ୍ଲା ବନବିଭାଗ ଦ୍ୱାରା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଘୁ.ଉଦୟଗିରି ବନ ବିଭାଗ ଅଞ୍ଚଳରୁ ବାଘ ଛାଲ ଓ ଦେଶୀ ବନ୍ଧୁକ ଜବ୍ ହେବାସହ ଦୁଇ ଶୀକାରୀ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଦୁଇ ଜଣ ହେଲେ ଭବାନୀ ଶଙ୍କର ପ୍ରଧାନ ଓ ପ୍ରମୋଦ ପ୍ରଧାନ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ କନ୍ଧମାଳ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ଘୁ.ଉଦୟଗିରି ବନ ବିଭାଗ ଅନ୍ତର୍ଗତ କଳିଙ୍ଗା ସେକ୍ସନରେ ବାଘ ଶିକାର ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ବନ କର୍ମଚାରୀ ମାନେ ଖବର ପାଇ ଦୁଇଟି ସ୍ଥାନରେ ଚଢ଼ାଉ କରି ବାଘ ଛାଲ ସହିତ ଜଣେ ବ୍ୟକ୍ତିଙ୍କ ଘରୁ ଏକ ଦେଶୀ ବନ୍ଧୁକ, କି ପେଡ଼ ମୋବାଇଲ, ଗୋଟିଏ ଗନ ବ୍ୟାଗ ଓ ଗୋଟିଏ ଛୁରୀ ପାଇଥିବା ବେଳେ ଏହି ଘଟଣାରେ ଦୁଇ ଜଣକୁ ଆଣି ଅଟକ ରଖି ପଚରାଉଚରା କରିଥିଲେ ।ଏହି ବାଘ ଶିକାରରେ ଅନ୍ୟ କିଛି ଜଣ ସମ୍ପୃକ୍ତ ଥିବା ସନ୍ଦେହରେ ତଦନ୍ତ ଚାଲିଥିବା ନେଇ ସୂଚନା ମିଳିଛି । ତଦନ୍ତ ପରେ ଘୁ.ଉଦୟଗିରି ବନ ବିଭାଗ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରିବା ସହ ବନ ବିଭାଗ ଏକ ମାମଲା ୧୦୬/୨୦୨୪-୨୫ ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଫୁଲବାଣୀ ବନବିଭାଗ ପକ୍ଷରୁ ଫୁଲବାଣୀ ଏସିଏଫ ମଳୟ ରଞ୍ଜନ କାଲୋ ଓ ଫରେଷ୍ଟର ସରୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଏହା ପୂର୍ବରୁ ଗତ ସେପ୍ଟମ୍ବର ମାସରେ ଫୁଲବାଣୀ ରେଞ୍ଜର ଗୁଦାରି ନିକଟରେ ଚଢ଼ାଉ କରି ବାଘ ଚମଡା ଓ ବନ୍ଧୁକ ଆଦି ଜବତ କରାଯାଇଥିଲା।ଡି ଏଫ ଓ ପ୍ରଶାନ୍ତ କୁମାର ପଟେଲ ଓ ତଦନ୍ତକାରୀ ଅଧିକାରୀ ତଥା ଏସିଏଫ ଶ୍ରୀମତୀ କାଜଲ କୁମାରୀ ନାୟକ କାର୍ଯ୍ୟ ଦକ୍ଷତା, ସଚ୍ଚୋଟତା, ଆନ୍ତରିକତା ଓ ବିଶେଷ ଜ୍ଞାନ କୌଶଳ ଯୋଗୁଁ ବେଆଇନ ବନ୍ୟ ପ୍ରାଣୀ ଶିକାରୀମାନଙ୍କୁ ଗିରଫ କରିବା ସହ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ସମ୍ଭବ ହୋଇପାରିଛି ।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ

ବୁଗୁଡା, (ସବ୍ୟୁ) : ବୁଗୁଡା ବ୍ଲକ ତାଳସାକର ଗ୍ରାମସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ଯାଇଛି । ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏସ୍ଏମସି ସଭାପତି ପ୍ରଭାତ କୁମାର ଜେନା ଓ ସିଆରସିସି ଦିଲ୍ଲୀପ କୁମାର ବେହେରା ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ପୋଷାକ ବିତରଣ କରିଥିଲେ । ଶେଷରେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


ଇଣ୍ଡିଆନ ବ୍ୟାଙ୍କ Indian Bank | ଇଲାହାବାଦ ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର**
ଶ୍ୟାମ ଆର୍କେଡ, କ୍ଷେତରାଜପୁର,
ସମ୍ବଲପୁର-୭୬୮୦୦୩

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ ଇଣ୍ଡିଆନ୍ ବ୍ୟାଙ୍କ, ବରେଇପାଲି ଶାଖା ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

| ବରେଇପାଲି ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଅଭିଷେକ ପଟେଲ, ପିତା: ଶ୍ରୀ ନିରୋଜ ପଟେଲ/ ଜାମିନ୍‌ଦାର: ଶ୍ରୀ ନିରୋଜ ପଟେଲ, ପିତା: ଧନେଶ୍ୱର ପଟେଲ, ଉଭୟଙ୍କ ଠିକଣା- ସା: ମାଳିପଡା ଫାଟକ, ପୋ: ବୁଢ଼ାରାଜା ସଦର, ତହସିଲ/ଜିଲ୍ଲା: ସମ୍ବଲପୁର / ଆକାଉଣ୍ଟ ନଂ.: ୭୧୨୪୫୪୧୧୩୩, ୭୪୩୧୮୧୭୯୨୧ | ୧୮.୦୯.୨୦୨୪ ସୁଦ୍ଧା ଟ.୩୮,୬୯,୫୫୭/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୧୯.୦୯.୨୦୨୪ / ୨୫.୧୧.୨୦୨୪ | ଶ୍ରୀ ଅଭିଷେକ ପଟେଲ, ପିତା: ଶ୍ରୀ ନିରୋଜ ପଟେଲଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୮୫/୬୮୦, ପ୍ଲଟ୍ ନଂ.: ୧୫୯/୨୧୮୦, କ୍ଷେତ୍ର: ଏକର୦.୦୩୨ଡିସିମିଲି, ମୌଜା: ସମ୍ବଲପୁର ଟାଉନ, ୟୁନିଟ୍ ନଂ. ୭, ମୋଦିପଡ଼ା, ଥାନା: ସମ୍ବଲପୁର, ତହସିଲ/ଜିଲ୍ଲା: ସମ୍ବଲପୁର, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରହଦ ଦାନିପାଲି, ଦକ୍ଷିଣ: ପ୍ଲଟ୍ ନଂ. ୧୫୯, ପୂର୍ବ: ପ୍ଲଟ୍ ନଂ. ୧୬୦, ପଶ୍ଚିମ: ପ୍ଲଟ୍ ନଂ. ୧୫୮ ଏବଂ ୧୬୦ |

ତାରିଖ: ୩୦.୧୧.୨୦୨୪, ସ୍ଥାନ: ସମ୍ବଲପୁର
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ମହାନଦୀରେ ଜଳ ସଙ୍କଟ, ମତ୍ସ୍ୟଜୀବୀ ଦାଦନ ମୁହାଁ



ସୋନପୁର,(ସବ୍ୟୁ): ମହାନଦୀ ଛତିଶଗଡରୁ ବାହାରି ହୀରାକୁଦ ବନ୍ଧ ଦେଇ ତଳ ମୁଣ୍ଡକୁ ପାଣି ଯାଇ ସମୁଦ୍ରରେ ମିଶିଥାଏ । ସବୁ ସମୟରେ ଜଳ ପରିଚାଳନା ଏକ ବିରାଟ ପ୍ରସଙ୍ଗ ରହିଥାଏ । ଏବେ ମହାନଦୀରେ ପାଣିର ସଙ୍କଟ ଦେଖାଦେଇଛି । ବିଶେଷ ଭାବରେ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ପୂର୍ଣ୍ଣ ଯୌବନପ୍ରାପ୍ତ ବୋଲି କୁହାଯାଏ । ସୋନପୁରରେ ମହାନଦୀ ମନଲୋଭା ଓ ମନୋରମ ଦୃଶ୍ୟ ବେଶ ଆକର୍ଷଣ ରହିଥାଏ । କିନ୍ତୁ ଏବେ ମୌସୁମୀ ପରେ ମହାନଦୀ ସ୍ରୋତ କମି ଯାଉଅଛି। ଏହି ଚିର ସ୍ରୋତ ମହାନଦୀର ନଦୀ ଶଯ୍ୟା ପୋତି ହୋଇଯାଉଛି। ଏହି ନଦୀ ଗଭୀରତା କମି ଯାଉଛି । ମହାନଦୀର ଗତିପଥ ପରିବର୍ତ୍ତନ ଅଭିଯୋଗ ହେଉଛି । ବର୍ତ୍ତମାନ ମୁକ୍ତ ମହାନଦୀ ପ୍ରବାହ ବାଧାପ୍ରାପ୍ତ ହେଉଛି । ମୁଖ୍ୟ ମହାନଦୀର ଉପନଦୀ ଅଙ୍ଗ ଓ ସୁକତେଲ ନଦୀର ମଧ ଅନୁରୁପ ଅବସ୍ଥା ରହିଛି। ଏହାର ସ୍ରୋତ କମିବାର ପ୍ରଭାବରୁ ମହାନଦୀ ଏ ଅବସ୍ଥାରେ ଅବତୀର୍ଣ୍ଣ ହୋଇଛି। ପ୍ରକୃତରେ ନଦୀମାନଙ୍କ କୂଳ ଖାଉଛି । ଫଳରେ ମହାନଦୀ ବାଲି ଓ ମାଟିରେ ପୋତି ହୋଇଯାଉଛି । ପୂର୍ବର ବୃକ୍ଷରୋପଣ ନାହିଁ । ଏହା ଧ୍ୱଂସାଭିମୁଖ୍ୟ ହେଲାଣି । ଅପର ପକ୍ଷରେ ସୁବର୍ଣ୍ଣପୁର ଜିଲ୍ଲା ବହୁ ଅଂଶ ମହାନଦୀ ପ୍ରବାହିତ । କିନ୍ତୁ ପ୍ରାୟ ସମସ୍ତ ଦିନ ଚର୍ଯ୍ୟ ମହାନଦୀରୁ ଆରମ୍ଭ ହୋଇଥାଏ। ମୌସୁମୀ ପରେ ମହାନଦୀର ଏ ସ୍ଥିତି ନେଇ ସହର ବାସୀ ଚିନ୍ତା ପ୍ରକଟ କଲେଣି। ମହାନଦୀ ନେଇ ଏହି ଅଞ୍ଚଳ ଅର୍ଥନୈତିକ , ସାମାଜିକ , ସାଂସ୍କୃତିକ ପ୍ରଭାବିତ କରିଥାଏ । ପୂର୍ବରୁ ସ୍ଥଳପଥ ଦୁର୍ଗମ ହେତୁ ଏହି ଅଞ୍ଚଳରୁ ଲୋକେ ମହାନଦୀରେ ନୌକା ମାଧ୍ୟମରେ ପୂର୍ବ ଓଡ଼ିଶାରୁ ବ୍ୟବସାୟୀ କରୁଥିଲେ । ସେଠାରୁ ବିଭିନ୍ନ ସାମଗ୍ରୀ ଆଣି ସୋନପୁର ଗଡ଼ଜାତ ଅଞ୍ଚଳରେ ବ୍ୟବସ୍ଥାୟୀ ହେଉଥିଲା । ମହାନଦୀରେ ଜୀବନ ଜୀବିକାର ମୁଖ୍ୟ ଅଂଶ ଗ୍ରହଣ କରୁଥିଲା । ଏବେ ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହେଲେଣି । ମହାନଦୀରେ ନୌକା ବନ୍ଦ ପରେ ମତ୍ସ୍ୟ ଜୀବୀମାନେ ମାଛ ମାରି ଜୀବିକାର୍ଜନରେ କରୁଥିଲେ । ମହାନଦୀରେ ସ୍ରୋତ କମିବ ଓ ବିସ୍ଫୋରକ ଦ୍ରବ୍ୟ ଦ୍ୱାରା ମାଛ ମାରିବା ନେଇ ମାଛ ବଂଶ ଧ୍ୱଂସ ହେଲେଣି । ନଭେମ୍ବର ମାସର ଶେଷ ସୁଦ୍ଧା ମହାନଦୀ ସ୍ରୋତ ଏ ଅବସ୍ଥା ନେଇ ଉଦବେଗ ପ୍ରକାଶ ପାଉଛି । ଆଗାମୀ ଗ୍ରୀଷ୍ମଦିନରେ ଚୀର ସ୍ରୋତା ମହାନଦୀ ସ୍ରୋତ ନେଇ ସ୍ଥାନୀୟ ପରିବେଶବିତ୍ ଚିନ୍ତା ପ୍ରକାଟ ହେଲାଣି । ଏବେ ସୋନପୁର ମହାନଦୀର ଗୋକର୍ଣ୍ଣେଶ୍ୱର ଘାଟରେ ନବ ନିର୍ମିତ ଇନ ଟେକ୍ ଟାଙ୍କିରେ ପାଣି ସ୍ରୋତ ପହଞ୍ଚି ପାରୁ ନାହିଁ । ତେଣୁ ପୁରୁଣା ପାଣି ପମ୍ପ ହାଉସ ସ୍ଥାନୀୟ ଦଶମତୀ ଘାଟରୁ ସହରବାସୀ ପାଣି ଯୋଗାଉଛନ୍ତି । ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗୀୟ ଇନ ଟେକ୍ ପାଣି ଟାଙ୍କିରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରୁଛିଛ ଅପର ପଟେ ପାଣିପାଗରେ ଅନାବୃଷ୍ଟି ,ଖଣ୍ଡିତ ବୃଷ୍ଟି ପରି ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନ୍ୟ ପଟେ ଜିଲ୍ଲାର ମହାନଦୀ ସମେତ ଅନ୍ୟ ନଦୀମାନଙ୍କର ସ୍ରୋତ କମିବା ନେଇ ଆଲୋଚନା ହେଉଛି। ଗତ ୬ ବର୍ଷ ପୂର୍ବେ ରାଜ୍ୟ ସରକାର ତରଫରୁ ଜଳ ,ଜୀବନ ,ଜୀବିକା ନେଇ ସୁବଜ ମହାନଦୀ କରାଯାଇଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚରେ ଏହି କାର୍ଯ୍ୟକ୍ରମର ଏବେ ସ୍ଲୋଗାନ ହେଲା। ଏହି ଅର୍ଥ କେବଳ ଗଙ୍ଗାରେ ଶ୍ରାଦ୍ଧ ହେଲା। ବହୁ ରାଷ୍ଟ୍ରରେ ଅନେକ ନଦୀର ସ୍ରୋତ କମି ମୃତ ହେଲାଣି। ମହାନଦୀକୁ ନେଇ ଛତିଶଗଡ ଓ ଓଡ଼ିଶା ରାଜନୈତିକ ସ୍ତରରେ ବୟାନ ବାଜି ନ କରି ପ୍ରକୃତରେ ମହାନଦୀ ପ୍ରତି ଆନ୍ତରିକତା ପ୍ରକାଶ କରି ସମସ୍ତ ସମସ୍ୟା ସମାଧାନ କରିବା ଆବଶ୍ୟକତା ରହିଛି। ବୈଜ୍ଞାନିକ ପଦ୍ଧତିରେ ମହାନଦୀର ଉଦ୍ଧାର କରାଯାଉ। ଓଡିଶାର ଜୀବନ ରେଖା କୁହାଯାଉଥିବା ମହାନଦୀ ଦୀର୍ଘାୟୁ କରିବା ପାଇଁ ସରକାର , ସାମାଜିକ , ବେସରକାରୀ ସ୍ତରରେ ଚିନ୍ତା କରିବା ଆବଶ୍ୟକ ରହିଛି ।

# ଜିଲ୍ଲାରେ ବାଲ୍ୟ ବିବାହ ଚିନ୍ତାଜନକ

ବୌଦ୍ଧ,(ସବ୍ୟୁ): ୨୦୨୦-୨୧ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ସତକଡା ୨୩ ଭାଗ ବାଲ୍ୟବିବାହ ହୋଇଥିବା ସ୍ଥଳେ ବୌଦ୍ଧ ଜିଲ୍ଲାରେ ୨୫. ୩% ହେଉ ଥିବାର ସୂଚନା ଅଛି । ସେଥିପାଇଁ ରାଜ୍ୟ ଓ ଭାରତ ସରକାରଙ୍କ ତରଫରୁ ବାଲ୍ୟ ବିବାହ ରୋକିବା, ଶିକ୍ଷାର ବିକାଶ ଓ ଥଇଥାନ ପାଇଁ ଯଥେଷ୍ଟ ପଦକ୍ଷେପ ନିଆଯାଉଥିଲେ ମଧ ଏହାର ସୁଫଳ ମିଳିବା କଷ୍ଟକର ହୋଇପଡୁଛି । ଗତ ସେପ୍ଟେମ୍ବର ୨୩ ତାରିଖରେ ଉଚ୍ଚତମ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ପ୍ରଶାସନ, ସରକାର, ପଞ୍ଚାୟତ, ନିର୍ବାଚିତ ପ୍ରତିନିଧିମାନଙ୍କୁ ବାଲ୍ୟବିବାହ ରୋକିବାକୁ କ୍ଷମତା ପ୍ରଦାନ କରାଯିବା ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସମସ୍ତଙ୍କୁ ଉଭର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏଥିସହ ଭାରତ ସରକାରଙ୍କ ତରଫରୁ ଗତ ୨୭ ନଭେମ୍ବର ୨୦୨୪ ରିଖରେ ବାଲ୍ୟ ବିବାହ ନିରୋଧ ସକାଶେ ଏକ ଅଭିଯାନ ଆରମ୍ଭ କରାଯାଇଛି । ସେଥିପାଇଁ ରାଜ୍ୟ ସରକାରମାନଙ୍କୁ ୨୦୩୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବାଲ୍ୟ ବିବାହ ରୋକିବାକୁ ଦାୟିତ୍ୱ ଦିଆଯାଇଛି ।

ଏହି ପରିପକ୍ଷୀରେ ବିଶ୍ୱ ଯୁବ କେନ୍ଦ୍ର ତରଫରୁ ଏ ଅଭିଯାନକୁ ସ୍ୱାଗତ କରାଯିବା ସହିତ ସ୍ଥାନୀୟ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ସରସରା ଠାରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏତଦ ବ୍ୟତିତ ୫୦ଟି ଗ୍ରାମରେ ସଚେତନତା ସଭା ଓ ସତ୍ୟପାଠ ଅନୁଷ୍ଠିତ ହୋଇ ଯାଇଛି । ବାଲ୍ୟ ବିବାହ ନିରୋଧ ଅଭିଯାନର ଅବ୍ୟହିତ ପୂର୍ବରୁ ପ୍ରାୟ ୧୫୦୦୦ ଲୋକଙ୍କୁ ଶପଥ ପାଠ କରାଯାଇ ଅଭିଯାନରେ ସାମିଲ କରାଯାଇଛି ବୋଲି ବିଶ୍ୱ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ପାଇଛି । ଅନୁଷ୍ଠାନ ପକ୍ଷରୁ ଆହୁରି ମଧ କୁହାଯାଇଛି ଯେ ଆମର ଦୃଢ ବିଶ୍ୱାସ ଯେ ବାଲ୍ୟ ବିବାହ ଭଳି ସାମାଜିକ ସମସ୍ୟାକୁ ପରିପ୍ରକାଶ କରିବା ଓ ରୋକିବାରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ଏ ପରିପେକ୍ଷିରେ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଜିଲ୍ଲାରେ ବାଲ୍ୟ ବିବାହ ରୋକିବାରେ ସରକାର ଓ ବେସରକାରୀ ଅନୁଷ୍ଠାନ ମାନଙ୍କୁ ସହଯୋଗ କରିବାକୁ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ମନୋଜ ମହାପାତ୍ର ଅନୁରୋଧ କରିଥିଲେ । ସ୍ଥାନୀୟ ଏକ ହୋଟେଲ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନ ଓ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱ ଯୁବ କେନ୍ଦ୍ରର କର୍ମକର୍ତ୍ତା ବିଶ୍ୱଜିତ ଦାଶ, ଅଭିଷେକ ମହାପାତ୍ର, ବାଲ୍ମୀକି ମହାକୁଡ଼, ସୋନୁ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ବାପା ଚଲାଉଥିଲେ ଟ୍ରାକ୍ଟର, ଚକା ତଳେ ପଡ଼ିଗଲା ପୁଅ

ବୌଦ୍ଧ,(ସବ୍ୟୁ): ବାପାଙ୍କ ଟ୍ରାକ୍ଟର ଚକା ତଳେ ଗଲା ପୁଅର ଜୀବନ। ଘଟଣାଟି ଘଟିଛି ବୌଦ୍ଧ ଥାନା ନାରାୟଣନଗର ଗାଁରେ। ମୃତ ଶିଶୁଟିର ନାଁ ଆହ୍ୱାନ କର୍ଣ୍ଣ। ତାକୁ ମାତ୍ର ୪ ବର୍ଷ ହୋଇଥିଲା।

ଅନୀଲ କର୍ଣ୍ଣ ଟ୍ରାକ୍ଟର ଚଲାନ୍ତି। ସେ ଶନିବାର ଘର ପାଖରେ ତାଙ୍କ ଟ୍ରାକ୍ଟରକୁ ପଛକୁ ନେଉଥିବା ବେଳେ ହଠାତ୍ ତାଙ୍କ ପୁଅ ଆହ୍ୱାନ ଦୌଡ଼ି ଆସିଥିଲା। ତେବେ ଆହ୍ୱାନଙ୍କୁ ଦେଖିପାରି ନଥିଲେ କର୍ଣ୍ଣ। ସେ ଟ୍ରାକ୍ଟରକୁ ପଛକୁ ନେଉଥିବା ବେଳେ ଚକା ତଳେ ପଡ଼ି ଯାଇଥିଲା ପଛ ପଟୁ ହଠାତ୍ ଦୌଡ଼ି ଆସିଥିବା ପୁଅ ଆହ୍ୱାନ। ଟ୍ରାକ୍ଟର ଚକା ତଳେ ସେ ଚାପି ହୋଇଯାଇଥିଲା। ପୁଅର ଚିତ୍କାର ଶୁଣି ଟ୍ରାକ୍ଟରରେ ବ୍ରେକ୍ ଦେଇ ତଳକୁ ଓହ୍ଲାଇ ଆସିଥିଲେ ଅନୀଲ । କିନ୍ତୁ ସେତେବେଳକୁ ସବୁ ଶେଷ ହୋଇଯାଇଥିଲା। ରକ୍ତାକ୍ତ ହୋଇ ପଡ଼ିଥିଲା ପୁଅ। ତୁରନ୍ତ ତାକୁ ବୌଦ୍ଧ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେତେବେଳକୁ ତା'ର ମୃତ୍ୟୁ ହୋଇସାରିଥିଲା। ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଅସାବଧାନତା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ତେବେ ପୁଲିସ ଘଟଣାର ତଦନ୍ତ କରୁଛି।

# ୯ ଜାନୁଆରୀରୁ ବୌଦ୍ଧ ମହୋତ୍ସବ

## ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ନାମରେ ମଣ୍ଡପ ନାମିତ

ବୌଦ୍ଧ,(ସବ୍ୟୁ): ଆସନ୍ତା ଜାନୁଆରୀ ୨ ତାରିଖରୁ ଅନୁଷ୍ଠିତ ହେବ ବୌଦ୍ଧ ମହୋତ୍ସବ । ଏ ସମ୍ବନ୍ଧରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୌଦ୍ଧର ବରପୁତ୍ର ପ୍ରକ୍ଷ୍ୟତ ସିନେ ତାରକା ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ନାମରେ ମହୋତ୍ସବ କଳା ମଣ୍ଡପ ନାମକରଣ ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ପାରିତ ହୋଇଛି । ପ୍ରତ୍ୟେକ ବର୍ଷ ଜିଲ୍ଲା ପ୍ରତିଷ୍ଠା ଦିବସ ଜାନୁଆରୀ ୨ ତାରିଖରୁ ୫ ଦିନ ବ୍ୟାପୀ ବୌଦ୍ଧ ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ ଜାନୁଆରୀ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂ ଗତ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ ଏବଂ ଚଳିତ ମହୋତ୍ସବ କିପରି ଅଧିକ ଆକର୍ଷକ ହୋଇପାରିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ସେହିପରି ମହୋତ୍ସବ ସ୍ମରଣିକା ଯଶୋଧାରା ପ୍ରକାଶ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ସେହିପରି ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଚଳିତ ମହୋତ୍ସବରେ ୧୭୦ ଟି ଷ୍ଟଲ ହେବାକୁ ଥିବା ବେଳେ ସେଥି ମଧ୍ୟରୁ ୯୦ ଟି ଓରମାସ ଷ୍ଟଲ, ୪୦ ଟି ସରକାରୀ ବିଭାଗୀୟ ଷ୍ଟଲ, ୩୦ ଟି ଖାଦ୍ୟ ଷ୍ଟଲ, ୫ ଟି ସର୍ଭିସ ଷ୍ଟଲ ଏବଂ ୫ ଟି ଷ୍ଟାର୍ଟଅପ ଷ୍ଟଲ ହେବା ପ୍ରସ୍ତୁତି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ସାମାଜିକ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାର ଆସୋସିଏସନ, ନାଗରିକ କମିଟି ଇତ୍ୟାଦିର ପ୍ରତିନିଧି ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବିଦ୍ୟୁତ ବିଭ୍ରାଟ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଶୁକ୍ରବାର ରାତିରୁ ବିଜୁଳି ଯୋଗାଣ ବନ୍ଦ ରହିଛି। ଫଳରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀମାନେ ରାତି ଓ ଦିନରେ ଅନ୍ଧାରରେ ୱାର୍ଡ଼ରେ ରହିଥିଲେ। ଶୁକ୍ରବାର ରାତିରେ ସଟ ସର୍କିଟ ହୋଇ ଟ୍ରାନ୍ସଫର୍ମରରେ ବିସ୍ଫୋରଣ ହୋଇଥିଲା। ଫଳରେ ବିଜୁଳି ଯୋଗାଣ ଠପ୍ ହୋଇଯାଇଥିଲା। ଏହାପରେ ହସ୍ପିଟାଲରେ ରୋଗୀସେବା ବ୍ୟାହତ ହୋଇଛି ।

ଶନିବାର ଅପରାହ୍ନ ସୁଦ୍ଧା ବିଜୁଳି ଆସି ନାହିଁ। ସର୍ଜରୀ ୱାର୍ଡ, ଡାୟାଲିସିସ୍ ୟୁନିଟ୍, ମେଡିଶିନ ୱାର୍ଡ, ଆଶୁ ଚିକିତ୍ସା ରୋଗୀମାନେ ଅନ୍ଧାରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।ରୋଗୀ ପଞ୍ଜୀକରଣ କାଉଣ୍ଟରରେ ନାମକରଣ ହୋଇପାରୁ ନ ଥିବାରୁ ଶନିବାର ଦୂରଦୂରାନ୍ତରୁ ଆସିଥିବା ରୋଗୀମାନେ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ରୋଗୀମାନେ ଓପିଡିରେ ଡାକ୍ତର ଦେଖାଇ ପାରୁନାହାନ୍ତି। ବିଜୁଳି ନ ଥିବାରୁ ରଞ୍ଜନରଶ୍ମୀ, ଅଲଟ୍ରାସାଉଣ୍ଡ ମଧ କାମ କରୁନାହିଁ। ଡାୟାଲିସିସ୍ ୟୁନିଟରେ ବିଜୁଳି ନ ଥିବାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

# ବିଜୟାନନ୍ଦ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ



ଗୋଲାମୁଣ୍ଡା,(ସବ୍ୟୁ): ସ୍ଥାନୀୟ ବିଜୟାନନ୍ଦ ପବ୍ଲିକ୍ ସ୍କୁଲ୍‌ରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇ ଯାଇଛି। ସ୍କୁଲ ଅଧ୍ୟକ୍ଷ ଅମର ନାଏକଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ପରିଚାଳନା ପରିଷଦର ସଭାପତି ପ୍ରିୟବ୍ରତ ସିପକା, ସମ୍ମାନୀତ ଅତିଥି ଭାବେ ଗୋଲାମୁଣ୍ଡା ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ, ସମିତି ସଭ୍ୟ ପ୍ରତିନିଧି ସୁବାଷ ନାଏକ, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ପରିଚାଳନା ପରିଷଦର ସମ୍ପାଦକ ରୋହିତ ତାଣ୍ଡି ପ୍ରମୁଖ ଯୋଗଦେଇ କୁନି ଛାତ୍ର ଛାତ୍ରୀଙ୍କ ପ୍ରକଳ୍ପ ଦେଖିବା ସହ ସେମାନଙ୍କ ଅଭିନବ ପରିକଳ୍ପନା ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ହରେକୃଷ୍ଣ ମେହେର, ଉଦ୍ଧବ ନାଏକ,ପ୍ରଶନ୍ନ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସ୍ୱାଇଁ ଓ ପ୍ରମୋଦ ମହାନ୍ତି ପ୍ରମୁଖ ଯୋଗଦେଇ କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ୨୪ଟି ପ୍ରକଳ୍ପରେ ମୋଟ ୮୬ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସ୍କୁଲରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ବିଜ୍ଞାନୀ ମାନଙ୍କ ପ୍ରତିଭା ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲ ଉପାଧ୍ୟକ୍ଷା ଅଳକା କେଶରୀ, ବିଜୟଲକ୍ଷ୍ମୀ ପଣ୍ଡା, ଗୁଣନିଧି ରାଉତ, ସନ୍ଧ୍ୟାରାଣୀ ଖମାରୀ, ବିରେନ୍ଦ୍ର ସେନାପତି, ଶମ୍ଭୁନାଥ ମେହେର, ଲକ୍ଷ ରାଉତ, ଲୋପାମୁଦ୍ରା ରାଉତ, ସଂଯୁକ୍ତା ଲାକ୍ରା, ଯତୀନ୍ଦ୍ର ଚଲାନ, ଆକାଶ ଦାସ, ସସ୍ମିତା ପଧାନ, ରାଜେଶ୍ୱରୀ ସାହୁ, ଜେନେଭା ଶାଳିନି ସୀପକା, ଦେବାଶିଷ ତେଜୀ ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଣ ଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥଲେ ।

## ଛେଳି ଚରାଇବାକୁ ଯାଇ ନାବାଳିକା ପାଶବିକ ଅତ୍ୟାଚାରର ଶିକାର

# ଦୋଷୀକୁ ୨୦ ବର୍ଷ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପୋକ୍‌ସୋ ସ୍ୱତନ୍ତ୍ର ବିଚାରପତି ତଥା ଅତିରିକ୍ତ ଜିଲ୍ଲା ଜଜ୍ ଅଭିଳାଶ ସେନାପତି ଏକ ବ୍ୟଭିଚାର ମାମଲାର ବିଚାର କରି ଏହାର ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ଦିନବନ୍ଧୁ ଦେହୁରୀ(୬୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଅନ୍ତର୍ଗତ ଜଣେ ୧୫ବର୍ଷିୟା ନାବାଳିକା ପେଟରେ ଯନ୍ତ୍ରଣା ହେବାରୁ ତାଙ୍କ ବାପା ବୁର୍ଲା ମେଡିକାଲକୁ ନେଇଥିଲେ । ନାବାଳିକା ଜଣକ ଅନ୍ତସତ୍ତ୍ୱା ଥିଲେ ଓ ସେହି ଦିନ ଅର୍ଥାତ୍ ୨୨ଜୁଲାଇ, ୨୦୨୩ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ପୀଡିତା ଜଣକ ଘରକୁ ଫେରିବା ପରେ ମାଆଙ୍କ ନିକଟରେ ଘଟଣା ସମ୍ପର୍କରେ କହିଥିଲେ । ୯ମାସ ପୂର୍ବରୁ ସେ ଛେଳି ଚରାଇବାକୁ ପାଖ ଜଙ୍ଗଲକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ଜଣକ ଉକ୍ତ ନାବାଳିକା ସହ ବଳପୂର୍ବକ ସମ୍ପର୍କ ରଖିଥିଲା । ଘଟଣା ପ୍ରଘଟ ନକରିବାକୁ ଧମକ ଦେଇଥିଲା । ଏହା ଜଣାପଡିବା ପରେ ପୀଡିତାଙ୍କ ବାପା କିସିଣ୍ଡା ଥାନାରେ ଏତଲା ଦେଇଥିଲେ । ପରେ ଅଭିଯୁକ୍ତକୁ ପୋଲିସ ଗିରଫ କରିବା ସହ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ । ଏହି ମାମଲାରେ ୨୫ଜଣଙ୍କ ସାକ୍ଷ୍ୟ ବୟାନ ରେକର୍ଡ କରାଯାଇଥିଲା । ମାମଲାକୁ ସରକାରୀ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ ।

# ବିଜୁ ପଟ୍ଟନାୟକ ମଡର୍ଣ୍ଣ ସ୍କୁଲରେ ବିଜ୍ଞାନ ମେଳା

ରାଇଘର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ରାଇଘର ମୁଖ୍ୟ ଦପ୍ତରରେ ଥିବା ବିଜୁ ପଟ୍ଟନାୟକ ମୋଡର୍ଣ୍ଣ ସ୍କୁଲରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ ପ୍ରକାର ବୈଜ୍ଞାନିକ ପ୍ରକଳ୍ପ ମାନ ନିର୍ମିତ ହୋଇ ପ୍ରଦର୍ଶିତ କରାଯାଇଥିଲା । ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଓ ମଙ୍ଗଳ ଅଧିକାରୀ ବି. ବି ବେହେରା ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ରାଇଘର ପଞ୍ଚାୟତ ସମିତି ଅଧ୍ୟକ୍ଷ ପରୀକ୍ଷିତ ସାହୁ ଯୋଗ ଦେଇଥିଲେ । ରାଇଘର ଜୋନର ଜିଲ୍ଲାପରିଷଦ ସଭ୍ୟା ଲିପିକା ରୋଇଙ୍କ ସହ ଅତିରିକ୍ତ ବି ଡି ଓ ବିଜୟ କୁମାର ସେଠି, ପ୍ରଧାନ ଶିକ୍ଷକ ଅଭିରାମ ଲେଙ୍କା ମଞ୍ଚରେ ଯୋଗ ଦେଇଥିଲେ । ସ୍କୁଲରେ ଆବାହକ ଚିତ୍ତରଞ୍ଜନ ଗଣ୍ଡ, ବିଦ୍ୟାଳୟର ସମ୍ପାଦକ ଗଗନ ବିହାରୀ ବାହିନୀପତି ଓ ଉପସଭାପତି ରାଇସିଂ ଗଣ୍ଡ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ମଞ୍ଚକୁ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ପରେ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଜ୍ଞାନ ମେଳାରେ ଅନେକ ଗୁଡିଏ ପ୍ରକଳ୍ପ ମଧ୍ୟରୁ କେତେଜଣ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆଦାୟ କରାଯାଇଥିବା ବିଭିନ୍ନ କବିତା,ଗଳ୍ପ, ଚିତ୍ର ଓ ଖୁଦ୍ର ଗଳ୍ପକୁ ନେଇ ଏକ ପତ୍ରିକା ଉନ୍ମୋଚନ କରାଯାଇ ଛାତ୍ର ଛାତ୍ରୀ ମାନଙ୍କୁ ବିତରଣ କରାଯାଇଥିଲା । ମଧ୍ୟାହ୍ନରେ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାକୁ ମିନୁ ବାହିନୀପତି ଓ ସିଲା ମିସ ପରିଚାଳନା କରିଥିଲେ ।

# ମ. ରାମପୁର ହାଇସ୍କୁଲର କ୍ରୀଡା ପ୍ରତିଯୋଗିତା ଉଦଯାପିତ

ମ.ରାମପୁର,(ସବ୍ୟୁ): ମ.ରାମପୁର ସ୍ଥିତ ଦୁର୍ଗା ମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ହୋଇଯାଇଛି। ଶୁକ୍ରବାର ଠାରୁ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ଆଚରି ଉଦ୍ଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ସୁଶ୍ରୀ ଆଚରିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମ.ରାମପୁର ଏ ବି ଇ ଓ ଜୟସେନ୍ ନିଆଲ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଖେଳର ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଶିକ୍ଷକ ସମ୍ଭୁ ଭୂଷଣ ସାହୁ, ଶେଷଦେବ ସାହୁ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ଶତପଥୀ,ଏସଏମଡିସି ସଦସ୍ୟ ଦ୍ରୋଣାଚାର୍ଯ୍ୟ ମାଝୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ଏଥିରେ ଅତିଥି ମାନଙ୍କ ପକ୍ଷରୁ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଶେଷଦେବ ସାହୁ ପରିଚାଳନା କରିଥିଲାବେଳେ ଶିକ୍ଷକ ଶମ୍ଭୁ ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାନଗୋବିନ୍ଦ ମହାନ୍ତିଙ୍କ ପରଲୋକ

ନର୍ଲା,(ସବ୍ୟୁ): ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଶ୍ୱଶୁର ତଥା ରାଜନେତା ମାନଗୋବିନ୍ଦ ମହାନ୍ତିଙ୍କ(୮୦) ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ସ୍ୱର୍ଗତ ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ରୁପ୍ରାରୋଡ ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ରୁପ୍ରାରୋଡର ସରପଞ୍ଚ ଥିଲେ । ପରବର୍ତ୍ତି ସମୟରେ ଅଞ୍ଚଳରେ ଅନେକ ବିକାଶ କରି ଯାଇଛନ୍ତି। ତାଙ୍କ ଆବର୍ତ୍ତମାନରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡପୁଅ ଶିକ୍ଷକ ପୁଷ୍ପକ ମହାନ୍ତି (ବାପି) ଓ ସାନପୁଅ ତଥା ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି(ମୁନା), ଝିଅ ଲିଲିମା ଓ ଶୁଭଶ୍ରୀଙ୍କ ସମେତ ଧର୍ମପତ୍ନୀ, ପୁତ୍ରବଧୂ, ନାତିନାତୁଣୀ, ଆତ୍ମିୟସ୍ୱଜନ ତଥା ବନ୍ଧୁ ପରିଜନ ଉପସ୍ଥିତ ଥିଲେ ।

## ଡିଫାଇନ୍ କଳାହାଣ୍ଡିର ସଦସ୍ୟତା ଅଭିଯାନ ଆରମ୍ଭ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାବାସୀଙ୍କ ବିଶ୍ୱାସ ଓ ନିଷ୍ଠାକୁ ପୁଞ୍ଜି କରି ସମସ୍ତଙ୍କୁ ଏକାଠି କରିବା ଓ ସେମାନଙ୍କ ଆସ୍ଥାକୁ ସମ୍ମାନ ଦେଇ ଏକ ସଶକ୍ତ କଳାହାଣ୍ଡି ଜିଲ୍ଲା ଗଠନ କରିବାର ସ୍ୱପ୍ନ ଦେଖିଥିବା ଡିଫାଇନ୍ କଳାହାଣ୍ଡି ପକ୍ଷରୁ ଶନିବାର ପ୍ରଥମ ପର୍ଯ୍ୟାୟରେ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି । ଅଭିଯାନରେ ସ୍ଥାନୀୟ ଭବାନୀପାଟଣା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଦସ୍ୟ ସଂଗ୍ରହ ଅଭିଯାନରେ ଡିଫାଇନ କଳାହାଣ୍ଡିର ଅଧ୍ୟକ୍ଷ ମଧୁ ମହାନ୍ତି ଯୋଗ ଦେଇଥିଲେ । ଏହି ଅଭିଯାନ ଆଜି ଠାରୁ ଆରମ୍ଭ ହୋଇ ଥିବା ବେଳେ ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବା ସହ ୧ ଲକ୍ଷରୁ ଉର୍ଦ୍ଧ ଲୋକଙ୍କୁ ଡିଫାଇନ କଳାହାଣ୍ଡି ର ସଦସ୍ୟ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି । ସଦସ୍ୟ ସଂଗ୍ରହ ଅଭିଯାନ ରେ ଭବାନୀପାଟଣା ସହର ଓ ଆଖପାଖ ଅଞ୍ଚଳର ହଜାର ହଜାର ଯୁବକ ଯୁବତୀ ମହିଳା ପୁରୁଷ ଯୋଗ ଦେଇଥିଲେ ।

## ଓଜେୟୁ ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ସାଧାରଣ ସମ୍ପାଦକ ସରୋଜ ସାହୁ ସଭା ପରିଚାଳନା କରିଥିଲେ । ଆସନ୍ତା ଜାନୁଆରୀ ୨୨ରେ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମାବେଶ କରିବାକୁ ନିଷ୍ପତି ନିଆଯାଇଛି । ସେହିପରି ଡିସେମ୍ବର ୨୦ରେ ରେଙ୍ଗାଲିରେ ସାଧାରଣ ପରିଷଦ ବୈଠକ, କର୍ମକର୍ତ୍ତା ନିର୍ବାଚନ ଓ ସମାବେଶ ପାଇଁ ପୂର୍ବପ୍ରସ୍ତୁତି ବୈଠକ ଆୟୋଜିତ ହେବାକୁ ସ୍ଥିର କରାଯାଇଛି । ଏଥିରେ ପଶ୍ଚିମ ଓଡିଶା ପ୍ରାନ୍ତୀୟ ସମ୍ପାଦକ ରମାକାନ୍ତ ବିଶ୍ୱାଳ, ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ସୁକାନ୍ତ କର, ବାଦ୍‌ଶାହା ଜୁସ୍ମନ ରଣା, ସନ୍ତୋଷ ସାହୁ, ଶିଶିର ସାହୁ, ହରିଶଙ୍କର ମିଶ୍ର, ସଞ୍ଜୟ ପାଗଡ, ସୁବ୍ରତ ପାଢୀ ଓ ସତ୍ୟଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ପ୍ରଦାନ କରିଥିଲେ । ଶେଷରେ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖରିଫ ଧାନ ସଂଗ୍ରହ ଉପରେ ସଚେତନତା କର୍ମଶାଳା

ଖପ୍ରାଖୋଲ,(ସବ୍ୟୁ): ସ୍ଥାନୀୟ ବ୍ଲକ ସଭାଗୃହରେ ନିୟନ୍ତ୍ରିତ ବଜାର କମିଟି ତରଫରୁ ଖରିଫ ଧାନ ସଂଗ୍ରହ ଉପରେ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୋଗୀମୁଣ୍ଡା ବଜାର ନିୟନ୍ତ୍ରିତ କମିଟି ସମ୍ପାଦକ କ୍ଷମାନିଧି ଗଡତ୍ୟା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ପାଟଣାଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ସହକାରୀ ସମବାୟ ସମିତି ଉପ ପ୍ରବନ୍ଧକ ରଥ ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା ପ୍ରମୁଖ ଯୋଗଦେଇ ଏଫ୍ଏକ୍ୟୁ ମାନର ଧାନ ସଂଗ୍ରହ ଉପରେ ଆଲୋକପାତ କରିଥିଲେ । ଭଲ ମାନର ଧାନ ଦେଇ ଚାଷୀ ଉଚିତ ମୂଲ୍ୟ ନେବାକୁ କହିଥିଲେ । ଏହି ଅବସରରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର,ପ୍ୟାକ୍ସ ସଭାପତି, ଡି ଇ ଓ, ରାଜସ୍ୱ ନିରୀକ୍ଷକ, ଭିଏଡବ୍ଲ୍ୟୁ, ଅଗ୍ରଣୀ ଚାଷୀ, କୃଷକ ସାଥି ମାନେ ଯୋଗଦେଇଥିଲେ ।

# ବାଇକ ଚାଳକ ଟ୍ରକରେ ପିଟି ହୋଇ ମୃତ

ଧର୍ମଗଡ଼,(ସବ୍ୟୁ):: କଳାହାଣ୍ଡି ଜିଲ୍ଲା ଧର୍ମଗଡ ଚାରିଛକରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ଟ୍ରକରେ ପିଟି ହୋଇ ଜଣେ ବାଇକ ଚାଳକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ଜଣକ ବିଶ୍ୱମ୍ଭର ବାଗ (୪୫) । ବିଶ୍ୱମ୍ଭର କାଶିବାହାଲ ଗୋର୍ଲାପଡାର ବୋଲି ସୂଚନା ମିଳିଛି। ତାଙ୍କର ଏକ ବିବାହ ଯୋଗ୍ୟ ଝିଅ ରହିଛନ୍ତି। ରୋଜଗାରକ୍ଷମ ସ୍ୱାମୀଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ସ୍ଥାନୀୟ ପୁଲିସ ଘଟଣା ସ୍ଥଳରୁ ମୃତକଙ୍କୁ ଉଦ୍ଧାର କରି ତଦନ୍ତଜାରୀ ରଖିଛି ଓ ଟ୍ରକକୁ ଧର୍ମଗଡ ଥାନାରେ ଅଟକ ରଖିଛି। ଦୁର୍ଘଟଣା ଫଳରେ କିଛି ସମୟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ଧର୍ମଗଡ଼ ପୁଲିସର ହସ୍ତକ୍ଷେପ ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହି ପରିବାରକୁ ସରକାରୀ ସହଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ନୂତନ କୃଷି ଗଣନା ପ୍ରଶିକ୍ଷଣ ଶିବିର



ନୂଆପଡ଼ା,(ସବ୍ୟୁ): ଜିଲ୍ଲାରେ ଏକାଦଶ ତମ କୃଷି ଗଣନାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ନିମନ୍ତେ ଏକ ପ୍ରଶିକ୍ଷଣ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା ଏବଂ ସଂଯୋଜନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପ ଜଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଉପସ୍ଥିତ ଥିଲେ । ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଗତିକୃଷ୍ଣ ବେହେରା ଓ ପରିସଂଖ୍ୟାନ ଅଧିକାରୀ ଉମେଶ ଚନ୍ଦ୍ର ପ୍ରଧାନ ଗଣନାକାରୀ ମାନଙ୍କୁ ପ୍ରଶିକ୍ଷଣ ତଥା ତାଲିମ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ କୃଷି ଗଣନା ଆମ ଦେଶର ଏକ ବୃହତ ପରିଂଖ୍ୟକ କାର୍ଯ୍ୟକ୍ରମ ଯାହାକି ୧୯୭୦-୭୧ ରେ ଆରମ୍ଭ ହୋଇଥଲା । ଦେଶର ଅର୍ଥନୀତିକୁ ପରିଚାଳନା କରିବାରେ ଏହି ପରିସଂଖ୍ୟାନ ବିଶେଷ ସହାୟକ ହୋଇଥାଏ । ଏହା ପ୍ରତି ୫ ବର୍ଷରେ ସମ୍ପାଦିତ ହୁଏ । କୃଷି ବର୍ଷ ୨୦୨୦ - ୨୧ ଏହାର ୧୧ ତମ ସଂସ୍କରଣର ପ୍ରଥମ ପର୍ଯ୍ୟାୟ ସମ୍ପାଦିତ ହୋଇଯାଇଛି ।

ବର୍ତ୍ତମାନ ଆରମ୍ଭ ହେଇଥିବା ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ଗଣନାରେ କୃଷି ଭିତ୍ତିଭୂମି, କୃଷକ ମାନଙ୍କ ଆର୍ଥିକ ସ୍ଥିତି, ଶିକ୍ଷାଗତ ଯୋଗ୍ୟତା, ଆଧୁନିକ କୃଷି ଉପକରଣର ବ୍ୟବହାର, ମୃତ୍ତିକା ପରୀକ୍ଷା ଏବଂ ଜୈବିକ କୃଷି ଆଦି ବିଷୟରେ ଘର ଘର ବୁଲି ତଥ୍ୟ ସଂଗ୍ରହ କରାଯିବ । ଏଥିପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୧୩୫ ଟି ଏବଂ ତୃତୀୟ ପର୍ଯ୍ୟାୟରେ ୫୦ ଟି ନମୁନା ଗ୍ରାମରୁ ତଥ୍ୟ ସଂଗ୍ରହ କରାଯିବ । ଏଥି ନିମନ୍ତେ ଜିଲ୍ଲାର ବିଭିନ୍ନ ସହକାରୀ ରାଜସ୍ୱ ନିରୀକ୍ଷକ, କୃଷି ପର୍ଯ୍ୟବେକ୍ଷକ, ପରିସଂଖ୍ୟାନ କ୍ଷେତ୍ର ପରିଦର୍ଶକ ଏବଂ ସର୍ଭେୟର ମାନଙ୍କୁ ତାଲିମ ଦିଆଯାଉଛି । ପ୍ରଶିକ୍ଷଣ କର୍ମଶାଳାକୁ ଜିଲ୍ଲା ଯୋଜନା ଏବଂ ସଂଯୋଜନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଅଙ୍କିତ କୁମାର ମହାକୁର ଏବଂ ସହକାରୀ ନିର୍ଦ୍ଦେଶକ ଡିଲେଶ୍ୱର ଧରୁଆ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶବର କୃଷି ଗଣନା କାର୍ଯ୍ୟକ୍ରମକୁ ଜିଲ୍ଲାରେ ସଫଳତାର ସହିତ ସମୟ ସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାତ୍ୟା ପ୍ରଭାବରେ ବର୍ଷା, ବ୍ୟାପକ ଧାନ ଫସଲ ନଷ୍ଟ



ସମ୍ବଲପୁର,(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ପେଙ୍ଗାଲ ପ୍ରଭାବରେ ରାଜ୍ୟରେ ଝିପିଝିପି ବର୍ଷା ହୋଇଛି । ଏହାର ପ୍ରଭାବ ସମ୍ବଲପୁର ଜିଲ୍ଲାରେ ମଧ୍ୟ ପଡିଛି । ସମ୍ବଲପୁର ସମେତ ଜିଲ୍ଲାର ଧନକଉଡା, ଯୁଯୋମୁରା, ରେଢାଖୋଲ, ନାକଟିଦେଉଳ, ଜମନକିରା, କୁଚିଣ୍ଡା, ବାମରା ଆଦି ବ୍ଲକରେ ବର୍ଷା ହୋଇଛି । । ଅନେକ ସ୍ଥାନରେ କୋହଲା ପାଗ ସହ ହାଲୁକାରୁ ମଧ୍ୟମ ଧରଣର ମଧ୍ୟ ବର୍ଷା ହୋଇଛି । ଫଳରେ ଚାଷୀଙ୍କ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି । ଏଭଳି ୨ଦିନ ଲାଗି ରହିଲେ ବ୍ୟାପକ କ୍ଷତି ହେବ ବୋଲି ଚାଷୀ ମାନେ କହିଛନ୍ତି ।

ସମ୍ବଲପୁର ଜିଲ୍ଲାରେ ଖରିଫ ଧାନ କିଣା ଆରମ୍ଭ ହୋଇଯାଇଛି । ଚାଷୀ ମାନେ ନିଜ ଉତ୍ପାଦିତ ଫସଲ ଅମଳ କାମରେ ଲାଗିଛନ୍ତି । ଅନେକ ଚାଷୀ ଧାନ କାଟି ଖଳାରେ ଗଦା କରିଛନ୍ତି । ପୁଣି କାହାର ଧାନ କଟା ହୋଇ ବିଲରେ ପଡିଛି । ଏଭଳିସ୍ଥଳେ ଏହି ଅଦିନିଆ ବର୍ଷା ସମସ୍ତ ଚାଷୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି । ଅନ୍ୟପଟେ କିଛି ଚାଷୀଙ୍କ ଧାନ ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ବେଳେ ତାହା ପୁଣି ବର୍ଷାରେ ଭିଜିଛି । ଠିକଣା ସମୟରେ ମଣ୍ଡି ଗୁଡିକରୁ ଧାନ ଉଠୁନଥିବାରୁ ଚାଷୀ ବେଶ ହଇରାଣ ହେଉଛନ୍ତି । ଅଧିକାଂଶ ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ଓ ଅନ୍ୟ ଆନୁସଙ୍ଗିକ ଭିତ୍ତିଭୂମିର ଅଭାବ ରହିଛି । ସମ୍ବଲପୁର ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ବିଲରେ ଧାନ ଅମଳକ୍ଷମ ରହିଛି । ବର୍ତ୍ତମାନ ଧାନ ଫସଲକୁ ପାଣି ନୁହେଁ ଖରାର ଆବଶ୍ୟକ ଥିବାବେଳେ ଏହା ବେଶ କ୍ଷତି କରିଛି । ଗୋଟେପଟେ ଏଫ୍ଏକ୍ୟୁ ମାନର ଧାନ ସତ୍ୱେ ମିଲର୍ସ ମାନେ କଟନୀଛଟନୀ କରୁଛନ୍ତି । ଯାହାକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଯାଉଛି । ତେବେ ବର୍ଷାରେ ଭିଜିବା ପରେ ଏହାର ମାନକୁ ନେଇ ଅଧିକ କଟନୀ ଛଟନୀ କରାଯିବ ବୋଲି ଚାଷୀ ମାନେ ଆଶଙ୍କା କରାଯାଉଛି । କାରଣ ପଶ୍ଚିମଓଡିଶାରେ ବ୍ୟାପକ ଭାବେ କଟନୀଛଟନୀ କରାଯାଉଛି ।

# ସିନାପାଲି ଥାନା ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ

ସିନାପାଲି, (ସବ୍ୟୁ): ସିନାପାଲି ବ୍ଲକ ଅନ୍ତର୍ଗତ ନୂଆମାଲପଡା ପଞ୍ଚାୟତ ଡଙ୍ଗରଗାଁ ଠାରେ ସିନାପାଲି ଥାନା ପକ୍ଷରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଏସଆଇ ପ୍ରଭାକର ନାୟକ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ଏବଂ ଜନସାଧାରଣଙ୍କ ମନରେ ପୋଲିସ ପ୍ରତି ଥିବା ବିଭିନ୍ନ ଭୟ ଭାନ୍ତିକୁ ଦୂର କରିବାକୁ ଚେଷ୍ଟା କରାଯାଇଥିଲା । ପୋଲିସ ବିଭାଗର ଅନେକ ନିୟମରେ ପରିବର୍ତ୍ତନ ହୋଇଥିବା ବେଳେ ଅଭିଯୋଗକାରୀ ଓ ଦୋଷୀଙ୍କୁ ଥାନା ପକ୍ଷରୁ କୌଣସି ଦୁର୍ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଏଣୁ ପୋଲିସ ପ୍ରତି ଜନସାଧାରଣ ଭୟଭୀତ ହେବା କୌଣସି ଆବଶ୍ୟକ ନାହିଁ । ଜନସାଧାରଣ ଯେମିତି ଅଜଣା ବ୍ୟକ୍ତିଙ୍କ ଫୋନ କଲରେ ଠକାମୀର ଶିକାର ନହେବେ । ସମସ୍ତଙ୍କ ସ୍ୱାଧିନ ଚିନ୍ତା ଧାରାରେ ପୋଲିସ ସହ ଯୋଗାଯୋଗ ରଖି କାର୍ଯ୍ୟ କଲେ ଅନେକ ସୁଫଳ ମିଳିବ ବୋଲି ଥାନାଧିକାରୀ ଶ୍ରୀମତୀ ପ୍ରଧାନ ବୁଝାଇ ଥିଲେ ।

ସେହିପରି ଏସଆଇ ହସଦେବ ଯୋଶୀ ଗାଡିମଟର ଚଲାଇବା ବେମେମଳ ସାବଧାନ ଅବଲମ୍ବନ କରି ଦୁର୍ଘଟଣ୨୨୪ଣମମକୁ ବଞ୍ଚିବା ଓ ଗାଡିର ଆବଶ୍ୟକ କାଗଜପତ୍ର ରଖିବା, ହେଲମେଟ ପିନ୍ଧିବା ତଥା ଅନ୍ୟାନ୍ୟ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ସିନାପାଲି ଥାନାଧିକାରୀ ଶ୍ରୀମତୀ ପ୍ରଧାନ ସମେତ ଏସଆଇ ହସଦେବ ଯୋଶୀ, ମନୋଜ କୁମାର ସାହୁ, କେଶବ ମାଝି, ଶ୍ରୀମତୀ ଦୁର୍ଗା, ଏସ.କେ ମୁର୍ମୁ, ଏଏସଆଇ ପ୍ରଭାକର ନାୟକ, ସ୍ଥାନୀୟ ସମିତିସଭ୍ୟ ଟୋପଚନ ମାଝି, ସମାଜସେବୀ ଲକ୍ଷ୍ମିକାନ୍ତ ମେହେର, ପିଇଓ ଢକନ ଚଲାନ, ଗ୍ରାମର ୱାର୍ଡ ସଭ୍ୟ ସଭ୍ୟା ଓ ଭଦ୍ରବ୍ୟକ୍ତି ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ସିନାପାଲି ଥାନାର ଅନେକ କର୍ମଚାରୀ ଓ ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

# ପରବ ପଡ଼ିଆର ସ୍ଥିତି ପରଖିଲେ ଜିଲ୍ଲାପାଳ

କୋରାପୁଟ,(ସବ୍ୟୁ): ଆସନ୍ତା ଡ଼ିସେମ୍ବର ମାସ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୪ର ମୁଖ୍ୟ ଉତ୍ସବ ନୂତନ ପରବ ପଡ଼ିଆରେ ଆୟୋଜିତ ହେବ। ଉକ୍ତ ପରବ ପଡ଼ିଆର ସ୍ଥିତି ପରଖିବା ପାଇଁ ଆଜି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରିଦର୍ଶନ କରିଥିଲେ। ପରବ ପଡ଼ିଆରେ ପଲ୍ଲୀଶ୍ରୀ ମେଳା, ଖାଦ୍ୟ କୋର୍ଟ, ବିଭିନ୍ନ କାର୍ଯ୍ୟାଳୟର ଉନ୍ନୟନ ମୂଳକ ପ୍ରଦର୍ଶନୀ ନିମନ୍ତେ ଷ୍ଟଲ ଗୁଡ଼ିକ କିପରି କରାଯିବ ତା ପାଇଁ ଜିଲ୍ଲାପାଳ ଇଭେଣ୍ଟ ପରିଚାଳନା ଟିମର ସହ ଆଲୋଚନା କରିଥିଲେ ଏବଂ ଦୁଇ ଦିନ ମଧ୍ୟରେ ଷ୍ଟଲ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ପରବ ଷ୍ଟେଜ ନିର୍ମାଣ ସଂପର୍କରେ ବିଭାଗୀୟ ଅଧିକାରୀଙ୍କ ଆଲୋଚନା କରାଯାଇଥିଲା ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ରାଉତ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, କୋରାପୁଟ ତହସିଲଦାର ଶୟଦ ସବୀର ସାହା,କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରାବଣୀ ନାୟକ, କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାମଲ, କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା,ଓରମାସ କାର୍ଯ୍ୟନିର୍ବାହୀ ଅଧିକାରୀ ରୋସନ କାର୍ତ୍ତିକ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାୟଗଡାରେ ରେଳ ଡିଭିଜନ ନେଇ ପ୍ରକ୍ରିୟା ଆରମ୍ଭ : ସାଂସଦ ବଳଭଦ୍ର

ମାଲକାନଗିରି/ରାୟଗଡା,(ସବ୍ୟୁ): ୱାଲଟିୟର ଠାରେ ହେଉଥିବା ସାଉଥ କୋଷ୍ଟ ଜୋନ ଏବଂ ରାୟଗଡା ଠାରେ ହେବାକୁ ଯାଉଥିବା ରେଳ ଡିଭିଜନ ପ୍ରତିଷ୍ଠା ନେଇ କୌଣସି ଶଙ୍କା ଆଶଙ୍କା ନାହିଁ ଏବଂ ଏହା ପ୍ରତିଷ୍ଠା ହେଲେ ଓଡିଶା ଏବଂ ନିର୍ଦ୍ଦିଷ୍ଟ ଭାବରେ ଦକ୍ଷିଣ ଓଡିଶାର ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ ବୋଲି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଏକ ଭିଡିଓ ବାର୍ତ୍ତାରେ ପ୍ରକାଶ କରି ସୂଚନା ଦେଇଛନ୍ତି । ବିଗତ ଦିନରେ ୱାଲଟର ଠାରେ ହେବାକୁ ଥିବା ସାଉଥ କୋଷ୍ଟ ଜୋନ ତାହା ପାଇଁ ଟେଣ୍ଡର ବାହାରିଛି ତାହାକୁ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି ଯାହାକି ସତ୍ୟ ନୁହେଁ। ଯେଉଁ ସମୟରେ ଆନ୍ଧ୍ର ପ୍ରଦେଶ ଭାଗ ହୋଇ ଆନ୍ଧ୍ର ଓ ତେଲେଙ୍ଗାନା ହୋଇଥିଲା ସେହି ସମୟରେ କେନ୍ଦ୍ର ସରକାର ସହ ତତ୍କାଳିନ ସରକାର ସହ ଚୁକ୍ତି ହୋଇଥିଲା ଏବଂ ତାକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନ ଟେଣ୍ଡର ବାହାରିଛି ।

ଏଥିରେ ଓଡିଶାର କେଣସି ପ୍ରକାର ସ୍ୱାର୍ଥ ହାନି ହେବ ସେମିତି କିଛି ନାହିଁ । ରାୟଗଡା ଠାରେ ମଧ୍ୟ ପ୍ରସ୍ତାବିତ ରେଳ ଡିଭିଜନ ପାଇଁ ଟେଣ୍ଡର ପ୍ରକ୍ରୀୟା ସରିଛି । ବହୁତ ଶୀଘ୍ର କାର୍ଯ୍ୟ ଆରମ୍ଭ ମଧ ହେବ । ଏନେଇ କିଛି ସାଂସଦ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଭେଟିଥିଲେ । ଏହି ସମୟରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ରାୟଗଡା ଠାରେ ଖୁବ୍ ଶୀଘ୍ର ରେଳ ଡିଭିଜନ ପ୍ରତିଷ୍ଠା ହେବ ଏବଂ ଓଡିଶାର ସ୍ୱାର୍ଥକୁ ପ୍ରାଥମିକତା ନିଶ୍ଚିତଭାବରେ ଦିଆଯିବ ଏଥିରେ ଦ୍ୱିମତ ନାହିଁ ବୋଲି ପ୍ରତିଶୃତି ଦେଇଥିବା ସାଂସଦ ଶ୍ରୀ ମାଝି ପ୍ରକାଶ କରିଛନ୍ତି । ଏହି ରେଳବାୟି ଡିଭିଜନର ଭୌଗଳିକ ସ୍ଥିତି ଏପରି ତିଆରି କରାଯିବ ଯାହା ଓଡିଶାର ସ୍ୱାର୍ଥ ହାନି ହେବ ନାହିଁ ବୋଲି ପ୍ରକାଶ କରିଛନ୍ତି ।

# ରକ୍ତଦାନ ଶିବିର, ୩୫ ୟୁନିଟ୍ ସଂଗ୍ରହ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ମୁଖ୍ୟାଳୟ ସ୍ଥିତ ଜଙ୍ଗଲ ବିଭାଗ ଡାକବଙ୍ଗଳାଠାରେ ଶନିବାର ମାଁ ମାହେଶ୍ୱରୀ ସେନା ଏବଂ ବଜରଙ୍ଗ ଦଳ ମୁରିବାହାଲ ପ୍ରଖଣ୍ଡ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ କଣ୍ଟାବାଞ୍ଜି ସିଏଚ୍‌ସି ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରାକେଶ ପଣ୍ଡିତ, ଡକ୍ଟର ଇପ୍ସିତା ବେହେରା,ମୁରିବାହାଲ ସିଡିପିଓ ପୂର୍ଣ୍ଣିମା ବୈଠାରୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଶିବିରରେ ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ରାମଚନ୍ଦ୍ର ନାୟକଙ୍କ ସମେତ ପ୍ରାନ୍ତ ସହ ସଂଯୋଜକ ସୌମ୍ୟରଞ୍ଜନ ମିଶ୍ର ଏବଂ ଟିଟିଲାଗଡ଼ ଜିଲ୍ଲା ସଂଯୋଜକ ରାଜେଶ କୁମାର ପଟ୍ଟନାୟକ ଉପସ୍ଥିତ ରହି ବଜରଙ୍ଗ ଦଳର ଆଭିମୁଖ୍ୟ ଏବଂ ରକ୍ତଦାନର ଉପକାରିତା ସମ୍ବନ୍ଧରେ ନିଜ ନିଜର ମତ ପୋଷଣ କରିଥିଲେ । ଶିବିରରେ ପ୍ରାୟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ

ଝାରସୁଗୁଡା,(ସବ୍ୟୁ): ଜିଲ୍ଲାସ୍ତରୀୟ ମହିଳା ଓ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ରାଧାରମଣ ବିଡ଼ିଆ, ଡାକ୍ତର ଲକ୍ଷ୍ମଣ କର୍ମୀ,ଡାକ୍ତର ପି ସି ଦଳାଇ, ଡାକ୍ତର ମଧୁଲିତା ସାହୁ, ଡି ପିଏମ୍ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହିଂସା ଓ ଉତ୍ପୀଡ଼ନମୁକ୍ତ ସମାଜରେ ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅ ମାନଙ୍କର ମୌଳିକ ଅଧିକାର । ଏହି ଅଧିକାରରୁ ସେମାନଙ୍କୁ କେହି ବଞ୍ଚିତ ନକରିବାକୁ ଆଜିର ଆହ୍ୱାନ ସ୍ୱରୂପ ସମସ୍ତେ ଏ ଦିଗରେ ଯତ୍ନବାନ ପୂର୍ବକ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ବୈଠକରେ ପରାମର୍ଶ ଦେଇଥିଲେ।

ଘରୋଇ ହିଂସା ବା ଯୌନ ସମ୍ବନ୍ଧୀୟ ହିଂସା,ସମ୍ମାନ ହାନି ହେଲା ଭଳି ଅଶୋଭନୀୟ ଆଚରଣ, ମହିଳା କିମ୍ବା ଝିଅ ଚାଲାଣ, ଅପହରଣ ବା ନିଖୋଜ, ଲିଙ୍ଗ ବିଭେଦ, ବାଲ୍ୟ ବିବାହ, ଯୌତୁକ ସମ୍ବନ୍ଧୀୟ ନିର୍ଯ୍ୟାତନା ବା ଶୋଷଣ, ରାସାୟନିକ ପଦାର୍ଥ(ଏସିଡ୍) ଫିଙ୍ଗିବା କିମ୍ବା ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ପୂର୍ବକ ଏ ଦିଗରେ ନିରାକରଣ ସକାଶେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପିତ ମହିଳା ସହାୟତା ନମ୍ବର୧୮୧ କିମ୍ବା ୧୧୨ ଅଥବା ଶିଶୁ ସହାୟତା ନମ୍ବର ୧୦୯୮ ଯୋଗାଯୋଗ କରିବା ପାଇଁ ସୂଚନା ଦିଆଯାଇଥିଲା। ଏହା ବ୍ୟତୀତ ଉପରୋକ୍ତ ହିଂସା ବା ନିର୍ଯ୍ୟାତନାର ଶିକାର ମହିଳା କିମ୍ବା ଝିଅ ନିକଟସ୍ଥ ଅଙ୍ଗନବାଡ଼ି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦିଆଯାଇଛି।

ଏହି ପରିପ୍ରେକ୍ଷୀରେ ସଖୀ କେନ୍ଦ୍ରରେ ଉପଲବ୍ଧ ପୋଲିସ ,ଡାକ୍ତରୀ ଓ ଆଇନଗତ ସହାୟତା ତଥା ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ, ଆଶ୍ରୟ ଏବଂ ଆବଶ୍ୟକୀୟ ଅନ୍ୟାନ୍ୟ ସହାୟତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

# ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ ଲାଗି ବଲାଙ୍ଗିର ଜିଲ୍ଲାରେ ବିଦ୍ୟୁତ ଯୋଗାଣ ପ୍ରଭାବିତ

ବଲାଙ୍ଗିର,(ସବ୍ୟୁ): ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ପକ୍ଷରୁ ୧୩୨/୩୩ କେ.ଭି. ବଲାଙ୍ଗିର ଗ୍ରୀଡ୍ ସବଷ୍ଟେସନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଜିଲ୍ଲାର ଉଡ଼ିଆପାଲି, ବେହେରାପାଲି, ଭାଲେର, ଭରସୁଜା, ବିନ୍ଧାପାଲି, ଝାରମୁଣ୍ଡା, କନ୍ଧାଝୁରୀ, ଖଲିଆପାଲି, କୁରୁଲ, କୁସୁଙ୍ଗ, ମାଧିଆପାଲି, ମହିମୁଣ୍ଡା, ପାଣ୍ଡେସରା, ସଦେଇପାଲି, ସାଛନ୍ତପୁର, ସରଗଡ଼ା, ଉମରିଆ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ୦୨.୧୨.୨୦୨୪ ସୋମବାର ସକାଳ ୮ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ । ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ । ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ।

# ଘୋଟିଆ ମଣ୍ଡିରେ ଜିଲ୍ଲାର ପ୍ରଥମ ଧାନ କିଣା

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଘୋଟିଆ ମଣ୍ଡିରେ ଖରିଫ ଧାନ କିଣା ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା ଏହାକୁ ଉଦଘାଟନ କରିଥିଲେ । ଉଦଘାଟନ ସମୟରେ ଡିଆରସିଏସ ପ୍ରମୋଦ କୁମାର ସାହୁ,ସି ଏସ୍ ଓ ପବିତ୍ର ସାହୁ, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ,ଗୋଲାମୁଣ୍ଡା ବି ଡି ଓ ଶ୍ରୀଧର ପଣ୍ଡା,ନୋଡାଲ ଅଧିକାରୀ ସରସ୍ୱତୀ ମେହେର, ପ୍ୟାକ୍ସ ସମ୍ପାଦକ କିରଟି ପ୍ରଧାନ ,ନିକାଶ ଖମାରି ପ୍ୟାକ୍ସ ଓ ଆରଏମସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ବା ଆରଏମସି ଗୋଲାମୁଣ୍ଡା, ଧର୍ମଗଡ଼ ଓ ଜୁନାଗଡ଼ ବ୍ଲକ କୁ ନେଇ ଗଠିତ ହୋଇଛି । ଚଳିତ ଖରିଫ ଋତୁ ଗୋଲାମୁଣ୍ଡା ବ୍ଲକରେ ୧୭ଟି ମଣ୍ଡିରୁ ଗୋଟିଏ ମଣ୍ଡିରେ ଏସଏଚଜି ଧାନ କ୍ରୟ ପାଇଁ ଚୟନ ହୋଇଥିବା ବେଳେ ୧୬ ଟି ମଣ୍ଡିରୁ ପ୍ୟାକ୍ସ ଧାନ କିଣିବ।

# ୩ ତାରିଖରେ ଜଳସେଚନ ଦାବିରେ ହେବ ରାସ୍ତା ଅବରୋଧ

କୋକସରା,(ସବ୍ୟୁ): ଇନ୍ଦ୍ରାବତୀ ଜଳଭଣ୍ଡାରରୁ ମେଗାଲିଫ୍ଟ ପ୍ରକଳ୍ପରୁ ଚଳିତ ରବି ଚାଷ ପାଇଁ ଜଳସେଚନ ବନ୍ଦ ନେଇ ବିଭାଗୀୟ ନିଷ୍ପତ୍ତି ପରେ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧିବା ସହ ଆସନ୍ତା ୩ ତାରିଖରେ କୋକସରା ବ୍ଲକର ମୋଟେର ଛକରେ ୨୬ ନମ୍ବର ଜାତୀୟ ରାଜପଥ ସକାଳରୁ ଅପରାହ୍ନ ପର୍ଯ୍ୟନ୍ତ ଅବରୋଧ କରିବା ନେଇ ଚୂଡାନ୍ତ ନିଷ୍ପତ୍ତି ନେଇଛନ୍ତି । ଜଳସେଚନ ପାଇଁ ଚାଷୀ ସଙ୍ଗଠନ ପକ୍ଷରୁ ଉପଖଣ୍ଡ ଜିଲ୍ଲା ପ୍ରଶାସନ ଓ ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀଙ୍କ ସହିତ ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିବାରୁ ଚାଷି ଆନ୍ଦୋଳନ ମୁହାଁ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୮ କିମି ମେଗାଲିଫ୍ଟ କେନାଲ ଦ୍ୱାରା ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକ ଚାଷିଙ୍କୁ ବିଗତ ୨ ବର୍ଷ ଧରି ରବି ଚାଷ ପାଇଁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ତେବେ ଚଳିତ ବର୍ଷ ଜଳଭଣ୍ଡାରରେ ଜଳସ୍ତର ହ୍ରାସ ପାଇଥିବାରୁ ଜଳସେଚନ ବନ୍ଦ ପାଇଁ ମେଗାଲିଫ୍ଟ ପ୍ରକଳ୍ପ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାକୁ ପ୍ରତିବାଦ କରି କୋକସରା ବ୍ଲକ ସଚେତନ କୃଷକ ମଞ୍ଚର ଆବାହକ ଶିବ ପ୍ରସାଦ ପ୍ରଧାନୀ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ଚାଷୀନେତା, ଜନ ପ୍ରତିନିଧି ଓ ଶତାଧିକ ଚାଷୀ ଏହି ରାସ୍ତା ଅବରୋଧ ଆନ୍ଦୋଳନରେ ସାମିଲ ହୋଇ ମେଗାଲିଫ୍ଟରୁ ଜଳସେଚନ ଦାବି ପାଇଁ ଅଣ୍ଟା ଭିଡିଛନ୍ତି। ଏଥିପାଇଁ ଡ଼ାକବାଜି ସାହାଯ୍ୟରେ ଚାଷୀଙ୍କୁ ଏକଜୁଟ ହୋଇ ପ୍ରତିବାଦରେ ହଜାର ହଜାର ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରାଯାଉଛି। ଜାତୀୟ ରାଜପଥ ଅବରୋଧ ହେଲେ ବରଗଡ଼ରୁ ବୋରିଗୁମା ମଧ୍ୟରେ ଭବାନୀପାଟଣାରୁ ଜୟପୁର, ମୁଖୀଗୁଡା ଗାଡି ଚଳାଚଳ ପ୍ରଭାବିତ ହେବାର ଆଶଙ୍କା ରହିଛି।

# ନାବାଳିକା ବ୍ୟଭିଚାର ମାମଲା ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ପୋକ୍‌ସୋ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଏକ ନାବାଳିକା ବ୍ୟଭିଚାର ମାମଲାର ଶୁଣାଣୀ କରି ରାୟ ପ୍ରଦାନ କରିଛନ୍ତି । ମହୁଲପାଲି ଥାନା ଅଞ୍ଚଳର ସୁରେନ୍ଦ୍ର ବାଗଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଦଣ୍ଡ ବିଧାନ କରିଛନ୍ତି । ଅର୍ଥ ଅନାଦେୟ ହେଲେ ଅଧିକ ୬ମାସ ଦଣ୍ଡର ବ୍ୟବସ୍ଥା ରହିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳର ଏକ ୫ବର୍ଷିୟା ନାବାଳିକା ପଡୋଶୀ ସୁରେନ୍ଦ୍ର ବାଗଙ୍କ ଘରକୁ ଯାଇ ଅନ୍ୟ ଶିଶୁମାନଙ୍କ ସହ ଖେଳୁଥିଲେ । ନାବାଳିକାଙ୍କ ବାପାମାଆ କାମ କରିବାକୁ ବାହାରକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ସୁରେନ୍ଦ୍ର ନିଜର ପିଲାମାନଙ୍କୁ ଘର ବାହାରକୁ ଗାଧୋଇ ଯିବା ପାଇଁ କହି ନାବାଳିକାକୁ ଘର ଭିତରକୁ ଡାକି ନେଇଥିଲେ । ଅଭିଯୁକ୍ତ ଜଣକ ନାବାଳିକାକୁ ଏକାକି ପାଇ ଅଶ୍ଳିଳ ଭିଡିଓ ଦେଖାଇଥିଲା । ପରେ ପାଶବିକ ବ୍ୟଭିଚାର କରିଥିବା ଅଭିଯୋଗ ହୋଇଥିଲା । ଗତ ୭ଏପ୍ରିଲ, ୨୦୨୨ଏହି ଘଟଣା ସଙ୍ଗଠିତ ହୋଇଥିଲା । ପରିସ୍ରାରେ କଷ୍ଟ ହେବାରୁ ପୀଡିତା ଶିଶୁକନ୍ୟା ନିଜ ମାଆଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ପରେ ପୀଡିତାଙ୍କ ବାପାମାଆ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଥିଲେ । ଘଟଣା ସମ୍ପର୍କରେ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ମନା କରିବା ସହ ଧମକ ଦେଇଥିଲା । ପରେ ପରିବାର ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲା । ୧୯ଜଣଙ୍କ ସାକ୍ଷ୍ୟ ବୟାନ ଓ ୧୮ଟି ସାକ୍ଷ୍ୟପ୍ରମାଣଙ୍କୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ ।

# 'ପରବ' ଚେସ୍ ପ୍ରତିଯୋଗିତା : ଭାଗ ନେଲେ ୧୭୦ ପ୍ରତିଯୋଗୀ

କୋରାପୁଟ,(ସବ୍ୟୁ): ଜାତୀୟ ସ୍ତରୀୟ ଆଦିବାସୀ ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ପରବ ପାଳନ ଅବସରରେ ପୂଜାରୀପୁଟ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ଚେସ ପ୍ରତିଯୋଗୀତା ଶେଷ ହୋଇଯାଇଛି । କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସାଂସ୍କୃତିକ ତଥା କ୍ରୀଡ଼ା ପ୍ରତିଭା ମାନଙ୍କୁ ଲୋକଲୋଚନକୁ ପରବ ମାଧ୍ୟମରେ ଅଣାଯାଉଛି ।

ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ପରବ ଚେସ ପ୍ରତିଯୋଗୀତା ଆୟୋଜନ କରାଯାଇଛି । ଏଥିରେ ନିଶ୍ଚିତ ଭାବେ ଚେସ ପ୍ରତିଭାମାନେ ଲୋକଲୋଚନକୁ ଆସିପାରିବେ ସେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ବର୍ଗର ୧୭୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏଠାରୁ ବିଭିନ୍ନ ବର୍ଗରେ ପ୍ରଥମ ହୋଇଥିବା ଖେଳାଳୀ ମାନଙ୍କୁ ଜିଲ୍ଲାସ୍ତରୀୟ ପରବ ଉତ୍ସବରେ ପୁରସ୍କୃତ କରାଯିବ । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ଼,ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଫୁଟବଲ ସୋନପୁରକୁ ହରାଇ ସେମିରେ କନ୍ଧମାଳ



କନ୍ଧମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ସ୍ଥିତ କଲେଜ ଖେଳ ପଡ଼ିଆରେ କନ୍ଧମାଳ ଆଥେଲେଟିକ୍ ଆସୋସିଏସନ୍ ପକ୍ଷରୁ ଅଷ୍ଟମ ଅଲ୍ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନରେ ପୁଲ ବି ରୁ ସୋନପୁରର ରାମଧୁନ କ୍ଲବ ଓ କନ୍ଧମାଳ ଏଥେଲେଟିକ ଏସୋସିଏସନ ମଧ୍ୟରେ ଖେଳ ହୋଇଥିଲା।

ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଖେଳର ଶେଷ ୧୦ମିନିଟ ପୂର୍ବରୁ ଗୋଟିଏ ଗୋଲ ଦେଇ କନ୍ଧମାଳ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆଇନଜୀବୀ ଶେଷଦେବ ବଗର୍ତ୍ତୀ ମୁଖ୍ୟଅତିଥି ଓ କଲେଜ ଲାଇବ୍ରେରୀଆନ ଯତିନ୍ଦ୍ର ମିଶ୍ର, ଶଙ୍କର ପ୍ରଧାନ, ଆଦିବାସୀ ନେତା ଡମ୍ବରୁଧର କହଁର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମୁଖ୍ୟ ରେଫରି ସୁଜିତ ରାଜହଂସଙ୍କ ସହିତ ସୁଶୀଲ ବେହେରା, ପ୍ରମୋଦ କହଁର ଲାଇନ୍ସମ୍ୟାନ ଓ ଚତୁର୍ଥ ରେଫରୀଭାବେ ବିକ୍ରମ କେଶରୀ ନାଏକ ଖେଳ ପରିଚାଳନା କରିଥିବା ସ୍ଥଳେ ମନୋଜ ଶର୍ମା ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳରେ କନ୍ଧମାଳ ଆଥେଲେଟିକ୍ ଆସୋସିଏସନ୍ ର ସଭାପତି ରୋନକ ରଞ୍ଜନ ବାରିକ ଓ ସଂପାଦକ ଅନୁରାଗ ସାହୁଙ୍କ ସହିତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଦୁଲଦୁଲି ଆୟୋଜନ ନେଇ ଭୂମିପୂଜନ

ଝାରସୁଗୁଡ଼ା, (ସବ୍ୟୁ) : ବିଟିଏମ୍ ପଡ଼ିଆଠାରେ ଆସନ୍ତା ୨୦୨୫ ଜାନୁଆରୀ ୧ରୁ ୫ତାରିଖ ପାଞ୍ଚ ଦିନ ବ୍ୟାପୀ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଥି ସହିତ ପଲ୍ଲୀଶ୍ରୀ ମେଳା ମଧ୍ୟ ଆୟୋଜିତ ହେବ । ଭୂମି ପୂଜନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷା ଅବୋଲି ସୁନୀଲ ନରୱଣେ, ଏସପି ସ୍ମିତ ପି ପରମାର ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଓ ଏସପି ମହୋତ୍ସବ ପାଳନ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ମହୋତ୍ସବ କମିଟି ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ବିମଳେନ୍ଦୁ ଭୋଳ, ପ୍ରମୋଦ ସେନାପତି ,ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟାଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟା ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦିଲ୍ଲୀ ପବ୍ଲିକ ସ୍କୁଲରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ଝାରସୁଗୁଡ଼ା,(ସବ୍ୟୁ): ଦିଲ୍ଲୀ ପବ୍ଲିକ ସ୍କୁଲ ଶାସନ ଖେଳପଡିଆରେ ୨୯ ଓ ୩୦ ତାରିଖ ୨ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଉଦ୍ଘାଟନୀ ଉତ୍ସବରେ ସ୍କୁଲର ଅଧ୍ୟକ୍ଷା ସୁଜତା ଲେଙ୍କା ପ୍ରଦୀପ ପ୍ରଜ୍ଜ୍ୱଳନକରି କ୍ରୀଡା ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ। ପ୍ରତିଯୋଗିତାରେ ୨୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ୍, ଡିସକସ୍ ଆଦି ୩୦ଟି ବିଭାଗରେ ବିଭିନ୍ନ ବୟସ ବର୍ଗରେ ଅଂଶ ଗ୍ରହଣ କରିଥିଲେ।




ଶନିବାର ୨ୟ ଦିନର ସକାଳ ୧୧ଟାରେ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଓଡିଶା ହକି ଆସୋସିଏସନର ଉପ-ସଭାପତି ଜୀବନ ମହାନ୍ତି ଯୋଗଦେଇ ଛାତ୍ର, ଛାତ୍ରୀ ମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରି ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଜୁନିୟର ବାଳିକା ବିଭାଗରେ ସାରିଆ ପ୍ରଧାନ ଓ ସିନିୟର ବାଳିକା ବିଭାଗରେ ହାଇୟା ସାହା ,ବାଳକ ଜୁନିୟରରେ ସତ୍ୟମ ନାୟକ ଓ ସିନିୟରରେ ଅଭିଷେକ ମିଶ୍ର ଚମ୍ପିଆନ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଅତିଥି ମାନେ ବିଭିନ୍ନ ବିଭାଗରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅତିଥି କ୍ରୀଡା ପ୍ରତିଯୋଗିତାର ସମାପ୍ତି ଘୋଷଣା କରି ଥିଲେ। ୨ ଦିନିଆ କ୍ରୀଡା ପ୍ରତିଯୋଗୀତାକୁ ଶାରୀରିକ ଶିକ୍ଷକ ଗିରିଷ କୁମାର ପ୍ରଧାନ,ଜ୍ୟୋତିମୟୀ ସାହୁ, ଶିବପ୍ରସାଦ ପ୍ରମୁଖ ପରିଚାଳନା କରିଥିଲେ। ବାଳକ,ବାଳିକା ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

# ଲୋକ ସାହିତ୍ୟରେ ରଜଦୋଳି ଗୀତ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଏହାର ଲୋକଗୀତ । ଏଥିରେ ଗ୍ରାମ୍ୟ ଜୀବନର ନିଛକ ଚିତ୍ର ପ୍ରତିଫଳିତ ହୋଇଥାଏ । ଓଡ଼ିଆ ପ୍ରାଣର ସବୁଠାରୁ ବଡ ପର୍ବ ହେଉଛି ରଜ । ଏହାକୁ ପାର୍ବଣର ରାଣୀ ବୋଲି କୁହାଯାଏ । ରଜ ପର୍ବ ହେଉଛି ମାଟି ମା'ର ପୂଜା । ଧାତ୍ରୀ ବସୁନ୍ଧରାର ନୀରାଜନା । ଏହି ପର୍ବ ପାଳନ ପଛରେ ଯେତିକି ଧର୍ମ ଭାବନା ନାହିଁ ତା ଠାରୁ ଅଧିକ ଅଛି ଜୀବନ ଦର୍ଶନ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ କର୍ମକ୍ଳାନ୍ତ ଜୀବନର ସରସତା । ସର୍ବୋପରି ଧରିତ୍ରୀ ମା' ପ୍ରତି କୃତଜ୍ଞତା ଓ ସମ୍ମାନବୋଧ ହିଁ ରଜପର୍ବର ମୂଳତତ୍ତ୍ୱ । କୁମାର ପୂର୍ଣ୍ଣିମାର ପୁଚିଖେଳ, ଦୋଳପୂର୍ଣ୍ଣିମାର ଫଗୁ ଖେଳ ପରି ଦୋଳିଖେଳ ରଜପର୍ବର ଏକ ମୁଖ୍ୟ ଆକର୍ଷଣ । ରଜରେ ଝିଅମାନଙ୍କ ପାଇଁ ଘରେ ଘରେ ଦୋଳି ଲାଗେ ।

ଆମ୍ବ ତୋଟାରେ ମଧ୍ୟ ଦୋଳି ବନ୍ଧା ହୁଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଟା ଦୋଳି, ଡଙ୍ଗା ଦୋଳି, ଖାଇ ଦୋଳି, ବାଉଁଶ ଦୋଳି, ଚକ୍ର ଦୋଳି, ରାମ ଦୋଳି, ଯୁଆଳି ଦୋଳି, ନିଶୁଣି ଦୋଳି ପ୍ରଭୃତି ଭିନ୍ନ ଭିନ୍ନ ଦୋଳି ଖେଳ ଅନୁଷ୍ଠିତ ହୁଏ । ଏହି ଦୋଳି ଯେମିତି ଉପଭୋଗ୍ୟ ତା ଠାରୁ ଶ୍ରୁତି ମଧୁର ତା' ଗୀତ । ଜଣକ ପରେ ଜଣେ, ଦୁଇଜଣ ବା ଏକକାଳୀନ ଅନେକ ଝିଅ ଦୋଳିରେ ବସି ବା ଛିଡା ହୋଇ ସମତାଳରେ ଝୁଲି ରଜ ଦୋଳି ଗୀତ ଗାଇବା ବେଶ୍ ଉପଭୋଗ୍ୟ । ରଜ ଗୀତଗୁଡିକର ଭାଷା ସାବଲୀଳ ଓ ଅତି ସହଜ । ଦୋଳିଗୀତର ପରିସର ବ୍ୟାପକ ନୁହେଁ । ପରିବାର ତଥା ସମାଜର ନିତିଦିନିଆ ଚିତ୍ର ଏଥିରେ ପ୍ରତିଫଳିତ ହୋଇଥାଏ ।

ରଜଦୋଳି ଗୀତରେ ଭରି ରହିଥାଏ ଓଡ଼ିଆ ଜନଜୀବନର କଥା ଓ ବ୍ୟଥା । ଆମ ସାମାଜିକ ଜୀବନର ଅନେକ ଅନାଲୋଚିତ ଦିଗକୁ ଏହା ଉନ୍ମୋଚନ କରେ । ଏହି ଗୀତଗୁଡିକ ଆମ ଜନଜୀବନର ସଂସାର, ପ୍ରେମ, ଶୃଙ୍ଗାର, ଆଧ୍ୟାତ୍ମିକତା, ସଣ୍ଣା, ଦାରିଦ୍ର୍ୟ, ଭାତୃସ୍ନେହ, ବିରହ ଆଦି ବହୁ ସୂକ୍ଷ୍ମ ଦିଗ ଉପରେ ଆଲୋକପାତ କରିଥାଏ । ଏହି ସବୁ ଗୀତର କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ସଂଯୋଜନା ନାହିଁ କି ଏହାର କେହି ନିର୍ଦ୍ଦିଷ୍ଟ ରଚୟିତା ନାହାନ୍ତି । ମୁହଁରୁ ମୁହଁକୁ ଯାଇ ପୁରୁଷାନୁକ୍ରମେ ରଜଗୀତ ଚଳି ଆସୁଛି । ଏହି ଗୀତଗୁଡିକର ସାଙ୍ଗୀତିକ ମୂଲ୍ୟ ସର୍ବାଧିକ । ଏହାର ସ୍ୱର ଲହରୀ ମଧୁର । ଏପରି ହୋଇଥାଏ ଯେ ପାଖା ପାଖି ଦୁଇଟି ଦୋଳିରେ ବସିଥିବା ଦୋଳି ବାହକମାନଙ୍କ ମଧ୍ୟରେ ଗୀତରେ ଗୀତରେ ଚାଲେ ପ୍ରଶ୍ନୋତ୍ତର ବଚନିକା । ଦୋଳି ଗୀତର ଆସରକୁ ଉପଭୋଗ କରିବାପାଇଁ କୁମାରୀ, ନବବଧୂ ଓ ପୁରୁଷମାନଙ୍କର ସମାଗମ ହୁଏ ଦୋଳି ପାଖରେ ।

ରଜଦୋଳି ବନ୍ଧା ହେବା ପରେ ପ୍ରଥମେ ଦୋଳି ପାଖରେ ପୂଜା କରାଯାଏ । ଦୋଳିରେ ଫୁଲ ହାର ମଣ୍ଡାଯାଏ । ସିନ୍ଦୁର, କଜ୍ଜ୍ୱଳ ଦିଆଯାଏ । ସର୍ବାରାଧ୍ୟ ବିଘ୍ନ ବିନାଶକଙ୍କ ବନ୍ଦାପନା କରାଯାଏ । ମାଙ୍ଗଳିକ କାର୍ଯ୍ୟ ପରେ ଦୋଳି ଝୁଲିବା ବିଧି ସମ୍ମତ ହୋଇଥାଏ । ପ୍ରଥମେ ଗଜାନନଙ୍କୁ ସ୍ମରଣ କରି କିଶୋରୀମାନେ ଗାଆନ୍ତି :– 'ଲଲାଟେ ଦେଇ ଚନ୍ଦନ/ ପ୍ରଥମେ ବନ୍ଦିଲି ଶ୍ରୀଗଜାନନ/ଶ୍ରୀଗଜାନନ ଲୋ/ଦୋଳି ଗୀତେ ହେଲା ମନ ।'

ପୁଣି :– 'ଗ୍ରାମରୁ ବାହାର ହେଲି/ଗ୍ରାମ ଦେବତାଙ୍କୁ ଜୁହାର କଲି/ଜୁହାର କଲି ଲୋ/ ତା' ପାଦେ ଶରଣ ଗଲି ।'

ରଜପର୍ବର ସବୁଠାରୁ ଆକର୍ଷଣୀୟ ଦିଗଟି ହେଲା ସଜବାଜ । ସାମାନ୍ୟ ଗୁଲୁଗୁଳି ସାଙ୍ଗକୁ ଛାଇ ପଡୁଥିବ । କେବେ ସାମାନ୍ୟ ବର୍ଷା ହେଉଥିବ । ଆକାଶରେ ଭଷା ବାଦଲ ଥିବ । ତେବେ ଏହି ପାଗ ରଜ ପାଇଁ ଅନୁକୂଳ । ରଜରେ କୁମାରୀମାନେ ନୂଆ ପୋଷାକ ପିନ୍ଧନ୍ତି । ଗୋଡରେ ଅଳତା, ମଥାରେ ଚନ୍ଦନ, କୁଙ୍କୁମ, ଓଠରେ ଦ୍ରାକ୍ଷାରସ, ପାଦରେ ଚପଲ ପିନ୍ଧି ଗାଁର ଝିଅ ଓ ବୋହୂମାନେ ଆନନ୍ଦରେ ଦୋଳି ଗୀତ ଗାଇ ହସ କୌତୁକରେ ମଜି ଯାଆନ୍ତି । ଭାଉଜ–ନଣନ୍ଦ, ସାଙ୍ଗସାଥୀ, ଦିଅର–ଭାଉଜମାନଙ୍କ ମଧ୍ୟରେ ଜମିଯାଏ ଗୀତ ମାଧ୍ୟମରେ ପ୍ରତିଯୋଗୀତା :– 'ବନସ୍ତେ ଡାକିଲା ଗଜ/ବରଷକେ ଥରେ ଆସିଛି ରଜ/ ଆସିଛି ରଜ ଲୋ/ଘେନି ନୂଆ ସଜବାଜ ।'

ପୁଣି :– 'ରାଣିରୁ ଛାଡିଲା ଚୋପା/ ଗୋଡରେ ନାଇଚୁ ସରୁ ଅଳତା/ସରୁ ଅଳତା ଲୋ/ମଥାରେ ସିନ୍ଦୁର ଟୋପା ।'

ପୁଣି :– ପାଚିଲା ଭଉଁରୀ କୋଳି/ ବେକରେ ନାଇଚି ଗଜରା ମାଳି/ଗଜରା ମାଳି ଲୋ/ଝୁଲାଅ ରଜର ଦୋଳି ।'

ପୁଣି :–'ଆଜି ତ ପହିଲି ରଜ/ସଜ କରିଦିଅ ନୂଆ ଭାଉଜ/ନୂଆ ଭାଉଜ ଲୋ/ କରିବା ରଜ ମଉଜ ।'

ରଜଗୀତରେ କିଶୋରୀମାନଙ୍କର ରୋମାଞ୍ଚକର ଆଶା ଓ ସ୍ୱପ୍ନ, ମଧୁର ସମ୍ପର୍କ ଜନିତ ଭାବାବେଗ ପ୍ରକାଶ ପାଇଥାଏ । ଅନୁଢା ଯୁବତୀ ମନରେ ଅସୁମାରି ସ୍ୱପ୍ନର ଢେଉ । ଆପଣାର ମଣିଷକୁ ଆପଣାଇ ନେବାକୁ ମନ ହୁଏ ଆନମନା । ରଜ ଦୋଳିରେ ଝୁଲି ଝୁଲି ସେ ଗାଏ,

'ପଟାକୁ ପଟା ଲାଗିଛି/ତୋ ମନ ମୋ ମନ ମିଶି ଯାଉଛି/ମିଶି ଯାଉଛି ଲୋ/ଜାତି କି ଡର ଲାଗୁଛି ।'

ପୁଣି :– 'ପଣସ ପାଚିଲା ବନେ/ବଣ ପୋଡିଗଲେ ଦୁନିଆ ଜାଣେ/ ଦୁନିଆ ଜାଣେ ଲୋ/ ମନ କଥା କିଏ ଜାଣେ ।'

ପୁଣି :– 'ଉଡିଲା ଶୁଆ ନାହାକା/ଦୋଳିଟା କାହିଁକି ଲାଗୁଛି ଏକାଲା/ଏକାଲା ଲୋ/କାହାବିନା ଏକା ଏକା ।'

ପୁଣି :–'ନିମ୍ବର ବୁକେ ଚନ୍ଦନ/ଦେବତା ଗଢିଲା ନାରୀ ଜୀବନ/ନାରୀ ଜୀବନ ଲୋ/ଦେଲା ତହିଁ ଯଉବନ ।'

ଦୋଳିଗୀତ ମାଧ୍ୟମରେ ପ୍ରେମିକ ପ୍ରେମିକାକୁ କହେ :– ଶୁଖିଲା ତାଳପତର/ତୋତେ କିଣିଦେବି ନାଲି ଅତର/ନାଲି ଅତର ଲୋ/ମାଖିବୁ ଦିନ ପନ୍ଦର ।'

*(ଅବଶିଷ୍ଟାଂଶ ଆସନ୍ତା ସପ୍ତାହରେ)*

**ଭୁଷଳ, ଭୁବନ, ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**

# ଯଶସ୍ୱୀ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ

**ଅନନ୍ତ ଗୋପାଳ ପଣ୍ଡା**

ବ୍ୟକ୍ତି ଜୀବନକୁ ମାର୍ଜିତ, ସମାଜକୁ ସୁଶୃଙ୍ଖଳିତ ଏବଂ ଗୋଟିଏ ଜାତିର ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ସାହିତ୍ୟ । ଅଥଳ ସାଗରପରି ଅତୀତ ଇତିହାସର ପୃଷ୍ଠାମାନଙ୍କରୁ ମଣି, ମୁକ୍ତା ସମ ଐତିହ୍ୟ, ସଂସ୍କୃତି ଓ ସଭ୍ୟତାର ସନ୍ଧାନ କରିବା ପୂର୍ବକ ଭବିଷ୍ୟତର ସୁନେଲି ସ୍ୱପ୍ନରେ ଆତ୍ମବିସ୍ମୃତ କରାଇବା ସଙ୍ଗେ ସଙ୍ଗେ ବର୍ତ୍ତମାନର ଦିବ୍ୟ ମୁହୂର୍ତ୍ତଗୁଡ଼ିକର ସଦ୍‌ବିନିଯୋଗ ନିମନ୍ତେ ବ୍ୟକ୍ତିକୁ ଅନୁପ୍ରେରିତ କରେ ସାହିତ୍ୟ । ସାହିତ୍ୟର ବିଭବ ଭାବେ ବିବେଚିତ କାବ୍ୟ କବିତା, ଗଳ୍ପ ଉପନ୍ୟାସ ଓ ନାଟକ ଏକାଙ୍କିକାମାନଙ୍କ ମଧ୍ୟରେ ପ୍ରଭାବଶାଳୀ ବିଭାଗ ହେଉଛି ନାଟକ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି 'କାବ୍ୟେଷୁ ନାଟକଂ ରମ୍ୟମ୍' । ସେହି ନାଟକ ବିଭାଗରେ ଯେଉଁମାନେ ଲେଖନୀ ଚାଳନାକରି ନିଜକୁ ପ୍ରତିଷ୍ଠିତ କରିବା ସହିତ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉଛନ୍ତି ନାଟ୍ୟରତ୍ନ ଉପାଧିରେ ଭୂଷିତ ଭଞ୍ଜକିଶୋର ପଟ୍ଟନାୟକ । ସେ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ।

ନାଟ୍ୟସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବେ ଅଭିହିତ ଭଞ୍ଜକିଶୋରଙ୍କ ଜନ୍ମ ହୋଇଥିଲା କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଛାଣିପୁର ଗ୍ରାମରେ । ପିତା ଦୁର୍ଗାଚରଣ ଓ ମାତା ସତ୍ୟଭାମାଙ୍କ କୋଳମଣ୍ଡନ କରି ଭଞ୍ଜକିଶୋର ଭୂମିଷ୍ଠ ହୋଇଥିଲେ ୧୯୨୨ ମସିହା ନଭେମ୍ବର ମାସ ୧୩ ତାରିଖର ଏକ ଶୁଭ ମୁହୂର୍ତ୍ତରେ । ତାଙ୍କର ପିଲାଦିନର ନାମ ଥିଲା ମହେନ୍ଦ୍ର । ମାତ୍ର ନଅ ମାସର ହୋଇଥିବାବେଳେ ମହେନ୍ଦ୍ର ହେଲେ ମାତୃଛେଉଣ୍ଡ । ଏଥିରେ ବ୍ୟଥିତ ହୋଇ ପିତା ଦୁର୍ଗାଚରଣ ସମ୍ପର୍କୀୟ ଅପୁତ୍ରିକ ଭାଇ ସାଧୁଚରଣଙ୍କ ହସ୍ତରେ ଅର୍ପଣ କଲେ ନଅ ମାସର ଶିଶୁପୁତ୍ରକୁ । ପରବର୍ତ୍ତୀ ସମୟରେ ସାଧୁଚରଣ ପିଲାଟିର ନାମ ପରିବର୍ତ୍ତନ କରିବାରୁ ସେ ଭଞ୍ଜକିଶୋର ନାମରେ ପରିଚିତ ହେଲେ । ଭଞ୍ଜକିଶୋରଙ୍କ ପିଲାଦିନ ଅତିବାହିତ ହୋଇଥିଲା ବାରିପଦାରେ । ସେ ବାରିପଦାର ମହାରାଜା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାଶ୍ କରିଥିଲେ । କଟକର ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ଶିକ୍ଷା ସମାପ୍ତ ପରେ ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗରେ ତାଙ୍କର ବୃତ୍ତିଗତ ଜୀବନ ଆରମ୍ଭ ହୋଇଥିଲା ।

ଉଚ୍ଚବିଦ୍ୟାଳୟର ଛାତ୍ର ଥିବା ସମୟରେ କଳା, ସାହିତ୍ୟ ଓ ସଂସ୍କୃତିରେ ସମୃଦ୍ଧ ଭଞ୍ଜଭୂମି ବାରିପଦାର ପ୍ରଭାବ ତଥା ବାଗ୍‌ଦେବୀଙ୍କ କୃପାରୁ ଭଞ୍ଜକିଶୋର ଗଳ୍ପ, କବିତା ତଥା ଛୋଟ ନାଟକ ରଚନା କରି ନିଜ ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ । 'ବାଜି ରାଉତ, ବିଶୁ ମହାରଣା ଝଡ ରାତି' ଆଦି ନାଟକ ରଚନା କରି ସାଥୀମାନଙ୍କ ଦ୍ୱାରା ସେ ମଞ୍ଚସ୍ଥ କରାଉଥିଲେ । ୧୯୪୦ ମସିହାରେ ତାଙ୍କ ଗ୍ରାମ ଛାଣିପୁରର ଭୀଷ୍ମ ରଙ୍ଗମଞ୍ଚରେ ତାଙ୍କ ରଚିତ ନାଟକ ପ୍ରେମପୁଷ୍ପ ମଞ୍ଚସ୍ଥ ହୋଇ ସାଉଁଟିଥିଲା ଅଜସ୍ର ପ୍ରଶଂସା । ସେହି ନାଟକରେ ସେ ନାରୀ ଚରିତ୍ର ପୁଷ୍ପ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ଚମକୃତ କରିଥିଲେ । ସରକାରୀ ଦାୟିତ୍ୱ ସମ୍ପାଦନ, ପରିବାର ପ୍ରତିପୋଷଣର ଭାରବହନ ସତ୍ତ୍ୱେ ନାଟକ ରଚନା ତାଙ୍କର ଏକ ନିଶାରେ ପରିଣତ ହୋଇଥିଲା । ତାଙ୍କ ରଚିତ ଅନେକ ନାଟକ ଅର୍ଣ୍ଣପୂର୍ଣ୍ଣା ଏ ଓ ବି ତଥା ଜନତା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କୁ ଆମୋଦିତ କରିଥିଲା ଏବଂ ଦର୍ଶକମାନେ ନାଟ୍ୟକାର ଭଞ୍ଜକିଶୋରଙ୍କର ପ୍ରଶଂସାରେ ହୋଇଥିଲେ ଶତମୁଖ ।

ନାଟ୍ୟକାରଙ୍କ ଲେଖନୀରୁ ନିଃସୃତ ଅନେକ ନାଟକ, ଏକାଙ୍କିକା, ଗଳ୍ପ ତଥା ଉପନ୍ୟାସ ଯାହା ଉତ୍କଳର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଅଛି, ସେହି ନାଟକଗୁଡ଼ିକ ହେଲା 'ଅଗ୍ନିପରୀକ୍ଷା, ଅତିଥି, ଦିଗ୍‌ଦର୍ଶନ, ବେନାମୀ, ଅଶୋକସ୍ତମ୍ଭ, ବୈରାଗୀର ସଂସାର, ମାଣିକଯୋଡ଼ି, ଜୟମାଲ୍ୟ, ତୋଫାନ, ଗରିବ, ଶିକାରୀ, ପ୍ରତାପରୁଦ୍ର, ରାଜନର୍ତ୍ତକୀ, କାଶ୍ମୀର ବେଗମ୍' ଇତ୍ୟାଦି । ତାଙ୍କ ଏକାଙ୍କିକାଗୁଡ଼ିକ ହେଲା, 'ବାଣହରଣ, ସଂସ୍କାର, ପ୍ରାୟଶ୍ଚିତ, ଭେଟି, ଜନ୍ମାନ୍ତର, ବରକନ୍ୟା, ସାବିତ୍ରୀ, ଧରଣୀ ଓ ସୁଲତାନ ରେଜିୟା' । ଜୀବନର ଜୟଯାତ୍ରା ହେଉଛି ତାଙ୍କ ସମଗ୍ର ଜୀବନର ଇତିହାସ ।

ଭଞ୍ଜକିଶୋରଙ୍କ ସାରସ୍ୱତ ସୃଷ୍ଟି ମଧ୍ୟ ରୂପାୟିତ ହୋଇଛି ଚଳଚ୍ଚିତ୍ରରେ । ମାଣିକଯୋଡି ଏବଂ ନବଜନ୍ମ ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ନିଜେ ରଚନା କରିବା ସହିତ ରାଜା ହରିଶ୍ଚନ୍ଦ୍ର ଓ ଜୀବନ ସାଥୀ ଚଳଚ୍ଚିତ୍ରର ସଂଳାପ ରଚନାକରି ସେ ଚଳଚ୍ଚିତ୍ର ଜଗତରେ ସୃଷ୍ଟି କରିଥିଲେ ନିଜର ଏକ ସ୍ୱତନ୍ତ୍ର ପରିଚୟ । ମାଣିକଯୋଡି ଏବଂ ନବଜନ୍ମ ଚଳଚ୍ଚିତ୍ର ବହୁଭାବରେ ଲୋକପ୍ରିୟ ହେବା ସହିତ ନବଜନ୍ମ ପାଇଁ ସେ ମହାମହିମ ରାଷ୍ଟ୍ରପତିଙ୍କ ପୁରସ୍କାର ଲାଭ କରିଥିଲେ ।

ତତ୍‌କାଳୀନ ସମାଜରେ ଗଣକବି ବୈଷ୍ଣବପାଣିଙ୍କ ରଚିତ ଏବଂ ପରିବେଷିତ ଗୀତାଭିନୟମାନ ବିଶେଷ ଭାବରେ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଉଥିବାରୁ ଭଞ୍ଜକିଶୋର ଏହା ଲକ୍ଷ୍ୟ କରି ରଚନା କଲେ । ଦୁଇଟି ଗୀତିନାଟ୍ୟ ଯଥା– 'ବଳିବାମନ ଏବଂ ମୁକୁଟ ଭିକ୍ଷା' । ଏହି ଦୁଇଟି ଗୀତିନାଟ୍ୟ ଜେ.ଇ କମ୍ପାନୀ ଦ୍ୱାରା ରେକଡିଂ ହୋଇ ଶ୍ରୋତାମାନଙ୍କ ଦ୍ୱାରା ଆଦୃତ ହୋଇଥିଲା ।

ଭଞ୍ଜକିଶୋରଙ୍କ ଲେଖନୀ ନିଃସୃତ ଅନେକ ନାଟକ ଆକାଶବାଣୀ ତଥା ଦୂରଦର୍ଶନରେ ପ୍ରଚାରିତ ହୋଇ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ ପରିଚିତ କରାଇଥିଲା । ସେହି ବେତାର ନାଟକଗୁଡ଼ିକ ହେଲା, 'ସାବିତ୍ରୀ, ସାନ ମା, କୃଷ୍ଣା, ବର କନ୍ୟା, କର୍ଣ୍ଣ, ଖାନ୍‌ତଲାସ, ଅଗ୍ନିପତଙ୍ଗ, ମାଇଲଖୁଣ୍ଟ, ଧନୀ ସୌଦାଗର, ବୋହୂ, ପଶ୍ଚିମା ହାଓ୍ୱା ଇତ୍ୟାଦି । ତାଙ୍କ ରଚିତ କ୍ଷୁଦ୍ର ଗଳ୍ପମାନଙ୍କ ମଧ୍ୟରେ ନିଲାମ, ତାସର ଘର, ଯାନ ଓ ଜନତା, ବାୟାଣୀ ଇତ୍ୟାଦି ପାଠକୀୟ ସ୍ୱୀକୃତି ଲାଭ କରିଥିଲା । 'ପଥିକ ତୁମ ବଇଁଶୀ ବାଜୁ' ନାମକ ଏକ କବିତାଗୁଚ୍ଛ ରଚନା କରି ସେ କବି ଭାବରେ ପରିଚିତ ହୋଇଥିଲେ ।

ନିଜର ଏକନିଷ୍ଠ ସାଧନା ଓ ଅଧ୍ୟବସାୟ ବଳରେ ନାଟ୍ୟକାର ଭଞ୍ଜକିଶୋର ଯେଉଁ ସାରସ୍ୱତ ସୃଷ୍ଟିସମ୍ଭାର ଏ ଜାତିକୁ ଉପହାର ଦେଇଛନ୍ତି ପ୍ରତିଦାନ ସ୍ୱରୂପ ସରକାରୀ ଓ ବେସରକାରୀ ବହୁ ଅନୁଷ୍ଠାନରୁ ସେ ପୁରସ୍କୃତ ତଥା ସମ୍ବର୍ଦ୍ଧିତ ହୋଇଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ, ବିଷୁବ ପୁରସ୍କାର, ଆଦି ନାଟ୍ୟକାର ସମ୍ମାନ, ଉତ୍କଳ ପାଠକ ସଂସଦ ଦ୍ୱାରା ନାଟ୍ୟରତ୍ନ ସମ୍ମାନ, କବିଚନ୍ଦ୍ର ସ୍ମୃତି ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନ, ରବିନ୍ଦ୍ର କଳାକ୍ଷେତ୍ର ସମ୍ମାନ, ଓଡ଼ିଆ ନାଟକ ଶତବାର୍ଷିକୀ ସମ୍ମାନ ତଥା ଉତ୍କଳ ନାଟ୍ୟ ସଂଘଦ୍ୱାରା ନାଟ୍ୟ ଭାରତୀ ଉପାଧିରେ ସେ ବିଭୂଷିତ ହୋଇ ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ଭାବେ ପରିଚିତ ହେବା ସଙ୍ଗେ ସଙ୍ଗେ ସାଲେପୁର ମାଟି ମା' ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ।

ଏହି ମହାନ ସାରସ୍ୱତ ସ୍ରଷ୍ଟା ତଥା ଦ୍ୱିତୀୟ ଈଶ୍ୱର ଭାବେ ଅଭିହିତ ଭଞ୍ଜକିଶୋରଙ୍କର ୧୯୯୯ ମସିହା ନଭେମ୍ବର ମାସ ୨୭ ତାରିଖରେ ମହାପ୍ରୟାଣ ହୋଇଥିଲା । ଆଜି ଭଞ୍ଜକିଶୋର ସ୍ୱଦେହରେ ନାହାଁନ୍ତି ସତ, କିନ୍ତୁ ସେ ଚିରଦିନ ପାଇଁ ଅମର ହୋଇ ରହିଥିବେ, ତାଙ୍କର କାଳଜୟୀ କୃତି ଏବଂ କୀର୍ତ୍ତି ନିମନ୍ତେ, 'କୀର୍ତ୍ତି ଯସ୍ୟ ସ ଜୀବତି' ନ୍ୟାୟରେ ।

**ସଂପାଦକ , ବୈକୁଣ୍ଠନାଥ ସ୍ମୃତି ସଂସଦ**
**ଜପକୁଦ, ସାଲେପୁର, କଟକ**
**ମୋ – ୯୮୬୧୪୭୦୧୯୮**

# ସମୟ ସାଥେ ଲୁଚକାଳି

**ସୁନନ୍ଦା ମହାନ୍ତି**

ଗଳ୍ପ

ସ୍ୱପ୍ନଟା ଲୁଚକାଳି ଖେଳୁଥିଲା ଯେମିତି । ପିଲାଦିନେ ଅଭାବ ଅନାଟନ ଭିତରେ ଗାଁରେ ପକ୍କା ଘର ଦୁଇବଖରା କରୁ କରୁ ତଅପୋଇ ପାଇଁ ସୁନାଚାନ୍ଦ ଓ ରୂପା କୁଲେଇ ଗଢୁ ଗଢୁ ପିଅର ଅଧା ଚାନ୍ଦ ଗଢ଼ା ହେଉ ହେଉ ମରିବା ପରି ଏଠି ମଧ୍ୟ ପିତା ଚାଲିଗଲେ ଆରପାରିକୁ ଆଉ ସମ୍ପୂର୍ଣ୍ଣ ଘରଟି ମୁଣ୍ଡ ଟେକିଲା ବେଳକୁ ବୋଉ ବି ଚାଲିଗଲା କିନ୍ତୁ ସୁନା ଚାନ୍ଦ ଓ ରୁପାକୁଲେଇ ମାଗୁଥିବା ନାୟିକା ତଅପୋଇ ପରି ଘରଟିର ସ୍ୱପ୍ନ ଦେଖି ଚାଲିଥିବା ନାୟକ, ନାୟିକା ତଅପୋଇ ବଦଳରେ ଅଙ୍କୁଶ ଥିଲା ।

ଘରଟିଏ ହେବାର ସ୍ୱପ୍ନ ଲୁଚକାଳି ଖେଳୁ ଖେଳୁ ସତ ହେଲା ବେଳକୁ ନା ଥିଲେ ବାପା ନା ଥିଲେ ବୋଉ । ହେଲେ ସହଧର୍ମିଣୀ ହୋଇ ଆସିସାରିଥିଲେ ସାଗରିକା । ଅଙ୍କୁଶଙ୍କ ସଙ୍ଗେ ଭାଗ୍ୟ ଲୁଚକାଳି ଖେଳୁ ଖେଳୁ ବାପା ମାଆଙ୍କ ପାଇଁ ଭଲ ଘରଟେ କରି ତାଙ୍କୁ ସୁଖୀ ରଖିବାକୁ ଚାହିଁ ରଖିପାରିନଥିଲେ । ଆଉ ଏବେ ନିଜ ସରକାରୀ ଚାକିରି ସାଙ୍ଗକୁ ସ୍ତ୍ରୀ ସାଗରିକାଙ୍କ ସ୍କୁଲ ଚାକିରି ଜାଗା ବା ସ୍ଥାନ ଭିତରେ ଗାଁ ଘରେ ରହିବା ସମ୍ଭବ ହେଉନଥିଲା ତ ଗାଁ ଛାଡି ସହରକୁ ଯିବା ଦିନ ଖୁବ୍ କାନ୍ଦିଥିଲା ଅଙ୍କୁଶ ବାପା ମାଆଙ୍କୁ ମନେପକାଇ । ହୃଦୟ ଭିତରୁ ଉଠୁଥିବା କୋହ କିନ୍ତୁ ଥରକୁ ଥର ଲୁହ ହୋଇ ଗଡିଯାଉଥିଲା ଯେବେ ଥରକୁ ଥର ନୂଆଘର ଖୋଜିବାକୁ ପଡୁଥିଲା, ସହରରୁ ସହର ଯାଏଁ କେବେ ତ ଗାଁରୁ ଗାଁ କେବେ । କାରଣ କେବେ ଅଙ୍କୁଶର ବଦଳି ହେଉଥିଲା ତ କେବେ ସାଗରିକାର ବଦଳି ହେଉଥିଲା । ତାହା ପୁଣି କେବେ ଗାଁରେ ତ କେବେ ସହରରେ ତ ତାରି ଭିତରେ ଦୁଇପୁଅ ଓ ଏକମାତ୍ର ଝିଅଙ୍କୁ ମଣିଷ ପରି ମଣିଷ କରିବାକୁ ଦୁଇଜଣଙ୍କ ଚାକିରି ସ୍ଥାନ ନିରୂପଣ ପୂର୍ବକ ସୁବିଧା, ଅସୁବିଧା ଦୂରତା ନିର୍ଦ୍ଧାରଣ କରି ବଦଳୁଥିଲା ଘର । ତା' ଭିତରେ ଥିବା ଗାଁ ଘର ପ୍ରତି ଅଙ୍କୁଶର କୋହ ମୋହ ସବୁ ଲୁହ ହୋଇ ନିଗିଡି ପଡୁଥିଲା ।

ଯା ହେଉ ଏଥର ନିଜ ଘର କରିବା ପାଇଁ ଶେଷକୁ ଜମି କିଣା ହେଲା ଘର ତୋଳା ମଧ୍ୟ ହେଲା । ଏମିତି ସହରରେ ଘର ହେଲା ଯୋଉଠି ଶିକ୍ଷା ସ୍ୱାସ୍ଥ୍ୟ ଓ ପରିବେଶ ଭଲ ଥିଲା ଓ ପିଲା ତିନୋଟି ମଣିଷ ପରି ମଣିଷ ହେବାକୁ ଅର୍ଥାତ୍ ଶିକ୍ଷା ପାଇବାର ସୁଯୋଗ ପାଇ ଆଜିକା ଯୁଗରେ ଭଲମଣିଷ ହେବାର ପରିଚୟ ପାଇ କମ୍ପାନୀରେ ଭଲ ପ୍ୟାକେଜ ପାଇ ଅବସ୍ଥାପିତ ହେଲାବେଳକୁ ଝିଅଟି ମଧ୍ୟ ବାହାଚୋରା ହୋଇସାରିଥିଲା ଭଲ ଘର ଓ ବର ଦେଖି କିନ୍ତୁ ସାଗରିକା ସୁସ୍ଥ ନଥିଲା ।

ସେତେବେଳକୁ ଅଙ୍କୁଶ ଅବସର ନେଇ ସାରିଥିଲେ ମଧ୍ୟ ସାଗରିକାର ଚାକିରି ସମୟ ଶେଷ ହୋଇ ନଥିଲା କିନ୍ତୁ ଅବସ୍ଥା ଏମିତି ହେଲା ଯେ ସାଗରିକାକୁ ଇଛାକୃତ ଅବସର ନେବାକୁ ପଡିଲା କାରଣ ଡାକ୍ତର ପରାମର୍ଶ ଦେଇସାରିଥିଲେ କି ସାଗରିକାଙ୍କ ସ୍ୱାସ୍ଥ୍ୟ ଠିକ୍ ହେବା ପାଇଁ ସ୍ଥାନ ପରିବର୍ତ୍ତନ ତଥା ପରିବେଶ ଓ ଜଳବାୟୁ ପରିବର୍ତ୍ତନ ନିହାତି ଆବଶ୍ୟକ । ଯେଉଁଦିନ ଅଙ୍କୁଶ ସ୍ତ୍ରୀଙ୍କୁ ନେଇ ଫ୍ଲାଇଟ ଚଢିଲେ ସିମଲା ଯିବାପାଇଁ ଭାବୁଥିଲେ ସହରରେ ମୁଣ୍ଡଟେକିଥିବା ଏ ବିରାଟ ଘରଟାରେ ରହିବ କିଏ? ପୁଅ ଦୁହେଁ ଓ ଝିଅ କହୁଥିଲେ ସେକଥା ପରେ ତୁମେ ଆଗ ମାଆର ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହ । ଫ୍ଲାଇଟର ଉଡାଣ ବେଳେ ଅଙ୍କୁଶ ଆଖିରୁ ଲୁହ ଦି' ଟୋପା ତା ନିଜ ଅଜଣାତରେ ବାହାରିଗଲା ବେଳେ ସାଙ୍ଗରେ ଥିବା ଝିଅ କହୁଥିଲା ସବୁ ମଣିଷ ଜୀବନ ଏମିତି ବାପା । ସମୟ ଲୁଚକାଳି ଖେଳୁଥାଏ ହେଲେ ତରିକା ଅଲଗା ଅଲଗା । ଜୋଇଁ ସିମଲାରୁ ଫୋନ କରୁଥିଲେ ଉଡାଣ ଆରମ୍ଭ ହେଲା ନା ନାହିଁ? ଅଙ୍କୁଶଙ୍କ ଆଖିରେ ଗାଁ ଘରଠୁ ଆରମ୍ଭ କରି ସମୟ ସହିତ ବିଭିନ୍ନ ସ୍ଥାନରେ ଗଢିଉଠିଥିବା ଘରଗୁଡିକର ପ୍ରତିଛବି ତାଙ୍କ ସହିତ ଲୁଚକାଳି ଖେଳୁଥିଲା ଯେମିତି ତ ଏୟାରହୋଷ୍ଟେସ ନିର୍ଦ୍ଦେଶରେ ବେଲ୍ଟ ଟାଇଟ କରୁଥିଲେ ସମସ୍ତେ ।

**ସାକ୍ଷୀଗୋପାଳ**
**ପୁରୀ, ମୋ–୯୦୪୦୯୭୭୩୨୭**

# କବିତା

## ଶୀତ ଗୀତଗାଏ

**ରମାକାନ୍ତ ଦାସ**

ଶୀତ ଗୀତଗାଏ
କୁହୁଡି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ ।
ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ ।
ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ ।
ଶୀତ ଗୀତଗାଏ
ବାଡି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି ।
ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତ ଗାଏ
ଗାଆଁ ଗଛମାନେ
ସୁରୁଜ ଆଲୋକ ବୁଣେ ।

**ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର**
**ମୋ – ୯୬୬୮୧୫୩୬୯**

## ସମୟ ପ୍ରବାହ

**ସୁଜିତ କୁମାର ମିଶ୍ର**

ସମୟ ପକ୍ଷୀର ଉଡାଣରେ
ନିତି ଜୀବନ ସର୍ଜନଶୀଳ,
କେବେ ସେ ପଥରେ ଆନନ୍ଦ କୁସୁମ
କେବେ କଷଣର କାଳ ।
ବିତିଲା ସମୟ ଫେରେକି ସଜେଇ
ବାସଫୁଲ ବଇଭବ,
ସେ ତ ଅତୀତର ସ୍ମୃତିର ସନ୍ତକ
ସମୁଦ୍ରେ କୋହର ରାଗ ।
ଚମକ ଚପଳା ଛନ୍ଦ ଏ ସମୟ
ଚୋରା ଭାବ ପ୍ରଜାପତି,
ପୁଲକ ରତୁର ପ୍ରୀତି ଅଭିସାର
ପିଲାଦିନ ମଧୁଗୀତି ।
ନବ ଅରୁଣିମା ଚିତ୍ରଟିଏ ପରା
ସମୟ ନଈର ଦେହେ,
ସକାଳ ରଙ୍ଗର ଅପୂର୍ବ ଛୁଆଁରେ
ରାତି ଏଠି ନିତି ପାହେ ।
ପାପ ପୁଣ୍ୟର ଏ ଲୁଚୁକାଳି ଖେଳେ
ସ୍ପନ୍ଦିତ ସମୟ ସ୍ୱର,
ନୀରବ ନାଦର ନମ୍ର ପ୍ରବାହ ସେ
ନୀରଭିଜା ନୟନର ।
ସମୟ ଉଜାଣି ସକଳ ଗାଥାର
ସୀମାହୀନ ଶିହରଣ,
ଯୁଦ୍ଧ ଓ ଶାନ୍ତିର ଜରାୟୁ ମଧେ ସେ
ଜୀବନର ସ୍ୱପ୍ନଭ୍ରୁଣ ।
ଶୂନ୍ୟପାତ୍ରର ସିଦ୍ଧାନ୍ତ ନୁହେଁ କି
ସମୟ ହାତର ଖେଳ,
ଖାଲି ମିଛିମିଛି ମେଘଆବେଗରେ
ଯାହା ଶୁଭେ କୋଳାହଳ ।

**ଜନାର୍ଦ୍ଦନପୁର ଶାସନ**
**କେନ୍ଦୁଝର, ମୋ–୭୬୮୩୮୬୭୭୪୨**

## ମୋ ମନ ଓ ସ୍ୱପ୍ନରେ ତୁମେ

**କବିରତ୍ନ ନୂତନ କୁମାର ବେହେରା**

ପଡ଼ି ତୁମ ପ୍ରେମେ  ଭାବନାରେ ଭ୍ରମେ,
ମୋ ମନରେ ତୁମେ  ମୋ ସ୍ୱପ୍ନରେ ତୁମେ ।
ତୁମ ଆକର୍ଷଣେ  ଚିନ୍ତାର ମଗନେ
ଭାବର ପ୍ରବଣେ  ରହେ ପ୍ରତିକ୍ଷଣେ ।
ତୁମ ତନୁମନ  ତୁମ ରୂପ ଗୁଣ,
ମୋ ଆଖି ଅଞ୍ଜନ  ହୁଏ ପ୍ରତୀମାନ ।
ମନର କଲମ  ଲେଖେ ତୁମ ନାମ
ହୃଦେ ଅବିରାମ  ଝରି ଆସେ ପ୍ରେମ ।
ଜହ୍ନ ରୂପେ ଉଇଁ  ଆସ ମୋର ପାଇଁ,
ମୋତେ ଯାଅ ଛୁଇଁ  ରହେ ମୁଁ ଅନେଇଁ ।
ତୁମ ମଧୁ ହସ  ଫୁଲର ପରଶ,
ଦେଇ ତା' ସୁବାସ  କର ମୋତେ ବଶ ।
ଶୟନେ ସପନେ  ଆସ ମୋର ମନେ,
ତୁମରି ବିହୁନେ ରହେ ମ୍ରିୟମାଣେ ।
ତୁମ ସାଥେ ଏକ ମେଳ ମୋ ଜାତକ,
ହୋଇ ମୁଁ ଚାତକ  ଚାହେଁ ଅପଲକ ।
ତୁମେ ଗୋ ସଜନୀ  ମୋ ହୃଦୟରାଣୀ,
ତୁମ ମନ ଜାଣି  ଖୁସି ଦେବି ଆଣି ।
ତୁମେ ପ୍ରାଣପ୍ରିୟା  ପ୍ରେମ ପୁଣ୍ୟତୋୟା,
ବିହି କଲେ ଦୟା  ହେବ ମୋର ଜାୟା ।
ତୁମ ଲାଗି ମନ ହୁଏ ଉଚ୍ଚାଟନ,
ତୁମେ ମୋ ସମ୍ମାନ ତୁମେ ମୋ ଜୀବନଛ
ମୋ ମନରେ ତୁମେ  ମୋ ସ୍ୱପ୍ନରେ ତୁମେ,
ଏକ ହୋଇ ଆମେ  ରହିବା ସପ୍ରେମେ ।
ଜନମେ ଜନମେ  ପୁଣ୍ୟ ମିଳେ ପ୍ରେମେ,
ତାର ବ୍ୟତିକ୍ରମେ  ଶାନ୍ତି ନାହିଁ ଧାମେ ।

**କୋହି,ବାରିପଦା,ମୟୂରଭଞ୍ଜ,**
**ମୋ– ୮୦୧୮୩୫୩୩୨୨**

## ସତ୍ୟ

**ରଶ୍ମିତା ବାରିକ**

ଜୀବନଟା ପରା ଅଢ଼େଇ ଦିନରେ
ଜନମ ଦିନେକୁ ଦିନେ ମରଣ
ବାକି ଅଧା ଦିନ କରିବା କରମ
ଶେଷରେ ନେବରେ ଆମକୁ ଯମ
ଜୀବନରେ ଅଛି ଦୁଇଟି ସତ
ଜନ୍ମ ଓ ମରଣ ଧରନ୍ତି ହାତ
ଆଉ ସବୁ କିଛି ମିଛ ମାୟା ଏଠି
ସାଥେ ରହିଥାନ୍ତି ଥିବା ଯାଏଁ ସ୍ୱାର୍ଥ
ନିଜର ଛାଇ ବି ପାଖ ଛାଡିଦିଏ
ଯଦି ହୋଇଯାଏ ଟିକେ ଅନ୍ଧାର
ସ୍ୱାର୍ଥ ପାଇଁ ଗଢା ସବୁ ସମ୍ପର୍କ
ସବୁ ମିଛ କେହି ନୁହେଁ କାହାର
ଏ ହାତର ପାପ ସେ ହାତ ନେବନି
କାହିଁକି ଯାଉଛ ଦୁର୍ନୀତି ପଥେ
ଯାହା ପାଇଁ ତୁମେ ସଞ୍ଚୁ ଅଛ ଧନ
କର୍ମ ଫଳ ଭୋଗିବାକୁ ଯିବନି ସାଥେ
ନିଜର କର୍ତ୍ତବ୍ୟ ପାଳନ କରିବା
ହେବା ଆମେ ସବୁ ସୁପଥଗାମୀ
କର୍ମ ଅନୁସାରେ ମିଳିବ ଫଳରେ
ସବୁକିଛି ଦେଖୁଛନ୍ତି ଅନ୍ତର୍ଯ୍ୟାମୀ ।

**ବାସୁଦେବପୁର, ଭଦ୍ରକ**
**ମୋ–୯୦୯୦୫୨୮୮୪୨**



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଳୁ...

ଦୀର୍ଘ ଏକ ମାସ ଧରି ପଶ୍ଚିମବଙ୍ଗରୁ ଆଳୁ ଯୋଗଣ ବନ୍ଦ ରହିଥିଲା । ରାଜ୍ୟ ବ୍ୟବସାୟୀ ମହାସଂଘର ହସ୍ତକ୍ଷେପ ପରେ ସ୍ଥିତି ସୁଧୁରିଥିଲା ବୋଲି ମହାସଂଘ ପକ୍ଷରୁ କୁହାଯାଇଛି ।

ସେପଟେ ଆଳୁ ସଙ୍କଟକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛି ବ୍ୟବସାୟୀ ମହାସଂଘ । ଆଳୁକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ପୂର୍ବରୁ ଅନେକ ଥର ଏମିତି ଅସୁବିଧା ହୋଇଛି । ଏବେର ସରକାରଙ୍କ ଉପରେ ବିଶ୍ୱାସ କରି ହେଉନି । ୟୁପିରୁ ଏବେ ଆଳୁ ଆସୁଛି । କିନ୍ତୁ ଆବଶ୍ୟକତାକୁ ପୂରଣ କରିବା ଅସମ୍ଭବ । ସେପଟେ ଦୈନିକ ୧୦ ଗାଡ଼ି ଆଳୁ ଆବଶ୍ୟକ । ଗତକାଲି ୩ ଗାଡ଼ି ଆଉ ଆଜି ପଶ୍ଚିମବଙ୍ଗରୁ ଲୁଚିଛପି ୨ ଗାଡ଼ି ଆଳୁ ଆସିଛି । ଯାହା ସମୁଦ୍ରକୁ ଶଙ୍ଖେ । ଶନିବାର ପାଇକାରୀ ବଜାରରେ ଆଳୁ କେଜି ପ୍ରତି ୩୮ଟଙ୍କାରେ ବିକ୍ରି ହୋଇଛି । ଯଦି ୩୮ ଟଙ୍କାରେ ପାଇକାରୀ ଦର ରହିଛି, ତାହେଲେ ଖୁଚୁରା ଦର ୫୦ ଟଙ୍କା ଟପିବ । ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ । ୟୁପିରୁ ଆଳୁ ଆଣି ବଜାରରେ ଉପଲବ୍ଧ କରାନ୍ତୁ । ନଚେତ ପରିସ୍ଥିତି ଅସମ୍ଭାଳ ହେବ ଚେତାବନୀ ଦେଇଛି ବ୍ୟବସାୟୀ ମହାସଂଘ ।

## ରାଜ୍ୟରେ...

ବିଭିନ୍ନ ଘଟଣା ଘଟାଇବାରେ ସେମାନେ ସଫଳ ହେବାପରେ ବିଏସ୍‌ଏଫ୍ ଜବାନମାନେ ଦକ୍ଷତାର ସହ ମୁକାବିଲା କରି ସଫା କରିଦେଇଛନ୍ତି । ଏପରିକି ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଓଡ଼ିଶାରେ ଆଦୌ ନକ୍ସଲ ନଥିବେ ବୋଲି ଆଇଜି ସାମ୍ବାଦିକମାନଙ୍କୁ କହିଥିଲେ । ବର୍ତ୍ତମାନ ଭାରତର ୩୮ଟି ଜିଲ୍ଲା ନକ୍ସଲ ପ୍ରଭାବିତ ଥିବାବେଳେ ଓଡ଼ିଶାର ମାତ୍ର ୭ ଜିଲ୍ଲାରେ ସେମାନଙ୍କ ପ୍ରଭାବ ରହିଛି । ସେହି ୭ ଜିଲ୍ଲା ମଧ୍ୟରେ କୋରାପୁଟ, ମାଲକାନଗିରି, କନ୍ଧମାଳ, ନୂଆପଡ଼ା, ବୌଦ୍ଧ, ବଲାଙ୍ଗୀର ଓ କଳାହାଣ୍ଡି । ଓଡ଼ିଶାରେ ୬୦ରୁ ୭୦ ଜଣ ନକ୍ସଲ ସକ୍ରିୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶା କ୍ୟାଡର ମାତ୍ର ୬-୭ ଜଣ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି । ଯେଉଁ ନକ୍ସଲମାନେ ସକ୍ରିୟ ଅଛନ୍ତି, ସେମାନେ ସବୁ ଆନ୍ଧ୍ର ଓ ଛତିଶଗଡ଼ କ୍ୟାଡର ବୋଲି ସେ କହିବା ସହ ୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶାରୁ ନକ୍ସଲ ମୂଳପୋଛ ହେବେ ବୋଲି ଶ୍ରୀ ଅଗ୍ରୱାଲ ଦୃଢ଼ତାର ସହ କହିଛନ୍ତି ।

## ୩ରେ...

ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରାର୍ଥୀ ଓ ତାଙ୍କ ଏଜେଣ୍ଟ ମାନଙ୍କୁ ସାମିଲ କରାଯାଇଛି । କମିଶନ ମଧ୍ୟ କଂଗ୍ରେସକୁ ଆଶ୍ୱସ୍ତ କରିଛନ୍ତି ଯେ ଯଦି କିଛି ବୈଧାନିକ ଚିନ୍ତା ରହିଛି ତେବେ ସମୀକ୍ଷା କରାଯିବ । କଂଗ୍ରେସ ପକ୍ଷରୁ ଭୋଟ୍ ହାରର ତଥ୍ୟକୁ ନେଇ ଆପତ୍ତି କରାଯାଇଛି । ତେବେ ନିର୍ବାଚନ କମିଶନ ଏଥିରେ କୌଣସି ଭୁଲ୍ ପ୍ରକ୍ରିୟା ନିଆଯାଇନାହିଁ ବୋଲି କୁହାଯାଇଛି । ସନ୍ଧ୍ୟା ୫ଟାରେ ଭୋଟ୍ ସରିଥାଏ । ତେବେ ଚୂଡ଼ାନ୍ତ ଭୋଟ୍ ହାର ପ୍ରାଥମିକତା ଦିଆଯାଇ ଘୋଷଣା କରାଯାଇଥାଏ । ପ୍ରିଜାଇଡିଂ ଅଫିସରମାନେ ଅନେକ ବୈଧାନିକ ଦାୟିତ୍ୱରେ ଥିବାରୁ ନିର୍ବାଚନ ସରିବା ପରେ ସେମାନେ ଭୋଟ ହାରକୁ ଅପ୍‌ଡେଟ୍ କରିଥାନ୍ତି । ତେବେ ସୂଚନାଯୋଗ୍ୟ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦିନ ନିର୍ବାନନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ପ୍ରଶ୍ନ କରାଯିବା ସହ ନିର୍ବାଚନ କମିଶନଙ୍କ ପ୍ରତି ଆକ୍ଷେପ କରାଯାଇଥିଲା । କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିରେ ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା କରାଯାଇ ଜାତୀୟ ସ୍ତରରେ ଏକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଉଲ୍ଲେଖ କରାଯାଇଥିଲା ଯେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ସହ ଅତ୍ୟନ୍ତ ଗୁରୁତର ଭାବେ ସାଲିସ କରାଯାଇଛି । ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ସାମ୍ବିଧାନିକ ବ୍ୟବସ୍ଥା । ମାତ୍ର ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି । ଏହା ବିରୋଧରେ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ କରିବ । କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ କରିଥିଲେ ଯେ ନିର୍ବାଚନରେ ଅନିୟମିତତା ହରିୟାଣା ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିଥିଲା । ସେହିଭଳି ମହାରାଷ୍ଟ୍ରରେ ଯାହା ହେଲା ତାହା ବୁଝି ହେଉନାହିଁ ଏବଂ ଯନ୍ତ୍ରଣା ଦାୟକ । ଏହା ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଟାର୍ଗେଟ କରାଯାଇ କାରସାଦି ହୋଇଛି ବୋଲି ଅଭିଯୋଗ କରାଯାଇଥିଲା । ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେ ଇସିଆଇଙ୍କୁ ଚିଠି ଲେଖି ୭.୮୩% ଭୋଟ୍ ହାର ବୃଦ୍ଧି ନେଇ ଆପତ୍ତି ଉଠାଇବା ସହ ଭୋଟ୍ ଗ୍ରହଣ ସମୟ ପରେ ଏହା କିଭଳି ବଢ଼ିଲା ବୋଲି ପ୍ରଶ୍ନ କରିଥିଲେ । ଏତେ ଭୋଟ୍ ହାର କିଭଳି ହେଲା ତାହାକୁ ନେଇ ଆପତ୍ତି କରାଯାଇଥିଲା । ଶେଷ ଘଣ୍ଟାକ ମଧ୍ୟରେ ପ୍ରାୟ ୭୬ ଲକ୍ଷ ଭୋଟ୍ ପଡ଼ିଥିଲା ବୋଲି କଂଗ୍ରେସ ଅଭିଯୋଗ କରିଥିଲା ।

## ଟ୍ରକ୍...

ତାଙ୍କ ସ୍ତ୍ରୀ ପାନ ସୋରେନ୍(୩୨)ଙ୍କ ସହ କଟକରୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଭୋରୁ ବସ୍ ଯୋଗେ ବହଳଦାରେ ପହଞ୍ଚି ଥିଲେ। ତାଙ୍କ ସାନଭାଇ ମାଝି ସୋରେନ୍ ଗାଁର ଅଟୋବାଲା ଧନରାମ ମାର୍ଣ୍ଡିଙ୍କୁ ନେଇ ବହଳଦାରୁ ନିଜ ଗାଁ କୁ ଫେରୁଥିବା ବେଳେ ବାଗଡେଗା ଛକରେ ସାମ୍ନା ପଟୁ ଟ୍ରକ ଧକ୍କା ଦେଇଥିଲା। ସତେ ଯେମିତି ଯମ ରାସ୍ତାର ଛକକୁ ଛକ ଜଗିଥିଲା ଘଟଣାସ୍ଥଳରେ ଅଟୋ ଡ୍ରାଇଭର ଧନରାମ ମାର୍ଣ୍ଡି ସମେତ ରୋଗୀ ଦମ୍ପତି ଲଖନ ଓ ପାନ ସୋରେନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ମାଝି ଅଟୋରୁ ଛିଟିକି ପଡ଼ି ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ପରେ ସ୍ଥାନୀୟ ବାସୀଙ୍କ ସହାୟତାରେ ବହଳଦା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ଲଖନ ଓ ପାନ ସୋରେନ, ଧନରାମ ମାର୍ଣ୍ଡିଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରକର ଖଲାସୀ(ଅଜଣା) ଏବଂ ମାଝି ସୋରେନକୁ ଅଧିକ ଚିକିତ୍ସା ପାଇଁ ବାରିପଦାକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରେ ତିରିଂପୋଲିସ ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ବାଗଡେଗାରେ ଉତେଜିତ ଲୋକ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପୋଲିସ ଓ ପ୍ରଶାସନ ବୁଝାବୁଝି କରୁଛନ୍ତି। ରାଇରଙ୍ଗପୁର ମେଡିକାଲରେ ପାନ ସୋରେନ ଏବଂ ଧର୍ମପଦ ପାଟବନ୍ଧା ମୃତଦେହ ଥିବାବେଳେ ବହଳଦା ଡାକ୍ତରଖାନାରେ ଧନରାମ ମାର୍ଣ୍ଡି ଏବଂ ଲଖନ ସୋରେନଙ୍କ ମୃତଦେହ ଅଛି। ଅନ୍ୟପଟେ ମୃତକଙ୍କ ପରିବାର କ୍ଷତିପୂରଣ ପାଇଁ ଅଡି ବସିଥିବାବେଳେ ବହଳଦା ଡାକ୍ତରଖାନା ବାରଣ୍ଡାରେ ଶବ ଦୁଇଟି ପଡ଼ିରହିଛି । ବହଳଦା ଏସଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ଏବଂ ଅନ୍ୟ ପୋଲିସ କର୍ତ୍ତୃପକ୍ଷ ସମାଧାନ ପାଇଁ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରି କରିଥିଲେ ।

## ସେବାଶ୍ରମ...

ଦାୟୀ କରିଛନ୍ତି ପରିବାର କିନ୍ତୁ ଏନେଇ ପ୍ରଶାସନିକ ପ୍ରତିକ୍ରିୟା ମିଳିପାରିନାହିଁ। ଗୋଟିଏ ବର୍ଷରେ ଏତେ ପରିମାଣରେ ଆଦିବାସୀ ଛାତ୍ରଛାତ୍ରୀମାନେ ମୃତ୍ୟୁ ହେଉଛନ୍ତି କାହିଁକି । ୨୨/୦୩/୨୦୨୪ ଟଲଣା ସେବାଶ୍ରମର ଛାତ୍ର ଜୁଦାଶ ଶବର । ୨୬/୦୩/୨୦୨୪ ଏକଲବ୍ୟ ସ୍କୁଲର ନବମ ଶ୍ରେଣୀର ଛାତ୍ର ମହେନ୍ଦ୍ର ମାଝୀ । ୧୯/୦୪/୨୦୨୪ ଟିକିରୀ ଉଚ୍ଚ ବିଦ୍ୟାଳୟ ୧୦ ମ ଶ୍ରେଣୀ ଛାତ୍ର ସୁମନ ନାଏକ। ୨୯/୦୭/୨୦୨୪ ଅଶୋକ ଝୋଡିଆ କୁଚେଇପଦର୍ ସ୍କୁଲ ୪ର୍ଥ ଶ୍ରେଣୀ ଛାତ୍ରଛ ୨୨/୦୮/୨୦୨୪ ସୁରଜ ତାଡ଼ିଙ୍ଗି, ବିଲେସୁ ସ୍କୁଲ ୬ଷ୍ଠ ଶ୍ରେଣୀ ଛାତ୍ର। ଭାଇମଡା ସେବାଶ୍ରମର ୪ର୍ଥ ଶ୍ରେଣୀ ଛାତ୍ର ଜାକସନ ମାଣ୍ଡାଙ୍ଗି ମୃତ୍ୟୁ ହୋଇଥିବା ବେଳେ ଚନ୍ଦ୍ରଗିରି ପ୍ରାଥମିକ ବିଦ୍ୟାଳୟ କାଶିପୁର ବ୍ଲକ ଛାତ୍ରାବାସ ପରିସରରେ ଚତୁର୍ଥଶ୍ରେଣୀ ଛାତ୍ର ଖଗେଶ୍ୱର ଝୋଡିଆ ଚଳିତ ମାସ ୮ତାରିଖରେ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ଦେହ ଉଦ୍ଧାର ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟ ହେଲା ଟଲାଣାର ୫ମ ଶ୍ରେଣୀ ଏବଂ ଚନ୍ଦ୍ରଗିରୀ ୪ର୍ଥ ଶ୍ରେଣୀ ଛାତ୍ର ଆତ୍ମହତ୍ୟା / ହତ୍ୟା ପରି ସଙ୍ଗିନୀ ମାମଲା ଗୁଡିକ କେବଳ ରାୟଗଡ଼ା ଜିଲ୍ଲାରେ ଦେଖିବା ପାଇଁ ମିଳୁଛି। ଛାତ୍ରଛାତ୍ରୀ ନିବାସରେ ସଠିକ ଯତ୍ନ ନିଆଯାଉ ନାହିଁ। ଖାଇବା ନିମ୍ନମାନର ହେଉଥିବା ବେଳେ ଦାୟିତ୍ୱ ହିନତା ଯୋଗୁଁ ବାରମ୍ବାର ଛାତ୍ରଛାତ୍ରୀ ମୃତ୍ୟୁ ହେଉଛନ୍ତି। ଆଜି ସଂନ୍ଧ୍ୟା ୭ଘଣ୍ଟା ସମୟରେ ରାୟଗଡା ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ମାତ୍ର ୫ କିଲୋମିଟର କନ୍ଧମାଲିଗାଁ ଆଶ୍ରମ ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ବୋଲି ଛାତ୍ର ମାନେ ସ୍କୁଲ ଆଗରେ ଧାରଣାରେ ବସିଛନ୍ତି। ଏନେଇ ରାୟଗଡା ବିଧାୟକ କାଡ୍ରାକା ଆପୋଲସ୍ୱାମି କହିଛନ୍ତି ମୁଁ ଏନେଇ ସଚିବ ବିଷ୍ଣୁପଦ ସେଠୀଙ୍କୁ ଲିଖିତ ଭାବେ ଜଣାଇଛି । ତଥାପି ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବି । ଜିଲ୍ଲା ପ୍ରଶାସନ ଅପାରଗତା ନେଇ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଦାବି କରିବି ବୋଲି କହିଛନ୍ତି ।

# ଷୋହଳଦିବସୀୟ ଲିଙ୍ଗ ଭିତ୍ତିକ ହିଂସା ବିରୋଧି ଅଭିଯାନ

ଭଦ୍ରକ, (ସବ୍ୟୁ): ଜିଲ୍ଲା ପ୍ରଶାସନ ଭ୍ରଦକ ଓ ଶକ୍ତି ସଦନ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ (ନୁହାସ୍)ର ମିଳିତ ଆନୁକୂଲ୍ୟରେ ଏରେଇଁ ପଞ୍ଚାୟତସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ନୁହାସ୍‌ର ସୁପରିଟେଣ୍ଡେଣ୍ଟଉଷାରାଣୀ ବେହେରାଙ୍କ ସଭାପତିତ୍ୱରେ ଘରୋଇ ହିଂସା ଆଇନ୍-୨୦୦୫ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଆଇସିଡ଼ିଏସ୍ ସୁପରଭାଇଜର ମିନତୀ ନାୟକ, ମୁଖ୍ୟ ବକ୍ତା ଭାବେ ଆସିଆନାର ସଂଯୋଜକ ରିଆଜ ଅହମଦ୍ ପ୍ରମୁଖ ଯୋଗଦେଇ ଲିଙ୍ଗଭିତ୍ତିକ ହିଂସା ବିରୋଧି ଅଭିଯାନ ଉପରେ ବିସ୍ତୃତଭାବରେ ଆଲୋଚନା କରିବା ସଂଗେ ସଂଗେ ଘରୋଇ ହିଂସାକୁ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏରେଇଁ, ଚରମ୍ପା, ଚଣ୍ଡିଗାଁ, ପରସିଙ୍ଗା, କୋଡ଼ବରୁଆଁ ପଞ୍ଚାୟତରୁ ୫୦ରୁ ଅଧିକ ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦାନ କରିଥିଲେ । ଶେଷରେ କାର୍ଯ୍ୟାଳୟର ସହାୟକ ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ କନ୍ୟା ଜନ୍ମ ଦେଲା ଦଶମ ଶ୍ରେଣୀ ଛାତ୍ରୀ

ରେଢ଼ାଖୋଲ (ସବ୍ୟୁ): ଜଣେ ଦଶମ ଶ୍ରେଣୀ ଛାତ୍ରୀ (୧୬ )କନ୍ୟା ସନ୍ତାନ ଟିଏ ଜନ୍ମ ଦେଇ ଡାକ୍ତରଖାନାରେ ଚିକିତ୍ସିତ ହେବା ଭଳି ଘଟଣା ଘଟିଛି ନାକଟିଦେଉଳ ଥାନା ଅଞ୍ଚଳରେ । ଏ ନେଇ ପୋଲିସ ଜଣେ ଯୁବକକୁ ଅଟକ ରଖିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ,ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଜାମଙ୍କୁରୀ ପଞ୍ଚାୟତ ପଥୁରିନାଳି ର ଦଶମ ଶ୍ରେଣୀ ପଢୁଥିବା ଜୈନିକା ଛାତ୍ରୀ (୧୬) ଘରେ କେହି ନ ଥିବା ସମୟରେ ଶୁକ୍ରବାର ଦିନ ୧୨ ଟାରେ ନିଜ ଘରେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିବା ଜଣାପଡିଛି । ଝିଅର ପେଟରେ ଶିଶୁ ଟିଏ ଥିବା କଥା ଆଗରୁ ପରିବାର ଲୋକେ କେହି ବି ଜାଣି ପାରି ନ ଥିଲେ ବୋଲି ନାବାଳିକାର ପିତା, ମାତା ଆମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି । ଝିଅର ପେଟ ପୀଡା ହେଉଥିବାରୁ ମା ପଡିଶା ଘରକୁ କିଛି ଔଷଧ ପାଇଁ ଯାଇଥିବା ବେଳେ ଆସିବା ବେଳକୁ ଝିଅ ଜଣକ ଏକ ଶିଶୁ କନ୍ୟା ଜନ୍ମ ଦେଇ ସାରିଥିଲା । ଝିଅ ଜଣକ ପାଖ ପଡୋଶୀ ଘରର ଦଶରୁ କିସାନ ସହିତ ପ୍ରେମ ସମ୍ପର୍କ ଥିବା କହିଥିବା ବେଳେ ଦଶରୁ କିନ୍ତୁ ଏହି ଘଟଣାକୁ ପୋଲିସ ଆଗରେ ଅସ୍ୱୀକାର କରିଥିବା ନାକଟିଦେଉଳ ପୋଲିସ ପ୍ରକାଶ କରିଛି । ଯାହାକୁ ନେଇ ପରିବାର ଲୋକେ ନିଜ ସାହିରେ ଏକ ବୈଠକ କରିଥିଲେ । କିନ୍ତୁ ଦଶରୁ ଝିଅ ସହିତ କୌଣସି ସମ୍ପର୍କ ନ ଥିବା ଗାଁ ସମାଜ ଆଗରେ ପ୍ରକାଶ କରିଛି । ଶନିବାର ଘଟଣାଟି ଜଣାପଡିବା ପରେ ଗାଁ ର ଅଙ୍ଗନବାଡି କର୍ମୀ ଓ ଆଶା ଦିଦି ଉଭୟ ନାବାଳିକା ଝିଅ ଓ ଶିଶୁ କନ୍ୟାକୁ ନାକଟିଦେଉଳ ଡାକ୍ତରଖାନରେ ଭର୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନା ପଠାଯାଇଥିବା ଜଣାପଡିଛି । ଝିଅର ପିତା ନାକଟିଦେଉଳ ଥାନାରେ ଦଶରୁ କିସାନ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତ ଦଶ୍ରୁକୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

# କନାଗୁନ ଜଙ୍ଗଲରୁ ୨୩୦ ଜିଲେଟିନ ଷ୍ଟିକ୍ ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଉଦ୍ଧାର



ବୌଦ୍ଧ (ସବ୍ୟୁ) : ମାଓ ଅଧ୍ୟୁଷିତ ବୌଦ୍ଧ ଜିଲ୍ଲାରେ ମାଓବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୁଲିସ ପକ୍ଷରୁ ମାଓ ଦମନକୁ ଜୋରଦାର କରାଯାଇଛି । ଫଳରେ ବୌଦ୍ଧ ଜିଲ୍ଲା ପୁଲିସକୁ ଏକ ବଡ ସଫଳତା ମିଳିଛି । ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ୨୩୦ ଜିଲେଟିନ ଷ୍ଟିକ ସହିତ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି । ଏନେଇ ସୂଚନା ଦେଇଛନ୍ତି ଏସପି ନାଗରାଜ ଦେବରକୋଣ୍ଡା । ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଥିଲେ । ବୌଦ୍ଧ-କନ୍ଧମାଳ ସୀମାନ୍ତ ଜଙ୍ଗଲରେ କିଛିଦିନ ହେଲା ମାଓବାଦୀଙ୍କ ଗତିବିଧି ବୃଦ୍ଧି ନେଇ ସୂଚନା ମିଳିବାପରେ ପୁଲିସ ପକ୍ଷରୁ ପେଟ୍ରୋଲିଂ ଓ ସର୍ଚ୍ଚ ଅପରେସନ ଜାରି ରହିଥିଲା । ଗୁରୁବାର ବୌଦ୍ଧ ବ୍ଲକ ଅର୍ନ୍ତଗତ ମନମୁଣ୍ଡା ଥାନା ଅନ୍ତର୍ଗତ ଗୁହ୍ଳିଆ ପଞ୍ଚାୟତର କନାଗୁନ ଗ୍ରାମ ନିକଟ ଜଙ୍ଗଲରେ ବିପୁଳ ମାଓ ସାମଗ୍ରୀ ଜମାଥିବା ନେଇ ସୂଚନା ମିଳିବା ପରେ ମାଓ ବିରୋଧୀ ଅପରେସନ ଆରମ୍ଭ ହୋଇଥିଲା । ପୁଲିସର ଡିଭିଏଫ ଏବଂ ବୋମା ନିଷ୍କ୍ରିୟକାରୀ ଦଳର ଏକ ମିଳିତ ଟିମକୁ ସେଠାକୁ ସର୍ଚ୍ଚ ଅପରେସନ ପାଇଁ ପଠାଯାଇଥିଲା । ଶୁକ୍ରବାର ସକାଳେ ନିରାପତ୍ତାବାହିନୀ ସେଠାରେ ପହଞ୍ଚି ବୋମା ନିଷ୍କ୍ରିୟକାରୀ ଦଳ ସହାୟତାରେ ବିପୁଳ ମାଓ ସାମଗ୍ରୀ ଜବତ କରିଥିଲେ । ଜବତ ସାମଗ୍ରୀ ମଧ୍ୟରେ ୨୩୦ ଟି ଜିଲେଟିନ ଷ୍ଟିକ୍,୧ ମିଟର ସେଫଟି ଫ୍ୟୁଜ୍,ପ୍ରେସର ମେକାନିଜିମ,୧.୫ ଭୋଲଟ ବ୍ୟାଟେରୀ ୫ଟି,୧ ଟି କଳା ରଙ୍ଗର ମାଓ ପୋଷାକ,ଗୋଟିଏ ଡ୍ରମ,କିଛି ମାଓ ପ୍ରଚାରପତ୍ର ଏବଂ ସାବୁନ ଓ ଟୁଥପେଷ୍ଟ ଜବତ କରାଯିବା ସହିତ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସପି ଶ୍ରୀ ଦେବରକୋଣ୍ଡା ପ୍ରକାଶ କରିଛନ୍ତି । ତେବେ ମନମୁଣ୍ଡା ଥାନା ଓ କାମାଳ ଥାନାର ସୀମାନ୍ତ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୁଲିସ ନିକଟରେ ସୂଚନା ଥିବାବେଳେ ଏନେଇ ସତର୍କ ଦୃଷ୍ଟି ରଖାଯାଇଛି ଏବଂ ଆବଶ୍ୟକସ୍ଥଳେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ପୁଲିସ ଗତ ୨୧ ତାରିଖ ମନମୁଣ୍ଡା ଥାନାର ବାହାବଳଖୋଲ ନିକଟରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଥିଲା ।

# ଦିବ୍ୟାଙ୍ଗ ସଶକ୍ତିକରଣ : ଭଦ୍ରକ ରାଜ୍ୟରେ ପ୍ରଥମ

ଭଦ୍ରକ, (ସବ୍ୟୁ): ସାମାଜିକ ସୁରକ୍ଷା ବିଭାଗ ଜରିଆରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର କାର୍ଯ୍ୟକାରୀତା କ୍ଷେତ୍ରରେ ସଫଳ ଜିଲ୍ଲା ଭାବେ ୨୦୨୪ ବର୍ଷ ପାଇଁ ଭଦ୍ରକ ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଜ୍ୟ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି । ଆଗାମୀ ଡ଼ିସେମ୍ବର ୩ ତାରିଖ ଦିନ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ କିଟ୍ ପରିସରରେ ଅପରାହ୍ନ ୫ଟାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଏହି ପୁରସ୍କାର ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି । ପ୍ରକାଶଥାଉକି ଭଦ୍ରକ ଜିଲ୍ଲା ସହ ବାଲେଶ୍ୱର,କେନ୍ଦ୍ରପଡ଼ା ଓ ଯାଜପୁର ୪ଟି ଜିଲ୍ଲାପାଇଁ ୨୦୨୧ ମସିହାରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ଆବଶ୍ୟକ ଉପକରଣ ପ୍ରସ୍ତୁତି ଓ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟକରି ଆସୁଥିବା ଭଦ୍ରକ ଜିଲ୍ଲାର ପୁନର୍ବାସ କେନ୍ଦ୍ର ମଧ୍ୟ ରାଜ୍ୟସ୍ତରରେ ପ୍ରଥମ ହେବାର ଗୌରବ ଅର୍ଜନ କରିଛି । ଉକ୍ତ କେନ୍ଦ୍ର ତରଫରୁ କେନ୍ଦ୍ର ନିର୍ଦ୍ଦେଶକ ଭଗବାନ ପରିଡ଼ା ଅନୁଷ୍ଠାନ ପାଇଁ ସେହି କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବେ ।

**PANCHAYAT SAMITI, BARKOTE: DIST-DEOGARH**

No. 5785/Dev, Date 28.11.2024

**TENDER CALL NOTICE**

i-323 : The Block Development Officer. Barkote on behalf of Govt, of Odisha invites sealed tenders for one works under Panchayat Samiti. Barkote in percentage rate basic (PI). The contractors registered with Government of Odisha/Ccntral Govt, or Contractors equivalent to grade "B" "C" & "D" class of P.W.D. (R&B)/Water Resource/Rural Works/M.I./C.P.W.D. are eligible to submit the tender paper for following work eventually to be drawn up in P.W.D. F2 form of agreement in conformity with the detailed Tender call Notice.

The other details can be downloaded from district website. i.e. **https://deogarh.odisha.gov.in**

Sd/- Block Development Officer Barkote

OIPR : 19394/11/0002/2425

**ହଜିଯାଇଛି**

ମୁଁ "ଶ୍ରୀମତୀ ମୋନାଲିଶା ପାଢୀ, ସ୍ୱାମୀ: ପ୍ରଭାକର ଚୌଧୁରୀ, ଗ୍ରାମ: ବି. ତୁରୁବୁଡି, ଥାନା: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଏତଦ୍ୱାରା ଜଣାଇ ଦେଉଅଛି ଯେ ମୋର ମୂଳ ଆରଓଆର୍ ଯାହାକି ମୌଜା: ରାଜପୁର, ତହସିଲ: ଦିଗପହଣ୍ଡି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୦, ପ୍ଲଟ୍ ନଂ.: ୩୪୮/୩୧୧୬, ତା.୨୮.୧୦.୨୦୨୪ରିଖ ଦିନ ମୋ ସ୍ୱାମୀ ତାଙ୍କ ଗ୍ରାମରୁ ଦିଗପହଣ୍ଡି ଯିବା ରାସ୍ତାରେ କେଉଁଠାରେ ହଜିଯାଇ ଅଛି । ଆମେ ଅନେକ ଖୋଜା ଖୋଜି କରିବା ସତ୍ତ୍ୱେ ମଧ୍ୟ ତାହା ପାଇଲୁନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ମୂଳ ଆରଓଆର୍‌ଟି ପାଇଛନ୍ତି କିମ୍ବା ପାଆନ୍ତି, ତେବେ ଦୟାକରି ମୋର ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

ମୋବାଇଲ ନଂ.: ୭୯୭୮୨୩୫୭୩୮

**AFFIDAVIT**

By affidavit no-2405, date-21.11.2024 Mahanta Baliarsingh, S/o- Sharat Baliarsingh, village-Garh Kalupada, Delanga, Dist-Puri. That I Want to change the name of my Minor Son Surendra Baliyarsingh Aadhar no-253920642310 to Pintu Baliarsingh. Surendra Baliyarsingh and Pintu Baliarsingh is one and same person. This affidavit is required to produce befor the concerned authority to change Aadhar card of my son for all purposes.

**ଘୋଷଣାନାମା**

ମୁଁ କୃଷ୍ଣା ଓଝା, ସ୍ୱାମୀ-ଚତୃଭୁଜ ଓଝା, ସା-ମୁଡୁଣିଆ, ପୋ-ଭଣ୍ଡିସାହି, ଥା-କାକଟପୁର, ଜି-ପୁରୀ (ଓଡ଼ିଶା) ପିନ-୭୫୨୧୦୮ ଜଣାଉଅଛି କି ମୋର ପୂର୍ବ ନାମ କ୍ରିଷ୍ଣାରାଣୀ ସ୍ୱାଇଁ ଥିଲା । ବର୍ତ୍ତମାନ ମୁଁ କାକଟପୁର ତହସିଲଦାରଙ୍କ ଇଜିଲାସରେ ମୋର ପୂର୍ବ ନା ପରିବର୍ତ୍ତନ କରି ନୂତନ ନାମ କୃଷ୍ଣା ଓଝା, (Krushna Ojha) ସ୍ୱାମୀ-ଚତୃଭୁଜ ଓଝା, ସା-ମୁଡୁଣିଆ, ପୋ-ଭଣ୍ଡିସାହି, ଥା-କାକଟପୁର, ଜି-ପୁରୀ (ଓଡ଼ିଶା) ନାମରେ ସମସ୍ତ ସରକାରୀ, ବେସରକାରୀ କାଗଜପତ୍ର ରେ ପରିଚିତ ହେଲି ।

ସ୍ୱା/- କୃଷ୍ଣା ଓଝା

**OFFICE OF THE SUPERINTENDING ENGINEER KENDRAPARA (R&B) DIVISION No.II, KENDRAPARA**

E-mail eerandbdivn2kpd@gmail.com, Tel No.06727-220408

B-703

GOVERNMENT OF ODISHA "e" procurement Notice

E-procurement Notice for Civil work

Bid Identification No - S.E. (RnB) KPD-II- 08 /2024-25

| | | | |
|---|---|---|---|
| 1. | No of works | : | 12 Nos of Building works<br>02 Nos of Culvert works |
| 2.. | Estimated Cost | : | Rs. 9,37,937.00 to Rs. 61,65,115.00 |
| 3. | Period of Completion | : | 02 (Two) to 06 (Six) Calendar Months |
| 4. | Date & time of sale & receipt of bid Document | : | From 10.00 A.M of 03/12/2024 to 5.00 P.M of 16/12/2024 |
| 5. | Last Date/ time of receipt of bids | : | 5.00 P.M of 16/12/2024 |
| 6. | Date & time of opening of Bids | : | 11.00 A.M of 17/12/2024 |
| 7. | Name and Address of the Inviting Bid | : | Superintending Engineer, Kendrapara (R&B) Division-II, Kendrapara |

Further details with any addendum, corrigendum, cancellation can be seen from the state Gov., Portal "https :// tendersorissa.gov.in"

Sd/- Superintending Engineer Kendrapara (R&B) Division-II, Kendrapara

OIPR : 34158/11/0003/2425

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**

E-mail ID:pwd_sng@yahoo.co.in

ଓଡ଼ିଶା ସରକାର

B-699

"e" - Procurement Notice

Bid Identification No. SE-R&B-SNG-39 of 2024-25

Letter No. 7004 / Date : 28.11.2024

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution Electrical Works ( Fire Fighting) as detailed in DTCN. | | |
| 2. | Nature of Work | : | Electrical Works ( Fire Fighting ) |
| 3. | No. of work. | : | 01 (One) No |
| 4. | Tender Cost | : | Rs 6,000/- |
| 5. | Class of Contractor | : | Specialized agency with associate electrical contractor having valid license from ELBO |
| 6. | Availability of bid document in the website | : | From 10:00 A.M. Date-:02.12.2024 to 05:00 P.M Date-12.12.2024 |
| 7. | Date of opening of Bid | : | 11.00 A.M. on Dt. 13.12.2024 |
| 8. | The bidders have to participate in ON-LINE bidding only. Further details can be seen from the websie (https://tendersodisha.gov.in) Any addendum / corrigendum / cancellation of tender can also be seen in the said website only. | | |

Sd/- Additional Chief Engineer Sundargarh (R&B) Division

OIPR : 34043/11/0030/2425

No. 5134 dated. 28.11.24

e-mail ID- rw_sambalpur@yahoo.co.in Phone No.0663-2401850

O-748

**Government of Odisha "e" procurement Notice**

**Bid Identification No. TENDER ONLINE SBPR- 06 OF 24-25**

1. Name of the work : Road Works as per DTCN available in the website. www.tendersodisha.gov.in
2. Total No. of Work : 02 (Two) Nos.
3. Estimated Cost : Varies from Rs. 5.03 lakhs to Rs. 8.39 lakhs
4. Period of Completion : 02 (Two) Calendar Months.
5. Period and time of availability of bid document in the portal for bidding : 03.12.2024 at 11.00 AM to 12.12.24 up to 5.00 PM
6. Date and time of opening of Tender : 13.12.2024 at 11.00 A.M.
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tendersodisha.gov.in
(2) Corrigendum if any shall only be published in the website : www.tenderodisha.gov.in

Sd/- Superintending Engineer Rural Works Divsion

OIPR : 25076/11/0007/2425

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No-B-IV-H-(H&D)-77/2024 Lr. No.- 46200 Bhubaneswar, the 28th Nov., 2024

B-696

Invitation for Bids

E-mail ID:cebuildings_orissa@yahoo.co.in cebuildings@rediffmail.com Tel. -(0674)- 2391523

Bid Identification No. C.E. (B) - 22 / 2024-25

| | | | |
|---|---|---|---|
| 1. | The Chief Engineer, Buildings-I (I/C), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE form eligible contractors for Building work as mentioned below:. | | |
| 2. | Nature of work | : | Building works |
| 3. | No. of work | : | 03 Nos. |
| 4. | Bid Cost. | : | Rs. 10,000/- (each) |
| 5. | Class of Contractor | : | 'A' / Special Class |
| 6. | Availability of Bid Documents in the website | : | From dt.05.12.2024 to 17.00 Hours of dt.19.12.2024. |
| 7. | Date of Opening of Bid | | Dt.20.12.2024 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the websie only. | | |

Sd/- Chief Engineer, Buildings-I(I/C) Odisha, Bhubaneswar

OIPR : 34117/11/0044/2425

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

"e" Procurement Notice for Road Work

O-742

Identification No.- Online Tender- Road N.C.B. No. 13 for 2024-25

Letter No. 3526 Date- 28.11.24

By E_Mail/e-Despatch E_MailID :serwbalasore@yahoo.in Ph-No-06782/260318 Balia,Balasore

1. Name of the work : Periodical Maintenance of PMGSY Road
2. Total No. of work : 09 Nos. of work.
3. Estimated Cost : From Rs. 69.27 lakhs to Rs. 307.87 lakhs (Approximately)
4. Eligible Class of Contractor : 'B' & 'A' (of Odisha P.W.D.) or relevant Class of other licensing authorities (as per annexure)
5. Period of Completion : From 03 Calendar Months for the work.
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.-13 | 05.12.2024 at 11.00 A.M. | 20.12.2024 Up to 5.00 P.M. | 19.12.2024 Up to 5.00 P.M. | 21.12.2024 at 11.00 AM | Will be intimated later |

- Further details can be seen from the website : www.tendersodisha.gov.in

Sd/- Additional Chief Engineer R.W. Circle, Balasore

OIPR : 25105/11/0017/2425

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**

ନୋଟିସ୍ ନଂ. ୩୫୬ ତା. ୨୯.୧୧.୨୦୨୪

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୪-୨୫ ବର୍ଷ (ତା. ୨୧.୧୨.୨୦୨୪ ରିଖଠାରୁ ତା. ୨୦.୧୨.୨୦୨୫ ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ । ଏଣୁ ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ. ୧୫୦୦/- (ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ । ସରକାରୀ ଛୁଟି ଦିବସ ବ୍ୟତୀତ କାର୍ଯ୍ୟ ଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ ଘ. ଠାରୁ ଦିବା ୧ ଘ. ଓ ଦିବା ୫ ଘ. ଠାରୁ ସନ୍ଧ୍ୟା ୭ଘ. ମଧ୍ୟରେ ତା. ୦୨.୧୨.୨୪ ରିଖ ଠାରୁ ତା. ୦୮.୧୨.୨୪ ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଉଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ । ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରି ଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟ୍‌ରେ ଦେଖିପାରିବେ ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା. ୦୯.୧୨.୨୪ ରିଖ ୧୧ ଘଟିକା | ତା. ୦୯.୧୨.୨୪ ରିଖ ଘ. ୧୨.୩୦ ମି. |
| ଦ୍ୱିତୀୟ ପର୍ଯ୍ୟାୟ | ତା. ୧୩.୧୨.୨୪ ରିଖ ୧୧ ଘଟିକା | ତା. ୧୩.୧୨.୨୪ ରିଖ ଘ. ୧୨.୩୦ ମି. |
| ତୃତୀୟ ପର୍ଯ୍ୟାୟ | ତା. ୧୭.୧୨.୨୪ ରିଖ ୧୧ ଘଟିକା | ତା. ୧୭.୧୨.୨୪ ରିଖ ଘ. ୧୨.୩୦. ମି. |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ପୂଜା ସାମଗ୍ରୀ ଦୋକାନ ନଂ-୧ (ସ୍ଥାନ-ମୁଖଶାଳା ଡାହାଣ ପାର୍ଶ୍ୱ) | ଟ. ୨୬,୫୯,୫୯୫/- | ଟ. ୨,୬୫,୯୫୯/- |
| ୨. | ପୂଜା ସାମଗ୍ରୀ ଦୋକାନ ନଂ-୨ (ସ୍ଥାନ-ଚୁଳପକା ମଣ୍ଡପ ପାର୍ଶ୍ୱ) | ଟ. ୨୦,୪୭,୭୧୦/- | ଟ. ୨,୦୪,୭୭୧/- |
| ୩. | ପୂଜା ସାମଗ୍ରୀ ଦୋକାନ ନଂ-୩ (ସ୍ଥାନ-ଗାଡି ପୂଜା) | ଟ. ୧୬,୨୮,୫୫୦/- | ଟ. ୧,୬୨,୮୫୫/- |
| ୪. | ଚୁଳପକା | ଟ. ୩୫,୫୮,୫୦୦/- | ଟ. ୩,୫୫,୮୫୦/- |
| ୫. | ତେଜରାତି ସାମଗ୍ରୀ ଯୋଗାଇବା | | ଟ. ୧,୮୧,୫୦୦/- |
| ୬. | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ. ୧,୬୦,୦୦୦/- |

ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ରାଜ୍ୟସ୍ତରୀୟ ସାଙ୍ଗଠନିକ ନିର୍ବାଚନ କର୍ମଶାଳା

# ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ପ୍ରକ୍ରିୟା ବିଜେପିକୁ ଅନ୍ୟ ଦଳଠାରୁ ଭିନ୍ନ କରିଛି : ଡ.ଯତୀନ ମହାନ୍ତି



ଭୁବନେଶ୍ୱର, (ସବ୍ୟୁ): ବିଜେପି ହେଉଛି ଏକମାତ୍ର ପାର୍ଟି ଯେଉଁଥିରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି। ପ୍ରତି ୬ ବର୍ଷରେ ଥରେ ଏହି ଦଳର ସଦସ୍ୟମାନେ ପୁନର୍ବାର ସଦସ୍ୟତା ଗ୍ରହଣ କରନ୍ତି। ପ୍ରତି ୩ ବର୍ଷରେ ଦଳର ସଂଗଠନଗୁଡ଼ିକୁ ନୂତନ ଭାବେ ରଚନା କରାଯାଇ ଏହାର ନେତୃତ୍ୱରେ ପୁନର୍ବିଚାର କରାଯାଏ। ଏହି ପ୍ରକ୍ରିୟା ବିଜେପିକୁ ଅନ୍ୟ ଦଳଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି ରାଜ୍ୟ କାର୍ଯ୍ୟାଳୟରେ କହିଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ କର୍ମଶାଳା ପ୍ରସଙ୍ଗରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ଭାରତୀୟ ଜନତାପାର୍ଟିର ଏବେ ସାଙ୍ଗଠାନିକ ପର୍ବ ଚାଲିଛି। ଏହି ଅନୁସାରେ ପ୍ରାଥମିକ ସଦସ୍ୟତା ଓ ସକ୍ରିୟ ସଦସ୍ୟତା ପ୍ରକ୍ରିୟା ପରେ ଏବେ ତ୍ରୁଣମୂଳସ୍ତରରେ ବୁଥ୍ କମିଟି ଗଠନ କରାଯିବ। ଏହାପରେ ମଣ୍ଡଳ ଓ ଜିଲ୍ଲା ଓ ରାଜ୍ୟ କମିଟି ଗଠନ ହେବ। ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଯେଉଁମାନେ ବୁଥ୍ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବେ ସେମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ସେମାନେ କିଭଳି ନିରପେକ୍ଷ ଭାବେ ସମସ୍ତଙ୍କ ସହମତିରେ ସୂଚାରୁ ରୁପେ ଏହି କମିଟି ଗଠନ କରିବେ ସେନେଇ ଏଥିରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହାପରେ ସେମାନେ ବିଭିନ୍ନସ୍ତରକୁ ଯାଇ କମିଟି ଗଠନରେ ସହାୟତା କରିବେ। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ତଥା ସଂଗଠନ ପର୍ବ ରାଷ୍ଟ୍ରୀୟ ପ୍ରଭାରୀ ଦୁଶ୍ମନ୍ତ ଗୌତମ, ରାଜ୍ୟ ପଭାରୀ ବିଜୟପାଲ ସିଂ ତୋମାର, ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସଂପାଦକ ଶାରଦା ଶତପଥୀ ଓ ସୀମାଂଚଳ ଖଟେଇ ପ୍ରମୁଖ ଉପସ୍ଥିତ ରହି ସଂଗଠନ ପର୍ବ ପରିଚାଳନା ପ୍ରସଙ୍ଗରେ ଆଲୋକପାତ କରିଥିଲେ । ଏହି ଅବସରରେ ବରିଷ୍ଠ ନେତୃବୃନ୍ଦ, ସମସ୍ତ ଜିଲ୍ଲା ସଭାପତି, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଛେଳିକୁ ଧକ୍କା ଦେଇ ବାଇକ୍ ଅରୋହୀ ଗୁରୁତର

ଠାକୁରମୁଣ୍ଡା,(ସବ୍ୟୁ): ମହୁଲଡିହା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା ଶରତ ରାସ୍ତାରେ ଆସୁଥିବା ବେଳେ ଚମ୍ପାଝର ଠାରେ ବାଇକ ଦୁର୍ଘଟଣା ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। କପ୍ତିପଦା ବ୍ଲକ ଅନ୍ତର୍ଗତ ଜାମୁମଣି ଗ୍ରାମ ପଞ୍ଚାୟତ ।ଏବ ସରପଞ୍ଚ ଶଶିକାନ୍ତ ବେହେରା(୪୫) ଏକ ବାଇକଯୋଗେ ସକାଳ ୭ଟାରେ କରଞ୍ଜିଆ ଶଶୁର ଘର ଯାଉଥିଲେ । ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅଫିସ ସାମ୍ନାଖ୍ୟରରେ ହଠାତ ଏକ ଛେଳି ଦୌଡିଆସି ବାଇକରେ ବାଡେଇ ହେବାରୁ ବାଇକରୁ ପଡି ଗୁରୁତର ହୋଇ ଥିଲେ । ସାଧାରଣ ଲୋକ ଦୁର୍ଘଟଣା ସ୍ଥଳରୁ ଶଶିକାନ୍ତ କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଚିକିତ୍ସା ଆଣି ଭର୍ତ୍ତି କରିଛନ୍ତି । ଶଶିକାନ୍ତଙ୍କ ବାମପଟ କଲରବୋନ ଭାଙ୍ଗିବା ସହିତ ମୁଣ୍ଡରେ ଶକ୍ତ ଆଘାତ ଲାଗି ଅବସ୍ଥା ଗୁରୁତର ଅଛି ।

## ମହାନଗର ଶାନ୍ତି କମିଟି ପକ୍ଷରୁ ସ୍ୱର୍ଗତଃ ସମୀର ଦେ'ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କଟକ, (ସବ୍ୟୁ):କଟକ ମହାନଗର ଶାନ୍ତି କମିଟିର ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସମୀର ଦେ'ଙ୍କ ଏକାଦଶାହ ଅବସରରେ ଦରଘାବଜାରସ୍ଥିତ କମିଟିର କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୦୭ ମସିହାରେ ଶାନ୍ତି କମିଟିକୁ ଏହି କାର୍ଯ୍ୟାଳୟ ପ୍ରଦାନ କରିଥିଲେ । ଯାହାକି ଅଦ୍ୟାବଧି ଏହି ଗୃହରେ ସଭା–ସମିତି ଓ ବୈଠକ ଆଦି ଅନୁଷ୍ଠିତ ହୋଇ ଆସୁଛି ।ଶାନ୍ତି କମିଟିର ସମସ୍ତ ବିପଦ ସମୟରେ ସେ ଆମର ଥାଟ ଭାବେ ଛିଡା ହେଉଥିଲେ ।ସ୍ୱାଧୀନତା ପରେ ପ୍ରଥମ ଥର ଓଡିଶାରେ ତାଙ୍କ ସରକାର ଆସିଥିଲାବେଳେ ସେ ଆମ ଗହଣରେ ନାହାନ୍ତି । ତାଙ୍କ ମାଧ୍ୟମରେ କମିଟି ସରକାରଙ୍କଠାରୁ ଯେଉଁ ସାହାଯ୍ୟ–ସହଯୋଗ ପାଇବା କଥା ସେଥିରୁ ବଞ୍ଚିତ ହେଲା । ଶରୀର ଥିଲେ ରୋଗ ଅଛି–ଜନ୍ମ ଥିଲେ ମୃତ୍ୟୁ ଅଛି–ଏହା ଧ୍ରୁବ ସତ୍ୟ ବୋଲି କମିଟି ସଭ୍ୟମାନେ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ କମିଟିର କର୍ମକର୍ତ୍ତା ପ୍ରଦୀପ କୁମାର ସିହ୍ନା, ନୃସିଂହ ଚରଣ ଚୌଧୁରୀ, ଦେବେନ୍ଦ୍ର କାହାଳୀ, ଜ୍ୟୋତି ପ୍ରକାଶ ଘୋଷ, ମନୋ ରଞ୍ଜନ ସାହୁ, ନରେଶ ଚନ୍ଦ୍ର ସାହୁ, ତାପସ କୁମାର ପ୍ରହରାଜ, ଧର୍ମେଶ ନାୟକ, ନଳିନୀକୁମାର ସେନାପତି, ରବୀନ୍ଦ୍ରକୁମାର ବେହେରା,




ଅଶୋକକୁମାର ରାଉତରାୟ, ମୀନକେତନ ଦାସ, ଡ଼. ଦ୍ୱିପାୟନ ପଟ୍ଟନାୟକ, ଧୀରେନ୍ଦ୍ରନାଥ ପ୍ରଧାନ, ଶୁବାଶିଷ କର, ରଞ୍ଜନକୁମାର ବେଉରା, ବିଜୟ କୁମାର ନାୟକ, ପିଣ୍ଟୁ ମାହାର, ବିଚିତ୍ରାନନ୍ଦ ରାଉତରାୟ, କେଦାର ବେହେରା ଓ ସୁଦୀପ୍ତକୁମାର ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଭିକାରୀ ଦାସ ସ୍ୱର୍ଗତଃ ଦେ'ଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ । ତାଙ୍କ ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସଦସ୍ୟମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତଃ ଦେ'ଙ୍କ ମନ୍ତ୍ରୀତ୍ୱ କାଳରେ

## ପୁଣି ଆତଙ୍କୀ ପନ୍ନୁର ଧମକ

# ସାମ୍ବାଦିକଙ୍କୁ ଦେଲା ମେଲ୍

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ରାଜଧାନୀରେ ୫୯ତମ ଡିଜିପି, ଆଇଜିପି ସମ୍ମିଳନୀ ଚାଲିଥିବାରୁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁ ହମଲା କରିବାକୁ ସୋସିଆଲ ମିଡିଆରେ ଧମକ ଦେବା ପରେ ପୁଣି ଦୁଇଜଣ ଓଡ଼ିଆ ସାମ୍ବାଦିକଙ୍କୁ ଧମକ ସମ୍ବଳିତ ମେଲ୍ ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଜଣେ ସାମ୍ବାଦିକ ପୋଲିସରେ ଅଭିଯୋଗ କରିବାରୁ ତାଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମେଲ୍‌ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପର୍କରେ ମଧ୍ୟ ମେସେଜ ରହିଛି । ଡିସେମ୍ବର ୧ ତାରିଖ ଦିନ ବିମାନବନ୍ଦରରୁ କେହି ଯାତ୍ରୀ ଉଡ଼ାଣ ନକରିବା ଓ ବିମାନରେ କେହି ନଆସିବା ପାଇଁ ପନ୍ନୁ ତା' ଧମକ ମେସେଜରେ ଉଲ୍ଲେଖ କରିଛି ।

ଜଣେ ଓଡ଼ିଆ ସାମ୍ବାଦିକଙ୍କ ମେଲ୍‌କୁ ଓଡ଼ିଆ ଓ ଇଂରାଜୀରେ ଲେଖା ଥିବା ଧମକପୂର୍ଣ୍ଣ ମେସେଜ ଆସିଥିବାବେଳେ ଅନ୍ୟ ଜଣେ ସାମ୍ବାତିକଙ୍କ ମେଲ୍ ଆଇଡିକୁ ମେସେଜ ଆସିଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କ ମେଲ୍‌କୁ ମଧ୍ୟ ଇଂରାଜ ଓ ଓଡ଼ଆ ଭାଷାରେ ମେସେଜ ଆସିଛି ବୋଲି ସେ କହିଛନ୍ତି । ଏହି ଦୁଇ ସାମ୍ବାଦିକଙ୍କୁ ଧମକ ହେବା ଘଟଣାକୁ ନେଇ ଭୁବନେଶ୍ୱରର ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

ବିମାନବନ୍ଦର ସମ୍ପର୍କରେ ଧମକ ମେସେଜ ଥିବାରୁ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଡିସିପି ପିନାକ ମିଶ୍ରଙ୍କ କହିବା ଅନୁଯାୟୀ କେନ୍ଦ୍ରୀୟ ସୁରକ୍ଷା ବଳ ଓ ଆମ ପୋଲିସ ମିଳିତ ଭାବେ ସଜାଗ ଅଛୁ, ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ । ଶନିବାର ଯାଞ୍ଚ ବେଳେ ବିମାନବନ୍ଦରର ଟ୍ରଲି ଷ୍ଟାଣ୍ଡ ନିକଟରେ ଏକ ନୀଳ ରଙ୍ଗର ବ୍ୟାଗ ଥିବା ଦେଖିବାକୁ ପାଇଥିଲେ ସିଆଇଏସ୍ଏଫ୍ ଯବାନମାନେ । ବ୍ୟାଗ୍‌କୁ ଯାଞ୍ଚ ପରେ ଜଣାପଡ଼ିଥିଲା ଯେ ସେଥିରେ କୌଣସି ବିପଜ୍ଜନକ ସାମଗ୍ରୀ ନାହିଁ ବୋଲି । ପନ୍ନୁ ନିଜର ପ୍ରଚାର ପାଇଁ କାନାଡ଼ାରେ ରହି ଏପରି କରୁଛି ନା କେହି ତା' ନାଁରେ ଏଭଳି ମନ୍ଦ କାର୍ଯ୍ୟ କରୁଛନ୍ତି, ତାହା ସ୍ପଷ୍ଟ ଜଣାପଡ଼ି ନାହିଁ । ଅଘଟଣ ଘଟାଇଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ସେ ମେସେଜ୍‌ରେ କହିଥିବା ଚର୍ଚ୍ଚା ହେଉଛି ।

## ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ

କଟକ,(ସବ୍ୟୁ): ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ଆଜି ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକୃତ ହିତାଧିକାରୀମାନଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି କ୍ରମରେ ଆଜି ୬୫ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଆକାରରେ ୧,୩୨,୦୦,୦୦୦ ଟଙ୍କା, ୬୬ଜଣଙ୍କୁ ଅନ୍ତେଷ୍ଟି କ୍ରିୟା ନିମନ୍ତେ ସହାୟତା ଆକାରରେ ୩,୩୦,୦୦୦ଟଙ୍କା, ୨୮୪ଜଣଙ୍କୁ ବିବାହନିମନ୍ତେ ପ୍ରୋତ୍ସାହନ ସହାୟତା ଆକାରରେ ୧,୪୦,୨୫,୦୦୦ ଟଙ୍କା, ୩୨ଜଣଙ୍କୁ ପ୍ରସୂତି କାଳୀନ ସହାୟତା ଆକାରରେ ୩,୨୦,୦୦୦ଟଙ୍କା ଏବଂ ୩୫ଜଣଙ୍କୁ ଶିକ୍ଷା ସହାୟତା ଆକାରରେ ୭,୯୩,୬୦୦ଟଙ୍କା ହିସାବରେ ସମୁଦାୟ ୪୮୨ ଜଣଙ୍କୁ ମୋଟ ୨ କୋଟି ୮୬ ଲକ୍ଷ ୬୮ ହଜାର ୬୦୦ ଶହ ଟଙ୍କାର ସହାୟତା ଅର୍ଥ ରାଶି ସେମାନଙ୍କ ସଂଚୟ ଖାତାକୁ ଅନଲାଇନ ଯୋଗେ ହସ୍ତାନ୍ତର କରାଯାଇଛିଛ ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଶ୍ରୀ ପ୍ରୀତି ବନ୍ଧନ ଘଡାଇ, ସହକାରୀ ଶ୍ରମ ଅଧିକାରୀ ଡା. ସୀମାନ୍ତ କୁମାର ସାହୁ, ସହକାରୀ ଶ୍ରମ ଅଧିକାରୀ ତୃପ୍ତିମୟୀ ଖଟୁଆ, କଲ୍ୟାଣ ସଂଯୋଜକ ଚନ୍ଦନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀଙ୍କୁ ବଦଳିକାଳୀନ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ଅଧିକାରୀ, ବୈଜ୍ଞାନିକ (ଇ) ଶ୍ରୀମତି ଇତିଶ୍ରୀ ନନ୍ଦ ପଦନ୍ନୋତି ପାଇ ନିର୍ଦ୍ଦେଶିକା ଭାବେ ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ କେନ୍ଦ୍ର,ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରକୁ ବଦଳି ହୋଇଛନ୍ତି ।ଏହିପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭ ।ବନା ସଭାଗୃହଠାରେ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତି ରହି ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ବଦଳିକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେଛ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟାଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜନ କରାଯାଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ଶ୍ରୀମତି ନନ୍ଦଙ୍କ କାର୍ଯ୍ୟଶୈଳି, ତାଙ୍କ ବ୍ୟବହାର, ଆଚରଣ ଏବଂ ବ୍ୟକ୍ତି ବିଷୟରେ ଗୁଣଗାନ କରିବା ସହ ଜିଲ୍ଲାରେ ଦୀର୍ଘଦିନ ଧରି ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ କାର୍ଯ୍ୟରତ ରହି ବିଭିନ୍ନ ଉପଲବ୍ଧି ସଂମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ୱେବସାଇଟରେ ଉପଯୁକ୍ତ ତଥ୍ୟ ଉପଲବ୍ଧ କରାଇବାରେ ତଥା ନିର୍ବାଚନ ଏବଂ ବାଲିଯାତ୍ରା ସମୟରେ ସୂଚନା ଓଁ ପ୍ରଯୁକ୍ତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଦକ୍ଷତା ସଂମ୍ପର୍କରେ ମଧ୍ୟ ମତବ୍ୟକ୍ତ କରିଥିଲେଛ ଜଣେ ଉଚ୍ଚକୋଟୀର ଯୋଗ ଶିକ୍ଷୟତ୍ରୀ ଭାବେ ନିଜକୁ ପ୍ରତିପାଦିତ କରି ବହୁ ଯୋଗ ପ୍ରଶିକ୍ଷଣ ଶିବିରର ସଫଳ ଆୟୋଜନରେ ନିଜକୁ ସାମିଲ କରିପାରିଛନ୍ତି । ଶ୍ରୀମତି ନନ୍ଦଙ୍କ ସ୍ଥାନରେ ମୃତ୍ୟୁଞ୍ଜୟ ନାୟକ ନୂତନ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଉଥିବା ନେଇ ତାଙ୍କୁ ଏହି ସଭାରେ ଶୁଭେଚ୍ଛା ମଧ୍ୟ ଜ୍ଞାପନ କରାଯାଇଥିଲା । ଏହି ଅବସରରେ ସମସ୍ତ ଡେପୁଟି କଲେକ୍ଟର,ବିଭାଗୀୟ ଅଧିକାରୀ, ଷ୍ଟାଫ କମିଟି କର୍ମକର୍ତ୍ତା ଓ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତଥିଲେ ।

## କଳାମନ୍ଦିରରେ ଶୀତ ବସ୍ତ୍ରର ସମ୍ଭାର

ଭୁବନେଶ୍ୱର (ସବ୍ୟୁ) : ଓଡିଶାର ସର୍ବପୁରାତନ ଏବଂ ବୃହତ୍ ସୋରୁମ୍ ଭୁବନେଶ୍ୱରସ୍ଥିତ କଳାମନ୍ଦିରଠାରେ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ଶୀତ ବସ୍ତ୍ର ଉପଲବ୍ଧ ରହିଛି। ଏଠାରେ ପୁରୁଷ , ମହିଳା ଏବଂ ଛୋଟ ପିଲାମାନଙ୍କ ପାଇଁ ସମସ୍ତ ପ୍ରକାରର ଶୀତ ବସ୍ତ୍ର ଯେପରିକି ସ୍ୱେଟର, କାଡିଗନ୍ , ଜ୍ୟାକେଟ୍ ପୁଲଓଭର, ସାଲ ଓ ଷ୍ଟୋଲ ଆଦି ଅନେକ ପ୍ରକାରର ଶୀତ ବସ୍ତ୍ରର ସମ୍ଭାର ରହିଛି। ଏଠାରେ ସୂଚନା ଯୋଗ୍ୟଯେ, କଳାମନ୍ଦିର ଏହାର ମୂଲ୍ୟ ଏବଂଭେରାଇଟି ପାଇଁ ସବୁବେଳେ ଲୋକମାନଙ୍କର ପସନ୍ଦଯୋଗ୍ୟ ହୋଇପାରିଛି। ଏହାର ପରିଚାଳନା ନିର୍ଦ୍ଦେଶକ ରାଜିନ୍ଦର ସିଂ କହିଛନ୍ତି ଯେ, କଳାମନ୍ଦିରରେ ଯେତିକି ଭେରାଇଟିର ଶୀତବସ୍ତ୍ର ରହିଛି ଅନ୍ୟ କୌଣସି ଷ୍ଟୋର୍‌ରେ ମିଳିବା କଷ୍ଟକର।

# ସମ୍‌ରେ ୱାର୍ଲ୍ଡ ପ୍ରିମ୍ୟାଚ୍ୟୁରିଟି ଦିବସ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ୱାର୍ଲ୍ଡ ପ୍ରିମ୍ୟାଚ୍ୟୁରିଟି ଦିବସ ପାଳିତ ହୋଇଯାଇଛି। ଅପରିପକ୍ୱ ନବଜାତ ଶିଶୁମାନଙ୍କର ଯତ୍ନ ଓ ଚିକିତ୍ସା କ୍ଷେତ୍ରରେ ଜନସାଧାରଣ ଓ ସ୍ୱାସ୍ଥ୍ୟସେବା କର୍ମୀଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ପାଳିତ ଏହି ଦିବସ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପକ୍ଷରୁ ୱାକାଥନ, ବିଭିନ୍ନ କୁଇଜ୍, ରଙ୍ଗୋଲି ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ନବଜାତ ଶିଶୁରୋଗ ବିଭାଗ ପକ୍ଷରୁ ଆୟୋଜିତ କଂଟିନ୍ୟୁଇଙ୍ଗ ମେଡିକାଲ୍ ଏଜୁକେସନ୍ (ସିଏମ୍ଇ)ର ଆୟୋଜନ କରାଯାଇଥିବା ବେଳେ ଏଥିରେ ନର୍ସ, ପିଜି ଛାତ୍ରଛାତ୍ରୀ ଏବଂ ଜନସାଧାରଣ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଡିନ୍ ପ୍ରଫେସର (ଡାକ୍ତର) ସୌମ୍ୟ ରନ ଦାସ ମୁଖ୍ୟ ଅତିଥି ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର )ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନବଜାତ ଶିଶୁମାନଙ୍କର ଏନ୍ଆଇସିୟୁରେ ସେବା



ଓ ଯତ୍ନ କ୍ଷେତ୍ରରେ ଜଟିଳ ଦିଗ ଗୁଡ଼ିକ ଉପରେ ଆଲୋଚନା କରିଥିଲେ।

ଆୟୋଜିତ ସିଏମ୍ଇରେ ଓଡ଼ିଶା ସରକାରଙ୍କର ଶିଶୁ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଡାକ୍ତର ଆଦିତ୍ୟ ମହାପାତ୍ର ଯୋଗ ଦେଇ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ଏବଂ ସଂକ୍ରମଣ ନିରାକରଣ ସହିତ କମ୍ ଓଜନ ଥିବା ନବଜାତମାନଙ୍କ ଯତ୍ନ ସମ୍ପର୍କରେ ମତ ରଖିଥିଲେ। ହସ୍ପିଟାଲ୍‌ରୁ ଡିସ୍ଚାର୍ଜ ହେବା ପରେ ଘରେ କିଭଳି ଶିଶୁମାନଙ୍କର ଯତ୍ନ ନିଆଯିବା ଆବଶ୍ୟକ ସେ ଦିଗରେ ମା'ମାନଙ୍କୁ ହସ୍ପିଟାଲ୍‌ରୁ ହିଁ ଅଧିକ ସଚେତନ କରାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ହସ୍ପିଟାଲ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗର ମୁଖ୍ୟ ଡାକ୍ତର ମନୀଷା ସାହୁ, ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ମମତାଦେବୀ ମହାନ୍ତି ଏବଂ ଶିଶୁଶଲ୍ୟ ବିଭାଗର ମୁଖ୍ୟ ଡାକ୍ତର ଅନ୍ତର୍ଯ୍ୟାମୀ ପ୍ରଧାନ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ଡାକ୍ତର ଦେବାଶିଷ ନନ୍ଦ ଅପରିପକ୍ୱ ଶିଶୁମାନଙ୍କ ଯତ୍ନ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ହେବା ନେଇ ଗୁରୁତ୍ୱ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସିଏମ୍ଇକୁ ଡାକ୍ତର ଭାଗ୍ୟଶ୍ରୀ ମହାପାତ୍ର ପରିଚାଳନା କରିଥିବା ବେଳେ ଡାକ୍ତର ରତନ ଦାସ, ଡାକ୍ତର ଭାଗିରଥି ମଲ୍ଲିକ୍, ଡାକ୍ତର ବିଜୟ କୁମାର, ଡାକ୍ତର ଦେବୀପ୍ରସାଦ ସାହୁ, ଡାକ୍ତର ଦିଲ୍ଲୀପ ପାଣିଗ୍ରାହୀ, ଡାକ୍ତର ଶ୍ରୀକାନ୍ତ ନାୟକ ଏବଂ ଡାକ୍ତର ମନୀଷା କାର୍ଯ୍ୟକ୍ରମ ଏବଂ କର୍ମଶାଳାକୁ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଧାନକିଣା ସମ୍ପର୍କିତ ଅଭିଯୋଗର ତୁରନ୍ତ ଆଶୁ ସମାଧାନ

# ଶୁଣାଣି ପାଇଁ ପ୍ରତି ଜିଲ୍ଲାରେ ନିଯୁକ୍ତ ନୋଡାଲ ଅଧିକାରୀ

ଭୁବନେଶ୍ୱର, (ସବ୍ୟୁ): ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ଚାଷୀମାନଙ୍କ ନିମନ୍ତେ ସରକାର ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି । କୃଷକମାନଙ୍କ ଧାନ ବିକ୍ରୟ ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ତ୍ୱରିତ ସମାଧାନ ପାଇଁ ସମସ୍ତ ଜିଲ୍ଲାରେ ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି । କୃଷକମାନେ ଘରେ ବସି ସେମାନଙ୍କ ଟୋକନ ନମ୍ବର, ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରାପ୍ୟ ଆଦି ସଂପର୍କରେ ଜାଣିପାରିବେ । ଏଥି ସହ ଇଣ୍ଟରଆକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ ମଧ୍ୟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ଅଭିଯୋଗ ପଞ୍ଜିକରଣ ସହଜ ହୋଇଛି । ଏପରିକି ରାଜ୍ୟ ଖାଦ୍ୟଯୋଗାଣ ନିଗମ ପରିସରରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ର ଖୋଲା ଯାଇଛି ଯେ କୌଣସି ଅଭିଯୋଗ ଥିଲେ ଚାଷୀମାନେ ୧୯୬୭କୁ ପ୍ରତ୍ୟକ୍ଷ ଭାବେ ଯୋଗାଯୋଗ କରିପାରୁଛନ୍ତି । ଗତ ମାସକ ମଧ୍ୟରେ ୧୬ ହଜାର ୫୮୪ଟି କଲ ଆସିଥିବା ବେଳେ ସେଥିମଧ୍ୟରୁ ଧାନ ସଂଗ୍ରହ ସଂକ୍ରାନ୍ତୀୟ ୧୪ ହଜାର ୭୨୮ଟି କଲ ରହିଛି । ସେହିଭଳି ୧୩ ହଜାର ୩୬୫ଟି ଆଉଟ ଗୋଇଙ୍ଗ ରହିଛି । ଏଥିମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟ ରାଶି ପ୍ରଦାନ ଓ ଧାନ ସଂଗ୍ରହ ଯାଞ୍ଚ ସମ୍ପର୍କିତ କଲ ରହିଥିବା ଜଣାପଡିଛି । ଏହି ଅଭିଯୋଗକୁ ଭିତ୍ତିକରି ଅଧିକାରୀମାନେ ଏହାକୁ ଯାଞ୍ଚ କରିବା ସହ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏତଦବ୍ୟତୀତ ଅଭିଯୋଗ ପୋର୍ଟାଲରୁ ପ୍ରାପ୍ତ ସୁଚନାକୁ ମଧ୍ୟ ଅଧିକାରୀମାନେ ଯାଞ୍ଚ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ବିଭିନ୍ନ ସ୍ଥାନରେ କିସାନ ପଖୱାଡା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ପବ୍ଲିକ ସେକ୍ଟର ବ୍ୟାଙ୍କ ମଧ୍ୟରୁ ଅନ୍ୟତମ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଜୋନ୍ ତରଫରୁ କୃଷକମାନଙ୍କୁ ଦେଶରେ କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟ ସହିତ ଜଡିତ ହେବା ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ଭାରତୀୟ କୃଷକମାନଙ୍କୁ ବ୍ୟାଙ୍କିଙ୍ଗ୍ ଏବଂ କୃଷି କାର୍ଯ୍ୟରେ ଟେକ୍ନୋଲୋଜି ର ଦ୍ୱାରା ୫୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା ଏବଂ ମୋଟାମୋଟି ୨୫ କୋଟି ଟଙ୍କାର ଋଣ ଅନୁମୋଦନ କରିଛି। ଚଳିତ ବର୍ଷ କିସାନ ପଖୱାଡାର ଅଂଶ ଭାବରେ ବ୍ୟାଙ୍କ ଡିଜିଟାଲ ବରୋଦା କିସାନ କ୍ରେଡିଟ୍ କାର୍ଡ (ବିକେସିସି) କୁ ରିଜର୍ଭ ବ୍ୟାଙ୍କ ଇନୋଭେସନ୍ ହବ୍ (ଆର୍‌ବିଆଇଏଚ୍ ) ସହ ଏକୀକୃତ କରିଛି ଯାହା ଦ୍ୱାରା ଭୂମି ରେକର୍ଡ ଓ ଚାଷ ସମ୍ବନ୍ଧୀୟ ଖବର ପାଇବା ସହିତ କୃଷକମାନଙ୍କୁ ଡିଜିଟାଲ କୃଷି ଋଣ ପ୍ରଦାନ କରାଯାଇପାରିବ। ବ୍ୟାଙ୍କ ଅଫ୍ ବରୋଦାର




ସଶକ୍ତିକରଣ ଓ ଟେକ୍–ସକ୍ଷମ ବ୍ୟାଙ୍କିଙ୍ଗ୍‌ର ମାର୍ଗଦର୍ଶନ ଉଦ୍ଦେଶ୍ୟରେ ମେଗା କିସାନ ମେଳାର ଆୟୋଜନ କରାଯାଇଛି। ବରୋଦା କିସାନ୍‌ର ସପ୍ତମ ସଂସ୍କରଣର ଏକ ଅଂଶ ଭାବରେ ପିପିଲି ନିକଟସ୍ଥ ମଙ୍ଗଳପୁରଠାରେ ଏହା ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ଏହି ଫ୍ଲାଗ୍‌ସିପ୍ ବାର୍ଷିକ କାର୍ଯ୍ୟକ୍ରମ ସାରା ବ୍ୟବହାରକୁ ଆଗକୁ ବଢାଇବାରେ ପ୍ରୋତ୍ସାହିତ କରାଯାଉଛି। ମଙ୍ଗଳପୁରଠାରେ ଆୟୋଜିତ ମେଗା କିସାନ ମେଳାର ଉଦ୍ଘାଟନ କାର୍ଯ୍ୟପାଳକ ନିର୍ଦ୍ଦେଶକ ବିଣା ୱାହିଦ୍ କରିଥିଲେ। ଓଡିଶାରେ ବରୋଦା କିସାନ୍ ପଖୱାଡା – ୨୦୨୪ ସମୟ ମଧ୍ୟରେ ବ୍ୟାଙ୍କ ଅନେକଗୁଡିଏ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱର ଅଞ୍ଚଳରେ ୩୨୮ଟି ଶାଖା ରହିଛି। ସେଥିରୁ ୨୧୯ ଟି ଅର୍ଦ୍ଧ ସହରୀ/ ଗ୍ରାମୀଣ ଶାଖା ରହିଛି। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପାଇଁ କୃଷି କ୍ଷେତ୍ରରେ ବିକେସିସି, ସ୍ୱର୍ଣ୍ଣ ଋଣ, ଟ୍ରାକ୍ଟର ଋଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ (ଏସ୍ଏଚ୍‌ଜି ) ଆଦି ପ୍ରମୁଖ ଅଟେ ।

## ପୁରୀରେ ଏଡ଼ସ ସଚେତନତା ଶୋଭାଯାତ୍ରା

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ବିଶ୍ୱ ଏଡସ୍ ଦିବସର ପୂର୍ବରୁ ଶନିବାର ପାଳନ ହୋଇଛି ବିଶ୍ୱ ଏଡସ୍ ଦିବସ । ଅସଂଯତ ଜୀବନ ଶୈଳୀ ଓ ଅପ୍ରାକୃତିକ ଯୌନ ସଂପର୍କରୁ ଦୂରରେ ରହି ଏକ ଶୃଙ୍ଖଳିତ ଜୀବନ ଯାପନ ଭାରତ ବର୍ଷକୁ ୨୦୩୦ ମସିହା ସୁଦ୍ଧା ଏଡ଼ସ ମୁକ୍ତ କରିପାରେ ବୋଲି ମତପ୍ରକାଶ ପାଇଛି । ଏଥିପାଇଁ ସକାଳୁ ଗୁଣ୍ଡିଚା ମନ୍ଦିର ଠାରେ ଡାକ୍ତର ବିରଜା ଶଂକର ରଥ ସଚେତନ ଶୋଭାଯାତ୍ରାକୁ ଉଦଘାଟନ କରିବା ପରେ, ଏହି ଶୋଭାଯାତ୍ରା ବାହାରି ପୁରୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା । ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ସୁଦର୍ଶନ ପୋଥାଳ, ଡାକ୍ତର ଅଶୋକ ମିଶ୍ର, ଯକ୍ଷ୍ମା ଓ ଏଡ଼ସ କମିଟିର ବରିଷ୍ଠ ସଦସ୍ୟ ଦ୍ରି ମିଶ୍ର,ମିନତୀ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ, ଭାରତବର୍ଷରେ ପାଖା ପାଖି ୨୪ଲକ୍ଷ, ଓଡ଼ିଶାରେ ୪୬ ହଜାର, ଗଞ୍ଜାମ ଜିଲାରେ ୧୫ ହଜାର ଏଡ଼ସ ରୋଗୀ ରହିଥିବା ବେଳେ, ପୁରୀ ରେ ଏହାର ସଂଖ୍ୟା ନଗଣ୍ୟ ଅର୍ଥାତ୍ ମାତ୍ର ୭ଶହ ହୋଇଥିଲେ ହେଁ, ଧର୍ମ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀ କୁ ପ୍ରତ୍ୟହ ବିଭିନ୍ନ ଦେଶବିଦେଶର ଭକ୍ତ ଓ ପର୍ଯ୍ୟଟକ ଆସୁଥିବାରୁ,ଏଡସ୍ ସଂକ୍ରମଣର ପ୍ରତିରୋଧ କରିବାକୁ ସମସ୍ତ ଜନସାଧାରଣ ସଚେତନ ରହିବା ପ୍ରଧାନ ଆବଶ୍ୟକତା ବୋଲି କହିଥିଲେ । ସଂଯୋଜକ ସୁଦର୍ଶନ ଜେନା, ଦୁଃଖିଶ୍ୟାମ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ ।

## ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ଫକ୍ଷରୁ ମଶାରୀ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): କେନ୍ଦୁଝର ଜିଲ୍ଲାରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବା ରୋକିବା ଲାଗି ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ନେଟ୍ ମଶାରୀ ବଣ୍ଟା ଯାଇଛି । ଖଣି ବହୁଳ କେନ୍ଦୁଝର ଜିଲ୍ଲାର ବସ୍ତି ଅଞ୍ଚଳରେ ଏହା ବ୍ୟାପୁ ଥିବାରୁ ଜେଏସ୍‌ଡବ୍ଲୁ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ବଡବିଲ୍‌ର ୧୫ ନମ୍ବର ୱାର୍ଡରେ ମ୍ୟାଲେରିଆ ଓ ଡଙ୍ଗୁ ବିଶେଷ ପ୍ରଭାବିତ ହେଉଥିବାରୁ ଏହି ୱାର୍ଡରେ ମଶୁରୀ ବଣ୍ଟା ଯାଇଛି । ବଡବିଲ୍ ମୁନିସିପାଲିଟିର ଅନୁରୋଧକ୍ରମେ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ଏହି ପଦକ୍ଷେପ ନେଇଛି । ୧୫ ନମ୍ବର ୱାର୍ଡର ସଭ୍ୟ ଶିବାନନ୍ଦ ଚମ୍ପେଇ ଓ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟଙ୍କ ସହାୟତାରେ ଏହା ବଣ୍ଟାଯାଇଛି । ଲୋଇପଡା ପଞ୍ଚାୟତର ନୂଆଗାଁରେ ମଧ୍ୟ ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ମଶୁରୀ ବଣ୍ଟାଯାଇଛି । ସେହିଭଳି ସେବା ଗ୍ରୁପ୍‌ର ସହାୟତା ମଧ୍ୟ ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ନେଇଛି । ପ୍ରାୟ ୨୦୦୦ ନେଟ୍ ମଶୁରୀ ବଣ୍ଟା ସରିଲାଣି । ନ୍ୟାସନାଲ ସେଣ୍ଟର ଫର ଭେକ୍ଟର ବର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ ମାମଲାରେ ୨୦୨୨ ତୁଳନାରେ ଓଡ଼ିଶାରେ ମ୍ୟାଲେରିଆ ଅଧିକ ରହିଛି । ୨୦୨୩ରେ ମ୍ୟାଲେରିଆ ୪୧,୯୭୧ ଆକ୍ରାନ୍ତ ହୋଇଥିଲାବେଳେ ୪ଜଣଙ୍କ ମୃତ୍ୟୁ ହୋଇଥିଲା ୨୦୨୨ରେ ୫ ମୃତ୍ୟୁ ହୋଇଥିଲାବେଳେ ୨୩୭୦ ଜଣ ଆକ୍ରାନ୍ତ ହୋଇଥିଲାବେଳେ ୫ଜଣଙ୍କ ମୃତ୍ୟୁ ହୋଇଛି ।

# ରୁଷିଆ-ୟୁକ୍ରେନ ଯୁଦ୍ଧ ଶେଷ ହେବ !

**ୱାଶିଂଟନ:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବସରପ୍ରାପ୍ତ ତିନି ତାରକା ଜେନେରାଲ କିଥ୍ କେଲୋଗ୍‌ଙ୍କୁ ୟୁକ୍ରେନ ଏବଂ ରୁଷିଆ ବିବାଦ ଶେଷ ପାଇଁ ତାଙ୍କର ବିଶେଷ ଦୂତ ଭାବରେ ଚୟନ କରିଛନ୍ତି । ୮୦ ବର୍ଷ ବୟସ୍କ କିଥ କେଲୋଗ୍ ଦୀର୍ଘ ବର୍ଷ ଧରି ପ୍ରତିରକ୍ଷା ପ୍ରସଙ୍ଗରେ ଟ୍ରମ୍ପଙ୍କ ସର୍ବୋଚ୍ଚ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଆସୁଛନ୍ତି ।

ଆମେରିକାର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିବା କିଥ ୟୁକ୍ରେନ ଏବଂ ରୁଷିଆର ଏକ ସ୍ୱତନ୍ତ୍ର ଦୂତ ଭାବରେ ଦୁଇ ଦେଶ ମଧ୍ୟରେ ଚାଲିଆସୁଥିବା ଯୁଦ୍ଧକୁ ସମାପ୍ତ କରିବା ପାଇଁ ଏକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି । ୟୁକ୍ରେନ ଯୁଦ୍ଧକୁ ସମାପ୍ତ କରିବାକୁ ଆମେରିକା ନିର୍ବାଚନରେ ଘୋଷଣା କରିଥିବା ଟ୍ରମ୍ପଙ୍କ ପ୍ରତିଶ୍ରୁତି ପୂରଣ କରିବା ପାଇଁ ତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏନେଇ କିଥଙ୍କର ଏକ ସ୍ୱତନ୍ତ୍ର ଯୋଜନା ରହିଛି ।




ସିଏନ୍‌ଏନ୍ ରିପୋର୍ଟ ଅନୁଯାୟୀ, ଏହି ନିଯୁକ୍ତି ସହିତ ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ଯୁଦ୍ଧକୁ ଶେଷ କରିବା ପାଇଁ କେଲୋଗଙ୍କ ଶାନ୍ତି ଯୋଜନା ମଧ୍ୟ ଗ୍ରହଣ କରିଛନ୍ତି । ତାଙ୍କ ଯୋଜନାରେ ଅସ୍ତ୍ରବିରତି, ବୁଝାମଣା ଏବଂ ୟୁକ୍ରେନକୁ ସାମରିକ ସହାୟତାରେ ପରିବର୍ତ୍ତନ ଅନ୍ତର୍ଭୁକ୍ତ । ତଥାପି ଏହି ଯୋଜନା ସହଜ ନୁହେଁ ବୋଲି ବିଶେଷଜ୍ଞମାନଙ୍କ ପକ୍ଷରୁ କୁହାଯାଉଛି । ଏଥିରେ ଅନେକ ଆହ୍ୱାନ ରହିଛି । ଯେଉଁଥିରେ ରୁଷିଆର ଦାବିକୁ ସାମ୍ନା କରିବା ଏବଂ ପଶ୍ଚିମ ଦେଶମାନଙ୍କ ମଧ୍ୟରେ ଏକତା ବଜାୟ ରଖିବା ଭଳି ପ୍ରଶ୍ନ ମଧ୍ୟ ରହିଛି ।

ଆମେରିକାର ପ୍ରଥମ ପଲିସି ଇନଷ୍ଟିଚ୍ୟୁଟ୍ ପାଇଁ ଲେଖିଥିବା ରିପୋର୍ଟରେ ଜେନେରାଲ କିଥ କେଲୋଗ୍ ତାଙ୍କର ଶାନ୍ତି ଯୋଜନା ବିଷୟରେ ବିସ୍ତୃତ ବିବରଣୀ ଦେଇଛନ୍ତି । ଯେଉଁଥିରେ ସେ ରୁଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଆଶାବ୍ୟକ୍ତ କରିଛନ୍ତି ।

କେଲୋଗ୍ କହିଛନ୍ତି ଯେ ୟୁକ୍ରେନର ନାଟୋ ସଦସ୍ୟତା ପ୍ରକୃତରେ ଏକ ଦୂର ସମ୍ଭାବନା । ଏପରି ପରିସ୍ଥିତିରେ ସୁରକ୍ଷା ଗ୍ୟାରେଣ୍ଟି ସହିତ ଏକ ବ୍ୟାପକ ଶାନ୍ତି ଚୁକ୍ତି ବଦଳରେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବା ଉଚିତ୍ର ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ନାଟୋରେ ଯୋଗ ଦେଇଥିବାରୁ ଅତ୍ୟନ୍ତ ଅସନ୍ତୁଷ୍ଟ ଅଛନ୍ତି ।

କିଥଙ୍କ ଯୋଜନାରେ କୁହାଯାଇଛି ଯେ, ଅସ୍ତ୍ରବିରତି ଏବଂ ସମାଧାନ ପାଇଁ ଆମେରିକାର ଏକ ନୀତି ହେବା ଉଚିତ୍ । ୟୁକ୍ରେନକୁ ଭବିଷ୍ୟତର ଆମେରିକୀୟ ସହାୟତା ଋଣ ଆକାରରେ ଦିଆଯିବା ଉଚିତ, ଯାହା ୟୁକ୍ରେନ-ରୁଷିଆ ଆଲୋଚନା ଉପରେ ନିର୍ଭର କରିବ । ଆମେରିକା ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ କରିବ ଯାହାଦ୍ୱାରା ୟୁକ୍ରେନ୍ କେବଳ ନିଜକୁ ରକ୍ଷା କରିପାରିବ । ୟୁକ୍ରେନ କୌଣସି କ୍ଷେତ୍ରରେ ରୁଷିଆର ବିକାଶରେ ବାଧା ଯେପରି ନ ଦେବ ସେ ନେଇ ମଧ୍ୟ ସର୍ତ୍ତ ରହିବ ।

କେଲୋଗ୍‌ଙ୍କ ଯୋଜନା ଅନୁଯାୟୀ, ଯୁଦ୍ଧ ବିରତିର ଏକ ନୀତି ସ୍ଥିର ହେବ । ଏଥିରେ ସହମତ ହୋଇ ରୁଷିଆ ସୀମିତ ପ୍ରତିବନ୍ଧକରୁ ମୁକ୍ତି ପାଇବ । ତେବେ ୟୁକ୍ରେନର ପସନ୍ଦ ଅନୁଯାୟୀ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲେ ହିଁ ଏହି ନିଷେଧାଦେଶରୁ ସମ୍ପୂର୍ଣ୍ଣ ଆଶ୍ୱସ୍ତି ମିଳିବ । ଏହି ଯୋଜନା ଅନ୍ତର୍ଗତ, ୟୁକ୍ରେନକୁ ଅଧିକୃତ ଅଞ୍ଚଳ ଉପରେ ନିୟନ୍ତ୍ରଣ ଫେରାଇବାକୁ କୁହାଯିବ ନାହିଁ । କୂଟନୈତିକ ମାଧ୍ୟମରେ ସେ ଏହାକୁ ଅନୁସରଣ କରିବାକୁ ରାଜି ହେବେ ।

କିଥଙ୍କ ଯୋଜନା ଆକର୍ଷଣୀୟ ଲାଗୁଛି କିନ୍ତୁ ରୁଷିଆର ଦାବି କିପରି ପୂରଣ ହେବ ତାହା ଉଲ୍ଲେଖ କରାଯାଇ ନାହିଁ । ଏଥି ସହିତ, ବିମୁଦ୍ରୀକରଣ ଜୋନ୍ ପାଇଁ ବାହିନୀର ଆବଶ୍ୟକତା ପୂରଣ କରିବା ମଧ୍ୟ ଏକ ଆହ୍ୱାନ ହେବ । ଏହି ଯୋଜନା ୟୁକ୍ରେନ ପାଇଁ ଏକ ଭଲ ସୁଯୋଗ ହୋଇପାରେ । ୟୁକ୍ରେନ ପାଇଁ ବର୍ତ୍ତମାନ ଅସ୍ତ୍ରବିରତି ଜରୁରୀ ।

କାରଣ ୟୁକ୍ରେନ ସବୁ ମୋର୍ଚ୍ଚାରେ ପରାଜିତ ହେବାରେ ଲାଗିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରୁଷିଆ ଏହି ଯୋଜନା ଉପରେ କିଭଳି ଆଭିମୁଖ୍ୟ ଗ୍ରହଣ କରିବ ତାହା ଉପରେ ଏହାର ଆଗେଇବା ନିର୍ଭର କରୁଛି ବୋଲି ଚର୍ଚ୍ଚା ହେଉଛି ।

## ଡିସେମ୍ବର ୫ରେ ମହାରାଷ୍ଟ୍ରରେ ଶପଥ ଉତ୍ସବ !



**ନୂଆଦିଲ୍ଲୀ:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ହେବାର ୭ ଦିନ ବିତିଗଲାଣି । ନିର୍ବାଚନ ଜିତିଥିବା ଏନ୍‌ଡିଏ ବା ମହାୟୁତି ମେଣ୍ଟ ପକ୍ଷରୁ ଏ ପର୍ଯ୍ୟନ୍ତ ସରକାର ଗଠନ ହୋଇପାରିନାହିଁ । ତେବେ ସୂଚନା ଅନୁଯାୟୀ ଆସନ୍ତା ୫ ତାରିଖରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ତେବେ ମୁଖ୍ୟମନ୍ତ୍ରୀ କିଏ ହେବ ଏହାକୁ ନେଇ ଏବେସୁଦ୍ଧା ବି ସଂଶୟ ଲାଗି ରହିଛି । ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏବେ କାମଚଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେବେ ତାଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରାଯିବନାହିଁ ବୋଲି ବିଜେପି ମନା କରିଥିବା ସୂଚନା ମିଳୁଛି ।

ତେବେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଗତକାଲି ମହାୟୁତି ମେଣ୍ଟର ବୈଠକ ହେବାର ଥିଲା । ମାତ୍ର ସିନ୍ଦେ ନିଜ ଗାଁ ସତାରାକୁ ପଳାଇ ଯିବାରୁ ଏହି ବୈଠକ ହୋଇପାରିନଥିଲା । ସିନ୍ଦେ ମଧ୍ୟ ଦିଲ୍ଲୀ ଯାଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଗୁରୁବାର ଭେଟିଥିଲେ । ଭେଟିଲା ପରେ ବି ସେପଟୁ କୌଣସି ସ୍ପଷ୍ଟ ସୂଚନା ପାଇନଥିବା ସୂଚନା ମିଳୁଛି । ଆସନ୍ତାକାଲି ସିନ୍ଦେ ଫେରି ପାରନ୍ତି ଓ ମହାୟୁତି ବୈଠକରେ ଯୋଗ ଦେଇପାରନ୍ତି । ଏହି ନିର୍ବାଚନରେ ବିଜେପି, ଶିବସେନା ଓ ଏନ୍‌ସିପି ୨୮୮ ବିଧାନସଭା ଆସନରୁ ୨୩୩ ଜିତିଛନ୍ତି । ବିଜେପି ସର୍ବବୃହତ୍ତ ଦଳ ଭାବେ ୧୩୨ ଆସନ ଜିତିଛି । ୧୩୨ ଆସନ ଜିତିବା ପରେ ବିଜେପି ମୁଖ୍ୟମନ୍ତ୍ରୀ ପଦ ଲାଗି ଦାବିଦାର ବନିଛନ୍ତି । ଯାହାକୁ ସିନ୍ଦେ ଗୋଷ୍ଠୀ ଗ୍ରହଣ କରିପାରୁନାହାନ୍ତି । ତେବେ ସିନ୍ଦେଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ପାଇଁ ଚର୍ଚ୍ଚା ହେଉଛି । ଉପମୁଖ୍ୟମନ୍ତ୍ରୀ ହେଲେ ସିନ୍ଦେ ଗୃହ ବିଭାଗ ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାବି କରୁଛନ୍ତି । ଯାହା ମହାୟୁତି ମେଣ୍ଟରେ ଏକ ଅଚଳାବସ୍ଥା ସୃଷ୍ଟି କରିଛି ।

## ମୋ ପତ୍ନୀଙ୍କୁ ଏଥିରେ ଟାଣନି: ରାଜ କୁନ୍ଦ୍ରା



**ମୁମ୍ବାଇ:** ନଭେମ୍ବର ୨୯ରେ ଅଶ୍ଳୀଳ କଣ୍ଟେଣ୍ଟ ମାମଲାରେ ଇଡି ରାଜ କୁନ୍ଦ୍ରାଙ୍କ ଘରେ ଚଡାଉ କରିଥିଲା । ଇଡି ରେଡର ଗୋଟିଏ ଦିନ ପରେ ରାଜ କୁନ୍ଦ୍ରା ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ ତାଙ୍କ ପତ୍ନୀ ଶିଳ୍ପା ସେଟ୍ଟୀଙ୍କ ନାମ ଏସବୁ ମଧ୍ୟକୁ ଟାଣିବା ଉଚିତ ନୁହେଁ । ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ସେ କହିଛନ୍ତି, ମୁଁ ଗତ ଚାରି ବର୍ଷ ଧରି ତଦନ୍ତରେ ସହଯୋଗ କରିଆସୁଛି । ସତ୍ୟ କେବେ ଲୁଚି ରହିବ ନାହିଁ । ପରିଶେଷରେ କେବଳ ନ୍ୟାୟ ହିଁ ମିଳିବ । ଅଯଥା ପ୍ରସଙ୍ଗରେ ମୋ ପତ୍ନୀଙ୍କ ନାମକୁ ବାରମ୍ବାର ଟାଣିବା ଆଦୌ ଗ୍ରହଣୀୟ ନୁହେଁ । ନିଜନିଜ ସୀମାକୁ ସମ୍ମାନ ଦିଅନ୍ତୁ । ତେବେ ୨୦୨୧ ମସିହାରେ ରାଜ କୁନ୍ଦ୍ରାଙ୍କ ନାମ ପର୍ଣ୍ଣୋଗ୍ରାଫି ମାମଲା ସହିତ ଜଡିତ ରହିଛି । ଏହି ମାମଲାରେ ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା । ଏହା ପରେ ସେ ପ୍ରାୟ ଦୁଇ ମାସ ଜେଲରେ ରହିଥିଲେ ଏବଂ ପରେ ତାଙ୍କୁ ଜାମିନ ପ୍ରଦାନ କରାଯାଇଥିଲା ।

## ବାଂଲାଦେଶରେ ଇସ୍କନ୍‌ର ଆଉ ଜଣେ ସାଧୁ ଗିରଫ

**ନୂଆଦିଲ୍ଲୀ:** ବାଂଲାଦେଶରେ ଇସ୍କନର ଆଉଜଣେ ସାଧୁଙ୍କୁ ଗିରଫ କରାଯାଇଛି । ତାଙ୍କ ନାମ ସ୍ୟାମଦାସ ପ୍ରଭୁ ବୋଲି ଜଣାପଡିଛି । ପୂର୍ବରୁ ବାଂଲାଦେଶରେ ଆଧାତ୍ମିକବାଦୀ ଚିନ୍ମୟ କ୍ରିଷ୍ଣା ଦାସଙ୍କୁ ଗିରଫ କରାଯାଇଥିଲା । ଚିନ୍ମୟ ଦାସ ଜେଲ୍‌ରେ ଥିବାବେଳେ ସ୍ୟାମଦାସ ପ୍ରଭୁ ତାଙ୍କୁ ଭେଟିବାକୁ ଯାଇଥିଲେ । କୋଲକାତାର ଇସ୍କନ ମୁଖପାତ୍ର ତଥା ଉପସଭାପତି ରାଧାରାମ ଦାସ କହିଛନ୍ତି ଯେ ଇସ୍କନର ଏହି ସାଧୁଙ୍କୁ ବିନା ୱାରେଣ୍ଟରେ ଗିରଫ କରାଯାଇଛି । ପୂର୍ବରୁ ଚିନ୍ମୟ କ୍ରିଷ୍ଣା ଦାସଙ୍କୁ ବାଂଲାଦେଶ ଗିରଫ କରିଥିଲା । ଦେଶଦ୍ରୋହ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା । ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବାଂଲାଦେଶର ବିଭିନ୍ନ ସ୍ଥାନରେ ପ୍ରତିବାଦ ଚାଲିଛି । ଚିନ୍ମୟ ଦାସଙ୍କୁ ମଧ୍ୟ ବାଂଲାଦେଶର ଛଟୋ ଗ୍ରାମ କୋର୍ଟ ଜାମିନ ଦେବାକୁ ମଙ୍ଗଳବାର ମନା କରିଦେଇଛନ୍ତି । ପୋଲିସ ଓ ପ୍ରତିବାଦକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବାରୁ ଏଭଳି ପଦକ୍ଷେପ ନିଆଯାଉଛି । ତେବେ ଇତିମଧ୍ୟରୁ ୩ ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା କରାଯାଇଛି । ଇସ୍କନ ସଦସ୍ୟମାନେ ଏହାର ପ୍ରତିବାଦ କରୁଥିବାରୁ ତାଙ୍କୁ ଦେଶଦ୍ରୋହ ମାମଲାରେ ଗିରଫ କରାଯାଉଥିବା କୁହାଯାଇଛି ।



## କ'ଣ ହେବ ଉଦ୍ଧବଙ୍କ ଭବିଷ୍ୟତ?

**ନୂଆଦିଲ୍ଲୀ:** ସେନା ବଦଳରେ ଏକନାଥ ସିନ୍ଦେଙ୍କ ସେନାକୁ ଭରସା କଲେ ମହାରାଷ୍ଟ୍ର ଜନତା । ୯୪ଟି ବିଧାନସଭା ସିଟ୍ ଲଢିଥିବା ଉଦ୍ଧବଙ୍କ ସେନା ମାତ୍ର ୨୦ଟିରେ ଜିତିଛି । ଯେବେକି ଏକନାଥ ସିନ୍ଦେଙ୍କ ଶିବସେନା ୮୫ଟି ସିଟ ଲଢି ୫୭ଟିରେ ବିଜୟୀ ହୋଇଛି । କେବଳ ବିଧାନସଭା ଲଢେଇ ନୁହେଁ ଅସଲି ନକଲିର ଲଢେଇରେ ବି ବାଜିମାତ୍ କରିଛନ୍ତି ସିନ୍ଦେ । ୨୦୨୨ରେ ଶିବସେନା ବିଭାଜନ ପରେ ବିଧାନସଭା ନିର୍ବାଚନ ଉଭୟ ଉଦ୍ଧବ ଓ ସିନ୍ଦେଙ୍କ ପାଇଁ ଲିଟମସ୍ ଟେଷ୍ଟ ଥିଲା । ଯେଉଁଥିରେ ଏକନାଥ ସିନ୍ଦେ ନିଜକୁ ବାଲା ସାହବ ଠାକରେଙ୍କ ଲିଗାସିର ପ୍ରକୃତ ହକଦାର ଭାବେ ପ୍ରମାଣିତ କରିଛନ୍ତି । ସେପଟେ ଉଦ୍ଧବଙ୍କ ପାଇଁ ଏବେ ନିଜ ରାଜନୈତିକ ଅସ୍ତିତ୍ୱ ବଞ୍ଚାଇବା ସବୁଠୁ ବଡ ଚ୍ୟାଲେଞ୍ଜ ପାଲଟିଛି ।

ନିର୍ବାଚନରେ ବଡ ପରାଜୟ ପରେ ଏବେ ଦଳ ବଞ୍ଚାଇବା ଉଦ୍ଧବଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ । ତୃଣମୂଳସ୍ତରର କର୍ମୀ ହୁଅନ୍ତୁ କି ଦଳର ନେତା, ବିଶ୍ୱାସନୀୟତା ବଜାୟ ରଖିବାକୁ ଉଦ୍ୟମ କରିବା ଆବଶ୍ୟକ । କାରଣ ବାଲ ଠାକରେ ଲିଗାସି ଯୁଦ୍ଧରେ ଏକପ୍ରକାର ସିନ୍ଦେଙ୍କ ସପକ୍ଷରେ ଜନାଦେଶ ଆସି ସାରିଛି । ତେଣୁ ସିନ୍ଦେ ଗୋଷ୍ଠୀ ପ୍ରତି ଶିବସେନାର ନେତା ଓ କର୍ମୀ ଢଳିବା ସ୍ୱାଭାବିକ । ଏପରିକି ବିଧାନସଭା ନିର୍ବାଚନରେ ବିଜୟୀ ବିଧାୟକଙ୍କ ଦଳବଦଳ ଆଶଙ୍କା ବି ରହିଛି । ଆଗକୁ ବିଏମସି ନିର୍ବାଚନ ଥିବା ବେଳେ ଏବେଠୁ ଉଦ୍ଧବ ଠାକରେଙ୍କୁ ସମସ୍ତଙ୍କୁ ଏକଜୁଟ୍ କରିବା ନେଇ ସ୍ୱତନ୍ତ୍ର ରଣନୀତି କରିବାକୁ ପଡିବ ।

## ମୃତ୍ୟୁକୁ ଆଲିଙ୍ଗନ କରିବେ ଲୋକେ: ବ୍ରିଟେରେ ସ୍ୱତନ୍ତ୍ର ବିଲ୍ ପାରିତ

**ଲଣ୍ଡନ:** ବ୍ରିଟିଶ ସଂସଦର ନିମ୍ନ ଗୃହରେ ଇଚ୍ଛାମୃତ୍ୟୁ ସମ୍ବନ୍ଧୀୟ ଏକ ବିଲ୍ ପାରିତ ହୋଇଛି । ଏହାକୁ ନେଇ ଏବେ ଆଲୋଚନା ହେଉଛି । ଏହି ବିଲ୍ ଅନୁଯାୟୀ, ଯେଉଁମାନେ ଇଚ୍ଛାମୃତ୍ୟୁ ଚାହୁଁଛନ୍ତି ସେମାନେ ବର୍ତ୍ତମାନ ସହଜରେ ନିଜ ପସନ୍ଦରେ ମୃତ୍ୟୁକୁ ଆଲିଙ୍ଗନ କରିପାରିବେ । ବ୍ରିଟିଶ ସଂସଦରେ ଇଚ୍ଛାମୃତ୍ୟୁ ସମ୍ବନ୍ଧୀୟ ଏକ ବିଲ୍ ଆଗତ କରାଯାଇଥିଲା । ଏହି ବିଲ୍ ଅନୁଯାୟୀ ଗୁରୁତର ଅସୁସ୍ଥ ବୃଦ୍ଧବୃଦ୍ଧା ଅବା ଅନ୍ୟ ବ୍ୟକ୍ତିମାନେ ସେମାନଙ୍କ ଜୀବନକୁ ଶେଷ କରିପାରିବେ । ଯେଉଁମାନଙ୍କର ବଞ୍ଚିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିବା ଅବା ସେମାନେ କୌଣସି ଦୁରାରୋଗ୍ୟ ରୋଗରେ ପୀଡ଼ିତଥିବେ । ବ୍ରିଟିଶ ସଂସଦରୁ ଏହି ବିଲ୍ ପ୍ରାରମ୍ଭିକ ଅନୁମୋଦନ ଲାଭ କରିଛି, ଯାହା ବର୍ତ୍ତମାନ ଅନୁମୋଦନ ପାଇଁ ଉପର ଗୃହକୁ ପଠାଯିବ । ସଂସଦରେ ବିତର୍କ ପରେ ସଂସଦରେ ଏହି ବିଲ୍ ଉପରେ ଭୋଟ୍ ଗ୍ରହଣ କରାଯାଇଥିଲା ଯେଉଁଥିରେ ୩୩୦ ଭୋଟ୍ ବିଲ୍ ସପକ୍ଷରେ ଦିଆଯାଇଥିବାବେଳେ ଏହା ବିରୋଧରେ ୨୭୫ ଭୋଟ୍ ଦିଆଯାଇଥିଲା । ଏହାପୂର୍ବରୁ ୨୦୧୫ରେ ଏହି ବିଲ୍ ସଂସଦରେ ଅଣାଯାଇଥିଲା, କିନ୍ତୁ ସେତେବେଳେ ତାହା ପାରିତ ହୋଇପାରି ନ ଥିଲା । ଏହି ବିଲ୍ ସପକ୍ଷରେ ଭୋଟ୍ ଦେଇଥିବା ବ୍ରିଟିଶ-ଭାରତୀୟ ସାଂସଦଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନାକ ଏବଂ ସଂସ୍କୃତି ମନ୍ତ୍ରୀ ଲିସା ନନ୍ଦୀ ମଧ୍ୟ ଥିଲେ । ବର୍ତ୍ତମାନ ଏହି ବିଲ୍ ସଂସଦର ଉପର ଗୃହକୁ ଅର୍ଥାତ୍ 'ହାଉସ୍ ଅଫ୍ ଲର୍ଡସ୍‌' ସଂଶୋଧନ ଏବଂ ବିଚାର ପାଇଁ ପଠାଯିବ । ଏହି ବିଲକୁ ଇଂଲଣ୍ଡ ଏବଂ ୱେଲ୍ସର ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ସ୍ୱାସ୍ଥ୍ୟ ସଚିବ ଯାଞ୍ଚ୍ କରିବେ । ବ୍ରିଟେନର ନିମ୍ନ ସଦନ ଦ୍ୱାରା ଏହି ବିଲ୍ ପାରିତ ହୋଇଥିଲେ ମଧ୍ୟ ଏହାର ରାସ୍ତା ସହଜ ନୁହେଁ କାରଣ ବିଲ୍ ଭୋଟ୍ ସମୟରେ ସଂସଦ ଭିତରେ ଏବଂ ବାହାରେ ବିରୋଧୀ ପ୍ରଦର୍ଶନ କରାଯାଇଛି । ଏହି ବିଲକୁ ବିରୋଧ କରୁଥିବା ଲୋକମାନେ କହିଛନ୍ତି ଯେ, ଲୋକମାନେ ଏହାର ଅପବ୍ୟବହାର କରିପାରନ୍ତି । ବିଲ୍ ସାହାଯ୍ୟରେ ଲୋକଙ୍କୁ ମୃତ୍ୟୁ ପାଇଁ ଚାପ ପକାଯାଇପାରେ । ବିଲ୍ ବ୍ୟବସ୍ଥା ଅନୁଯାୟୀ, ୧୮ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ଯେଉଁମାନେ ଆସନ୍ତା ୬ ମାସ ମଧ୍ୟରେ ମରିବାକୁ ଯାଉଛନ୍ତି ସେମାନେ ଏହି ବିଲକୁ ଲାଭ ଉଠାଇ ପାରିବେ । ଗୁରୁତର ରୋଗରେ ପୀଡିତ ବ୍ୟକ୍ତିଙ୍କ ଜୀବନ ଶେଷ କରିବାକୁ ନିଷ୍ପତ୍ତି ଦୁଇଜଣ ଡାକ୍ତରଙ୍କ ଅନୁମୋଦନ ଆବଶ୍ୟକ କରିବ । ଯାହା ପରେ ହାଇକୋର୍ଟର ବିଚାରପତିଙ୍କଠାରୁ ଅନୁମତି ମଧ୍ୟ ଆବଶ୍ୟକ ହେବ । ଏହା ବ୍ୟତୀତ ଦୁଇଜଣ ଡାକ୍ତରଙ୍କ ଦ୍ୱାରା ନିଶ୍ଚିତ ହେବ ଯେ ବ୍ୟକ୍ତି ଜଣକ ଇଚ୍ଛାମୃତ୍ୟୁ ପାଇବାକୁ ଆଗ୍ରହୀ ଅଛନ୍ତି ନା ନାହିଁ । ଏହା ପରେ କୋର୍ଟ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ।

## ସଂସଦରେ ୫୦ ପଇସାରେ ମିଳୁଥିଲା ପେଟପୂରା ଖାଦ୍ୟ

**ନୂଆଦିଲ୍ଲୀ:** ସଂସଦରେ ଚାଲୁଛି ଶୀତକାଳୀନ ଅଧିବେଶନ । ପ୍ରତି ଅଧିବେଶନରେ ହଙ୍ଗାମା କରୁଛନ୍ତି ବିରୋଧୀ । ତେଣୁ ପ୍ରତିଦିନ ସ୍ଥଗିତ ହେଉଛି ସଂସଦର କାର୍ଯ୍ୟକାଳ । ତେଣୁ ସଂସଦକୁ ଆସୁଥିବା ସାଂସଦ, ସାମ୍ବାଦିକ ଓ ଦର୍ଶକଙ୍କ ସଂଖ୍ୟା ବଢିବାରେ ଲାଗିଛି । ସଂସଦରେ ଖାଦ୍ୟପେୟ ପାଇଁ ଗୋଟିଏ କ୍ୟାଣ୍ଟିନ ରହିଛି । କିନ୍ତୁ ସେଠାରେ ମିଳୁଥିବା ଭେଜ ଥାଳିର ମୂଲ୍ୟ ଆପଣ ଜାଣନ୍ତି କି ? ଏଠାରେ ରୁଟିର ମୂଲ୍ୟ କେତେ ଆପଣ ଜାଣନ୍ତି କି ?

୭୦ ବର୍ଷ ପୂର୍ବରୁ ସଂସଦରେ ଏହି କ୍ୟାଣ୍ଟିନ ରହିଛି । ନୂଆ ସଂସଦ ଭବନ ନିର୍ମାଣ ହେବା ସହ ଏହି କ୍ୟାଣ୍ଟିନକୁ ମଧ୍ୟ ଆଧୁନିକିକରଣ କରାଯାଇଛି । କ୍ୟାଣ୍ଟିନ ଖାଇବାରେ ମିଲେଟକୁ ମଧ୍ୟ ସାମିଲ କରାଯାଇଛି । ପୂର୍ବରୁ ଏହି କ୍ୟାଣ୍ଟିନରେ ବହୁତ ଶସ୍ତାରେ ଖାଇବା ମିଳୁଥିଲା । କିନ୍ତୁ ଏବେ ତାହା ବଢି ଥିବା ଜଣାଯାଇଛି । କିନ୍ତୁ ଅନ୍ୟ ହୋଟେଲ ତୁଳନାରେ ସଂସଦ କ୍ୟାଣ୍ଟିନରେ ଏବେ ମଧ୍ୟ ଶସ୍ତାରେ ଖାଦ୍ୟ ମିଳୁଛି ।

### ୫୦ ପଇସାରେ ମିଳୁଥିଲା ଥାଳି

ସୂଚନା ଅନୁସାରେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉତ୍ତର ରେଲୱେ ଦ୍ୱାରା ସଂସଦ ଭବନରେ କ୍ୟାଣ୍ଟିନର ବ୍ୟବସ୍ଥା କରାଯାଇଥିଲା । ୨୦୨୧ ମସିହାରୁ ଏହା ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଦ୍ୱାରା ପରିଚାଳିତ ହେଉଛି । ପୂର୍ବରୁ ଏହି କ୍ୟାଣ୍ଟିନ ବହୁତ ଛୋଟ ଥିଲା । ଜବାହାର ଲାଲ ନେହେରୁଙ୍କ ଠାରୁ ଆରମ୍ଭ କରି ପିଏମ ମୋଦୀ ମଧ୍ୟ ଏହି କ୍ୟାଣ୍ଟିନରେ ଖାଦ୍ୟ ଖାଇଛନ୍ତି । ସମୟ ଅନୁସାରେ କ୍ୟାଣ୍ଟିନ ବ୍ୟବସ୍ଥାରେ ବହୁତ ପରିବର୍ତ୍ତନ ମଧ୍ୟ ହୋଇଛି । ୧୯୫୦ - ୧୯୬୦ ମସିହାରେ ଏହି କ୍ୟାଣ୍ଟିନରେ ଭେଜ ଥାଳିର ମୂଲ୍ୟ ୫୦ ପଇସା ଥିଲା । କେବଳ ମିଲ୍ ନୁହେଁ, ଚା, ଜଳଖିଆ ଶାହା ଅନ୍ୟ ଖାଦ୍ୟ ସାମଗ୍ରୀ ମୂଲ୍ୟ ମଧ୍ୟ ସେହି ତୁଳନାରେ ଶସ୍ତା ଥିଲା ।

## ସାଉଦୀ ଆରବରେ ଓଡିଆ ସଂଗଠନ 'ରୋଜା' ର ବାର୍ଷିକ ଉତ୍ସବ

**ନୂଆଦିଲ୍ଲୀ :** ସାଉଦୀ ଆରବ ସ୍ଥିତ ପ୍ରଥମ ଓଡିଆ ସଂଗଠନ 'ରୋଜା' ତାହାର ୧୬ ତମ ବାର୍ଷିକ ଉତ୍ସବ ୨୯ ନଭେମ୍ବର ୨୦୨୪ ସୁଦୂର ରିୟାଦ (ସାଉଦି ଆରବ) ଠାରେ ମହା ଆଡମ୍ବରରେ ପାଳନ କରିଅଛି । ପ୍ରାୟ ୩୦୦ ପ୍ରବାସୀ ଓଡିଆଙ୍କ ଉପସ୍ଥିତିରର ଓଡିଶାର ସଂସ୍କୃତି, ଐତିହ ଓ ମରନାରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରର ମଧ୍ୟପ୍ରାଚ୍ୟର ଏକ କ୍ଷୁଦ୍ର ଓଡିଶାର ଅନୁଭୂତି ହୋଇଥିଲା ।

କାର୍ଯ୍ୟକ୍ରମରେ ଆସ୍ଥାକ ଗ୍ରୁପ୍ର ପ୍ରତିଷ୍ଠାତା ଡଃ ଦେ ମହାନ୍ତି ଓ ସିକୁୟର ଆଇ ଗ୍ରୁପ୍ ର ସହ ପ୍ରତିଷ୍ଠାତା କର୍ମେନ୍ଦ୍ର କୋହଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ଐକ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ବିଦେଶ ମାଟିରେ ଓଡିଆ ମାନଙ୍କ ଦ୍ୱାରା ଦୀର୍ଘ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ଏତାଦୃଶ୍ୟ ପ୍ରୟାସକୁ ଉଭୟ ଅତିଥି ଅଶେଷ ପ୍ରଶଂସା କରିଥିଲେ । ରୋଜା ସଂଗଠନର ଅଧ୍ୟକ୍ଷ ଅଜିମ ଖାଁନ ୧୬ତମ ସାଂସ୍କୃତିକ ଅବସରରେ ସମସ୍ତ ସଦସ୍ୟଙ୍କ ଏକାଗ୍ରତା ଭାବର ବିଶେଷ ଧନ୍ୟବାଦ କରିଥିଲେ । ରୋଜାର ଉପରଦଷ୍ଟା ଡଃ ମହମ୍ମଦ ଫଜଲ୍‌ହକ ଓ ମହମ୍ମଦ ସମଷେର ଅଲି, ଉପସଭାପତି ସୁକାନ୍ତ ପାତ୍ର ଓ ହାଡୁବନ୍ଧୁ ସାହୁ ଅନୁଷ୍ଠାନର ବିବିଧ ଉପଲବ୍ଧି ସମ୍ବଧରେ ଆଲୋଚନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର, ଭାବନା ସେନ(ରାଉତ) ଓ ରୋଜାଲିନ ନାୟକଙ୍କ ନିର୍ଦ୍ଦେଶନାରେ ଓଡିଶୀ, ସମ୍ବଲପୁରୀ ଓ ଆଧୁନକି ଗୀତ ସହିତ ସୁନାମଧନ୍ୟ ଓଲିଉଡ ଗାୟକ ସ୍ୱୟମ ପାଢୀ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲେ । ଇତୟବସରରର ରୋଜା ତରଫରୁ ଆୟୋଜିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରାର୍ଥୀ ଙ୍କୁ ପୁରସ୍କୃତ କରିବା ସହିତ ଗ୍ରୁପ୍ର ସ୍ମରଣିକା ମଧ୍ୟ ଉନ୍ମୋଚିତ ହୋଇଥିଲା ।

ଏହି ସାଂସ୍କୃତିକ କାର୍ଯ୍ୟକ୍ରମରର ସାଉଦି ଆରବରର ଅବସ୍ଥିତ ଅନ୍ୟ ଓଡିଆ ସଂଗଠନ ଯଥା କଳିଂଗନ ଓ ଉତ୍କଳିକାର ପ୍ରତିନିଧିତ୍ୱ ସଦ୍ୟସ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳତାର ବିଶେଷ ପ୍ରସଂଶା କରିଥିଲେ । ବିଦେଶ ମାଟିରେ ଦୀର୍ଘ୧୬ ବର୍ଷ ଧରି ଓଡିଆ ପରମ୍ପରା କୁଉଜ୍ଜୀବିତ ରଖିବାରର ପ୍ରମୁଖ୍ ଭୂମିକା ଗ୍ରହଣ କରିଆସିଥିବା ରୋଜାର ଏହି କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଦର୍ଶକ ବୃନ୍ଦ ଏକ ଅବିସ୍ମରଣୀୟ ସ୍ମୃତିନେଇ ବିଦାୟ ନେଇଥିଲେ ।

## ମୋ ଘର ଦୂଆର, ଅଫିସ୍ ଆପଣମାନଙ୍କ ପାଇଁ ଖୋଲା'

**ନୂଆଦିଲ୍ଲୀ:** ରାଜନୀତର ଡେବ୍ୟୁ ମ୍ୟାଚରେ ବିରାଟ ବିଜୟ ପରେ ନିର୍ବାଚନମଣ୍ଡଳୀ ପରିଦର୍ଶନ କରିଛନ୍ତି ପ୍ରିୟଙ୍କା ଗାନ୍ଧି ଭଦ୍ରା । ୱାୟନାଡ଼ର ସାଂସଦ ଭାବେ ଶପଥ ନେବା ପରେ ସେ ପ୍ରଥମ ଥର ପାଇଁ କେରଳ ଗସ୍ତ କରିଛନ୍ତି ।

ଏହି ଅବସରରେ ସେ ଏକ ରାଲିକୁ ସମ୍ବୋଧିତ କରି ଜନତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ସେ ଲୋକଙ୍କର ସମସ୍ତ ସମସ୍ୟା ଶୁଣିବା ପାଇଁ ସଦା ସର୍ବଦା ଉପଲବ୍ଧ ଅଛନ୍ତି, ତାଙ୍କ ଘର ଦୂଆର ଏବଂ ଅଫିସ୍ ସବୁବେଳେ ସେମାନଙ୍କ ପାଇଁ ଖୋଲା ରହିଛି ବୋଲି କହିଛନ୍ତି । ପ୍ରିୟଙ୍କା ଗାନ୍ଧି କହିଛନ୍ତି, ମୁଁ ଏଠାରେ ଆପଣମାନଙ୍କ ଠାରୁ ଶିଖିବା ପାଇଁ ଅଛି । ଆପଣମାନଙ୍କ ସମସ୍ୟାକୁ ଗଭୀର ଭାବେ ବୁଝିବି । ସ୍ୱାସ୍ଥ୍ୟ ସେବାଠୁ ନେଇ ଉନ୍ନତ ଶିକ୍ଷା ଆଦି ସମସ୍ତ ସମସ୍ୟା ବାବଦରେ ମୋତେ ଜଣା ଅଛି । ଏବେ ମୁଁ ଏ ସମସ୍ତ ସମସ୍ୟାର ସମାଧାନ ପାଇଁ ଲଢିବି, ଆପଣମାନଙ୍କ ସହ କାମ କରିବି ଏବଂ ସବୁକିଛି ଭଲ ଭାବେ ବୁଝିବି ।



ମୁଁ ଆପଣମାନଙ୍କ ଘରକୁ ଆସି ଭେଟିବି । କେବେ ହେଲେ ଆପଣମାନଙ୍କୁ ନିରାଶ କରିବି ନାହିଁ, ମୋ ଘର ଦୂଆର ଏବଂ ଅଫିସ୍ ସବୁବେଳେ ଆପଣମାନଙ୍କ ପାଇଁ ଖୋଲା ରହିଛି ବୋଲି ପ୍ରିୟଙ୍କା ଗାନ୍ଧି କହିଛନ୍ତି ।

### ||| ରାଜ୍ୟଗୋଷ୍ଠୀ କରାଟେ |||

## ଓଡ଼ିଶା ପ୍ରତିଯୋଗୀଙ୍କୁ ଐତିହାସିକ ସଫଳତା



ଭୁବନେଶ୍ୱର,୩୦।୧୧ (ସବ୍ୟୁ): ଦ.ଆଫ୍ରିକାର ଡର୍ବାନରେ ଆୟୋଜିତ ୧୧ତମ ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର କରାଟେକାମାନେ ମୋଟ୍ ୧୧ଟି ପଦକ ଜିତିଛନ୍ତି । ଏଥିରେ ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ରହିଛି । ସୁରୋମିତା ସିହ୍ନା ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ମୋଟ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ରାଜ୍ୟ କରାଟେ ପ୍ରତିଯୋଗିତା ଓ ଜାତୀୟ କରାଟ ପ୍ରତିଯୋଗିତାର ପ୍ରଦର୍ଶନ ଭିତ୍ତିରେ ମନୋନିତ ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ପଦକ ବିଜୟୀ ପ୍ରତିଯୋଗୀମାନେ ହେଲେ ଶୁଭକାନ୍ତ ବିଶ୍ୱାଳ ସ୍ୱର୍ଣ୍ଣ, ମହିଳା ବରିଷ୍ଠ ଦଳଗତ କାଟାରେ ସ୍ୱର୍ଣ୍ଣ, ସୁରୋମିତା ସିହ୍ନା ସ୍ୱର୍ଣ୍ଣ ଓ ଆଲିସା ସୁବୁଧି ସ୍ୱର୍ଣ୍ଣ ଜିତିଛନ୍ତି । ଜୁନିୟର ପୁରୁଷ ଦଳଗତରେ ରୌପ୍ୟ ଜୁନିୟର ମହିଳା ଦଳଗତ କାଟାରେ ରୌପ୍ୟ, ରିତେଶ ରାୟ ବ୍ରୋଞ୍ଜ, ଲୋମା ସ୍ୱାଇଁ ବ୍ରୋଞ୍ଜ, ଭାଲେନା ଭାଲେଣ୍ଟିନା ବ୍ରୋଞ୍ଜ, ପୁନିତ କୁମାର ମହନ୍ତ ବ୍ରୋଞ୍ଜ ଏବଂ ବେଦାନ୍ତ ଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି । ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି ।

# ହାଇବ୍ରିଡ ମଡ଼େଲ ପାଇଁ ପାକିସ୍ତାନ ରାଜି



ନୂଆଦିଲ୍ଲୀ,୩୦।୧୧ (ଏଜେନ୍ସି): ଶେଷରେ ପାକିସ୍ତାନ ମୁଣ୍ଡ ନୁଆଁଇଛି । ହାଇବ୍ରିଡ ମଡ଼େଲରେ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ରାଜି ହୋଇଛି । ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଇଛି । ଆଇସିସି ବୈଠକରେ ହାଇବ୍ରିଡ ମଡ଼େଲରେ ଏକମାତ୍ର ବିକଳ୍ପ ବୋଲି ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ସିଧାସିଧା ଶୁଣାଇ ଦେଇଥିଲା ଆଇସିସି । ହାତରୁ ଆୟୋଜନ ଅଧିକାର ଖସି ଯିବା ଭୟରେ ପାକିସ୍ତାନ ହାଇବ୍ରିଡ ମଡ଼େଲକୁ ଗ୍ରହଣ କରିଛି । ତେବେ ଆଇସିସି ନିକଟରେ କେତେକ ସର୍ତ୍ତ ରଖିଛି ପାକିସ୍ତାନ । ଶନିବାର ବୈଠକରେ ମଧ ହାଇବ୍ରିଡ ମଡ଼େଲରେ ପ୍ରତିଯୋଗିତା ଆୟୋଜନ କରିବାକୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ଆପତ୍ତି କରିଥିଲା । ଏନେଇ ସଦ୍ୟତମ ଖବର ଅନୁସାରେ ପାକିସ୍ତାନ ବୋର୍ଡ ହାଇବ୍ରିଡ ମଡ଼େଲ ପାଇଁ ରାଜି ହୋଇଛି । କିନ୍ତୁ ଏଥିପାଇଁ ଆଇସିସି ଆଗରେ କିଛି ସର୍ତ୍ତ ରଖିଛି ପାକିସ୍ତାନ । କେବଳ ଭାରତୀୟ ଦଳର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ । କାରଣ ଭାରତ ସରକାର ଦଳକୁ ପାକିସ୍ତାନ ପଠାଇବାକୁ ମନା କରିଛନ୍ତି । ଯଦି ଗ୍ରୁପ୍ ପର୍ଯ୍ୟାୟରୁ ଭାରତୀୟ ଦଳ ଆଗକୁ ବଢ଼ିବାରେ ବିଫଳ ହୁଏ ତେବେ ଲାହୋରରେ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଆୟୋଜନ ହେବ । ତୃତୀୟ ସର୍ତ୍ତ ହେଉଛି ଭାରତ ଭବିଷ୍ୟତରେ ଯେକୌଣସି ଆଇସିସି ଇଭେଣ୍ଟ ଆୟୋଜନ କରେ ତା ହେଲେ ପାକିସ୍ତାନ ଦଳ ଭାରତ ନଯାଇ ନିରପେକ୍ଷ ସ୍ଥାନରେ ମ୍ୟାଚ ଖେଳିବ । ଆଇସିସି ବୈଠକରେ ପାକିସ୍ତାନକୁ ଶେଷ ବିକଳ୍ପ ଦିଆଯାଇଥିଲା । ଚାମ୍ପିଅନ୍ସ ଟ୍ରଫି ଆୟୋଜନ ପାଇଁ ପାକିସ୍ତାନ ହାଇବ୍ରିଡ ମଡ଼େଲ ଗ୍ରହଣ କରିବା ଉଚିତ । ନହେଲେ ଏହି ପ୍ରତିଯୋଗିତା ଆୟୋଜନରୁ ଓହରିବାକୁ ପ୍ରସ୍ତୁତ ହେବା ଉଚିତ । ତେଣୁ ବର୍ତ୍ତମାନ ପିସିବିର ଅନ୍ତିମ ଉତ୍ତରକୁ ଆଇସିସି ଅପେକ୍ଷା କରିଛି ।

# ଉଦଯାପିତ ହେଲା ରାଜ୍ୟସ୍ତରୀୟ ଶିଶୁ କ୍ରୀଡା ମହୋତ୍ସବ ଉତ୍ସାହ

## ପୁରସ୍କୃତ ହେଲେ ୫୦ରୁ ଅଧିକ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀ



ଭୁବନେଶ୍ୱର,୩୦।୧୧ (ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଉତ୍ସାହ(କ୍ରୀଡା ପ୍ରତିଯୋଗିତା) କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛିଛ ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ୟୁନିସେଫ ଓଡ଼ିଶା ମୁଖ୍ୟ ଶ୍ରୀ ୱିଲିୟମ ହାନଲେନ ଜୁନିଅର, ବିଶ୍ ଖାଦ୍ୟ କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ଶ୍ରୀ ହିମାଂଶୁ ବଳ, ଭାରତୀୟ ଧାବିକା ଶ୍ରାବଣୀ ନନ୍ଦ, ଧାବକ ଅନିମେଶ କୁଜୁର ଓ ପ୍ରତିଷ୍ଠିତ ପ୍ରଛଦପଟ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ରାଜ୍ୟସ୍ତରୀୟ କ୍ରୀଡା ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ ।

ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀମାନଙ୍କର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ ନିମନ୍ତେ ମହକ ଓ ଉତ୍ସାହ ଏକ ପ୍ରକୃଷ୍ଟ ମଞ୍ଚ ବୋଲି ଭାରତୀୟ ଧାବିକା ମିସ ଶ୍ରାବଣୀ ନନ୍ଦ ଉଲ୍ଲେଖ କରିଥିଲେ । ପରିଶ୍ରମ ହିଁ ସଫଳତାର ଚାବି କାଠି ବୋଲି କହି ସେ ପିଲାମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ । ସେହି ଭାବରେ ଧାବକ ଅନିମେଶ କୁଜୁର ଆତ୍ମବିଶ୍ୱାସ ସହ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ପିଲାମାନଙ୍କୁ ଉପଦେଶ ଦେଇଥିଲେ । କ୍ରୀଡା କ୍ଷେତ୍ରରେ ଖେଳୁଆଡ ମନୋଭାବ ଉପରେ ଜୋର ଦେଇ ୟୁନିସେଫ ଓଡ଼ିଶା ମୁଖ୍ୟ ଶ୍ରୀ ୱିଲିୟମ ହାନଲେନ ଜୁନିଅର ପିଲାମାନଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ନିଜ ସଙ୍ଗୀତର ତାଳେ ତାଳେ ପିଲାମାନଙ୍କର ମନୋରଞ୍ଜନ କରିଥିଲେ ।

ସୂଚନାଯୋଗ୍ୟ କି ଏହି ଉତ୍ସବରେ ୩୦ ଜିଲ୍ଲାରେ ୫୦୦ ପ୍ରତିଯୋଗୀମାନେ ୧୦୦ମିଟର ଦୌଡ, ୨୦୦ ମିଟର ଦୌଡ, କ୍ୟାରମ, ଚେସ, ରିଲେ ରେସ୍, ଫୁଟବଲ, ଲମ୍ବଡିଆଁ, ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ୧୦୦ ମିଟର ବାଳକ ଦୌଡ ପ୍ରତିଯୋଗିତାରେ ବରିଷ୍ଠରେ କେଉଁଝରର ମୁକୁନ୍ଦ ମହାକୁଣ୍ଡ, ମୟୂରଭଞ୍ଜର ମାନସିଂ ସୋରେନ ଅନୁଗୁଳର ବିକାଶ ନାୟକ ଓ ବାଳିକା ଦୌଡ ପ୍ରତିଯୋଗିତାରେ ବରିଷ୍ଠରେ କନ୍ଧମାଳର ସୁମିତ୍ରା ଶବର, ଦେଓଗଡର ପ୍ରିୟା ମାଝୀ ଓ ସମ୍ବଲପୁରର ଜହ୍ନ ଗୌଡ ପୁରସ୍କୃତ ହୋଇଛନ୍ତି । ୨୦୦ ମିଟର ବାଳକ ଦୌଡ ପ୍ରତିଯୋଗିତାରେ କେଉଁଝରର ଗୋବିନ୍ଦ ହଂସଦା, ଯାଜପୁରର ରାମ ଜନିକ, ଭଦ୍ରକର ରଞ୍ଜିତ ମୁଣ୍ଡାରୀ ବାଳିକା ଦୌଡରେ କନ୍ଧମାଳର ସୁମିତ୍ରା ଶବର, ଦେଓଗଡ ପ୍ରିୟା ମାଝୀ, ଖୋର୍ଦ୍ଧା ଲକ୍ଷ୍ମୀ ଶବର ପୁରସ୍କୃତ ହୋଇଛନ୍ତି । ବାଳକ ଉଚ୍ଚ ଡିଆଁ ପ୍ରତିଯୋଗିତାରେ ଗଜପତିର ପର୍ଶୁରାମ ରାଇତା, ଯାଜପୁରର ମାନସିଂ ହାଇବୁରୁ, ମାଲକାନଗିରିର ମୁନା କବସି ଓ ବାଳିକା ପ୍ରତିଯୋଗିତାରେ ମୟୂରଭଞ୍ଜର ତୁଳସୀ ମାରାଣ୍ଡି, କନ୍ଧମାଳର ରୁନୁ ବଳ ସିଂ ରାୟ, ବାଲେଶ୍ୱରର ପୂଜାରିଣୀ ଗିରି, ବଲାଙ୍ଗୀରର ହେମଲତା ଭୋଇ ଓ କଳାହାଣ୍ଡିର ପୂଜା ମାଝୀ ପୁରସ୍କୃତ ହୋଇଛନ୍ତି । ବାଳକ ଲମ୍ବ ଡିଆଁ ପ୍ରତିଯୋଗିତାରେ ମୁକୁନ୍ଦ ମହାକୁଣ୍ଡ, ଗଜପତିର ପର୍ଶୁରାମ ରାଇତା, ବାଲେଶ୍ୱରର ଶମ୍ଭୁ ହୂ ଓ ବାଳିକା ପ୍ରତିଯୋଗୀତରେ କେଉଁଝରର ସୁଶିଳା ମୁଣ୍ଡା, ବାଲେଶ୍ୱରର ମିଲି ସିଂ ଓ ସୁବର୍ଣ୍ଣପୁରର ଜହ୍ନ ଗୌଡ ପୁରସ୍କୃତ ହୋଇଛନ୍ତି । ବାଳକ ଚେସ ପ୍ରତିଯୋଗିତାରେ ଅନୁଗୁଳର ଶକ୍ତି ଚାମ୍ପିଆ ଢେଙ୍କାନାଳର ରାଇମୋହନ ପୂର୍ତ୍ତି, କୋରାପୁଟର ଚିଣ୍ଟୁ କାରିଙ୍ଗି ବାଳିକା ପ୍ରତିଯୋଗିତାରେ ନବରଙ୍ଗପୁରର ରୀତିକା ସୁନା, ବାଲେଶ୍ୱରର ବାସନ୍ତୀ ହଂସଦା ଓ ମାଲକାନଗିରି ପ୍ରିୟା ବିଶ୍ୱାସ ପୁରସ୍କୃତ ହୋଇଛନ୍ତି । ବାଳକ କ୍ୟାରେମ ପ୍ରତିଯୋଗିତାରେ ଦେଓଗଡର ଶକ୍ତି ହେମ୍ବ୍ରମ, ଝାରସୁଗୁଡାର ଅରବିନ୍ଦ ସୋନି ଓ ଅନୁଗୁଳର ବାବୁଶାନ ପ୍ରଧାନ ଏବଂ ବାଳିକା ପ୍ରତିଯୋଗିତାରେ ଗଞ୍ଜାମର ଅର୍ଚିତା ପ୍ରଧାନ, ବାଲେଶ୍ୱରର ଅସ୍ମାନି ସିଂ, ବୌଦ୍ଧର ସୁଞ୍ଜାନୀ ନାୟକ ପୁରସ୍କୃତ ହୋଇଛନ୍ତି । ରିଲେ ରେସ୍ ବାଳକରେ କେଉଁଝର, ଭଦ୍ରକ ଓ ବାଲେଶ୍ୱର ଓ ବାଳିକାରେ କନ୍ଧମାଳ, ଭଦ୍ରକ ଓ ନବରଙ୍ଗପୁର ପୁରସ୍କୃତ ହୋଇଛନ୍ତି । ରୋମାଞ୍ଚକର ବାଳକ ଫୁଟବଲ ଖେଳରେ ଚାମ୍ପିଅନ ହେଲେ ଭଦ୍ରକ ଓ ରନର ଅପ୍ ହେଇଛନ୍ତି ସମ୍ବଲପୁର । ବାଳିକା ଫୁଟବଲ ଖେଳରେ କଳାହାଣ୍ଡି ଚାମ୍ପିଅନ ଓ କନ୍ଧମାଳ ରନର ଅପ ଭାବେ ପୁରସ୍କୃତ ହୋଇଛନ୍ତି । ସମଗ୍ର ରାଜ୍ୟରେ କନ୍ଧମାଳ ରନର ଅପ୍ ଜିଲ୍ଲା ଭାବେ ଓ କେଉଁଝର ଚାମ୍ପିଅନ ଜିଲ୍ଲା ଭାବେ ପୁରସ୍କୃତ ହୋଇଛନ୍ତି । ଶିଶୁ ଯତ୍ନ ଅନୁଷ୍ଠାନରୁ ପାଠ ପଢ଼ି ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରମାଣିତ କରିପାରିଥିବା ଜଗତସିଂହପୁରର ସାବିତ୍ରୀ ପ୍ରଧାନ, ନବରଙ୍ଗପୁରର କଳ୍ପନା ମଣ୍ଡିଗି, କଟକର ଜୟନ୍ତ ଭୋଇ ଓ କଟକର ରଜ ଡିଗି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅତିରିକ୍ତ ନିର୍ଦ୍ଦେଶକ ତଥା ବିଭାଗୀୟ ଅତିରିକ୍ତ ସଚିବ ସମ୍ବିତ ନାୟକ ପରିଚାଳନା କରିଥିଲେ ଓ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରବନ୍ଧକ ପ୍ରୀତିକାନ୍ତ ପଣ୍ଡା ସଂଯୋଜନା କରିଥିଲେ ।

## ଡିସେମ୍ବର ୧୬ରୁ ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ

ଭୁବନେଶ୍ୱର,୩୦।୧୧ (ସବ୍ୟୁ): ନୂଆଦିଲ୍ଲୀ ସ୍ଥିତ ତ୍ୟାଗରାଜ ଷ୍ଟାଡିୟମ୍‌ରେ ଡିସେମ୍ବର ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଟେବୁଲ ଟେନିସ୍ ପ୍ରତିଯୋଗିତା ଆୟୋଜନ ହେବ । ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା ରବିବାର ଅପରାହ୍ଣ ୪.୩୦ ମିନିଟ୍‌ରେ ସ୍ଥାନୀୟ ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ଓଡ଼ିଶା ଟେବୁଲ ଟେନିସ୍ ଏକାଡେମୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ହେବ । ସରକାରୀ ଚାକିରି କରିଥିବା ବ୍ୟକ୍ତିମାନେ ଏଥିରେ ଭାଗ ନେଇପାରିବେ । ଯେଉଁମାନେ ଭାଗ ନେବାକୁ ଚାହାଁନ୍ତି ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ, ଅଫିସ୍ ପରିଚୟ ପତ୍ର ସହ ଏକ ପାସ୍‌ପୋର୍ଟ ସାଇଜ ଫଟୋ ସାଙ୍ଗରେ ଆଣି ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରିବେ ।

### ଇନୋଭାରେ କପ୍

## ସିସିସି, ଇନୋଭାରେ କ୍ଲାଉଡ୍ସ, ସୋଆ, ଇନ୍‌ଫୋସିସ୍ ବିଜୟୀ

ଭୁବନେଶ୍ୱର,୩୦।୧୧ (ସବ୍ୟୁ): କର୍ପୋରେଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇନୋଭାରେ କପରେ ଶନିବାର ଅନୁଷ୍ଠିତ ୪ଟି ମ୍ୟାଚରେ ସିସିସି, ଇନୋଭାରେ କ୍ଲାଉଡ୍ସ, ସୋଆ ଏବଂ ଇନ୍‌ଫୋସିସ୍ ବିଜୟୀ ହୋଇଛନ୍ତି ।

ଇଡକୋ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ସିସିସି ୨୧ ରନ୍ ବ୍ୟବଧାନରେ ଟିସିଏସ୍‌କୁ ହରାଇଥିଲା । ପ୍ରଥମେ ବ୍ୟାଟିଂ କରି ସିସିସି ୨୦ ଓଭରରେ ୮ ୱିକେଟ୍ ହରାଇ ୨୧୩ ରନ୍ କରିଥିଲା । ଜବାବରେ ଟିସିଏସ୍ ୨୦ ଓଭରରେ ୫ ୱିକେଟ୍ ହରାଇ ୧୯୨ ରନ୍ କରିଥିଲା । ଦ୍ୱିତୀୟ ମ୍ୟାଚରେ ଇନୋଭାରେଟ୍ କ୍ଲାଉଡ୍ସ ୨ ୱିକେଟ୍‌ରେ ରୟାଲ ରେଞ୍ଜର୍ସକୁ ହରାଇଛି । ଏହି ମ୍ୟାଚରେ ରୟାଲ ରେଞ୍ଜର୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୪୫ ରନ କରିଥିଲା । ଜବାବରେ ଇନୋଭାରେ କ୍ଲାଉଡ୍ସ ୧୯.୪ ଓଭରରେ ୮ ୱିକେଟ୍ ହରାଇ ୧୪୮ ରନ୍ କରିଥିଲା । ସୋଆ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସୋଆ ୧୩ ରନ୍‌ରେ ଲିଟ ମାଇଣ୍ଡ ଟ୍ରିକୁ ହରାଇଥିଲା । ଦ୍ୱିତୀୟ ମ୍ୟାଚରେ ଇନ୍‌ଫୋସିସ୍ ୭ ୱିକେଟ୍ ହରାଇ ଏସ୍-୩ ସିକୁ ହରାଇଥିଲା ।

## ୧୫ ପଦକ ସହ କିଟ୍ ତୃତୀୟ

ଭୁବନେଶ୍ୱର,୩୦।୧୧ (ସବ୍ୟୁ): ନର୍ଥ ଇଷ୍ଟ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ସନ୍ତରଣ ଚାମ୍ପିଅନ୍‌ସିପ୍‌ରେ ୧୫ ପଦକ ଜିତି ତୃତୀୟ ସ୍ଥାନରେ ରହିଛି କିଟ୍ ବିଶ୍ୱବିଦ୍ୟାଳୟ । ଏହି ୧୫ଟି ପଦକ ମଧ୍ୟରେ ୮ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ରହିଛି । କିସ୍ କ୍ୟାମ୍ପସ୍-୨ରେ ଥିବା ସୁଇମିଂ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପୁରସ୍କାର ବିତରଣ ଉତ୍ସବରେ କିସ୍‌ର ଉପକୁଳପତି ପ୍ରଫେସର ଦୀପକ କୁମାର ବେହେରା, କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ, ଆୟୋଜନ କମିଟି ସମ୍ପାଦକ ରଶ୍ମିତା ମହାନ୍ତି, କିସ୍ କ୍ରୀଡା ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ୧୧୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ୩୨ଟି ପଦକ ସହ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବା ବେଳେ ୨୮ଟି ପଦକ ସହ ଆଦମସ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରତ୍ୟେକ ବର୍ଗର ୧୬ ଜଣ ଲେଖାଏଁ ପ୍ରତିଯୋଗୀ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ, ଆନ୍ତଃ ଜୋନ୍, ସନ୍ତରଣ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି । ସମସ୍ତ ପଦକ ବିଜେତା ଓ ଅଂଶଗ୍ରହଣକାରୀଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ।

### ଆଇଏସ୍‌ଏଲ୍

## ଆଜି ବେଙ୍ଗାଲୁରୁକୁ ଭେଟିବ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୩୦।୧୧ (ସବ୍ୟୁ): ଇଣ୍ଡିଆନ୍ ସୁପର ଲିଗ୍‌ର ଆଉ ଏକ ରୋଚକ ମ୍ୟାଚରେ ଓଡ଼ିଶା ଏଫ୍‌ସି ଦଳ ତାର ହୋମ୍ ଭେନ୍ୟୁ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟେବୁଲ ଶୀର୍ଷ ଦଳ ବେଙ୍ଗାଲୁରୁ ଏଫ୍‌ସିକୁ ଭେଟିବାକୁ ଯାଉଛି । ଏହି ମ୍ୟାଚ ସନ୍ଧ୍ୟା ୭.୩୦ ମିନିଟ୍‌ରେ ଆରମ୍ଭ ହେବ । ଏହି ମ୍ୟାଚ ପୂର୍ବରୁ ଓଡ଼ିଶା ଏଫ୍‌ସି କଳିଙ୍ଗରେ ଖେଳିଥିବା ହାଇଦ୍ରବାଦ ଏଫ୍‌ସି ବିପକ୍ଷରେ ୬-୦ରେ ବିଜୟ ଲାଭ କରିଥିଲା । ତେଣୁ ବିଜୟଧାରାରେ ଥିବା ଓଡ଼ିଶା ଏଫ୍‌ସି ପୁଣି କଳିଙ୍ଗରେ ବେଙ୍ଗାଲୁରୁକୁ ମାତ ଦେଇ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି ।

କ୍ରମାଗତ ୩ଟି ମ୍ୟାଚରେ ବିଜୟ ହାସଲ କରିପାରିନଥିବା ଓଡ଼ିଶା ଏଫ୍ ଦଳ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ପ୍ରଥମ ବିଜୟ ପାଇଥିଲା । ଏହି ମ୍ୟାଚରେ ଇସାକ, ଡିଏଗୋ ମୋରିସିଓ, ମୌରାଟାଡା ଫଲ ପୁଟି, ରହିମ ଅଲ୍ଲୀ ଗୋଲ୍‌ସ୍କୋର କରିଥିଲେ । ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ଦଳର ଏକ ପୂର୍ଣ୍ଣକାଳୀନ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଗୋଲ୍‌କିପର ଅମରେନ୍ଦ୍ର ସିଂ ଏକାଧିକ ସେଭ୍ କରି ଦଳକୁ ଉଚ୍ଚ ପ୍ରଶସନୀୟ ବିଜୟ ଦେଇଥିଲେ । କୋଚ ସର୍ଗିଓ ଲୋବେରା ମଧ ଦଳର ସବୁ ଖେଳାଳିଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତି କରିଛନ୍ତି । ଏହି ବିଜୟଧାରାକୁ ଜାରି ରଖିବୁ ବୋଲି କୋଚ୍ ସର୍ଗିଓ କହିଛନ୍ତି । ବେଙ୍ଗାଲୁରୁ ଭଳି ଶକ୍ତିଶାଳୀ ବିପକ୍ଷରେ ମ୍ୟାଚ ଜିତିବା ଓଡ଼ିଶା ଏଫ୍‌ସି ପାଇଁ ସହଜ ହେବ ନାହିଁ । କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ବେଙ୍ଗାଲୁରୁ ୯ଟି ମ୍ୟାଚ ଖେଳି ୨୦ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି । ତେଣୁ ରବିବାର ନିଶ୍ଚିତ ଭାବେ ଆଇଏସ୍‌ଏଲ୍‌ରେ ଏକ ଟକରାଟକରି ମ୍ୟାଚ ଦେଖିବାକୁ ମିଳିବ ।

# ପୁରୁଣା ଭୁବନେଶ୍ୱର ବିଏମ୍ ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ



ଭୁବନେଶ୍ୱର,୩୦।୧୧ (ସବ୍ୟୁ): ପୁରୁଣା ଭୁବନେଶ୍ୱରର ଭକ୍ତକବି ମଧୁସୂଦନ ଉଚ୍ଚ ବିଦ୍ୟାଳୟ (ବିଏମ୍ ହାଇସ୍କୁଲ)ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ କ୍ରୀଡା ପ୍ରତି ଆଗ୍ରହୀ ହେବା ଦ୍ୱାରା କେମିତି ସେମାନଙ୍କର ଶାରିରୀକ ଓ ମାନସିକ ବିକାଶରେ ସହାୟକ ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ସାହୁ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ରବିନ୍ଦ୍ରନାଥ ମହାନ୍ତି ଏବଂ ସଂପାଦକ ପରୀକ୍ଷିତ ଦାଶ, ତୃପ୍ତିମୟୀ ମକଦମ୍, ହରିଶ ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଡ. ପ୍ରଭାତ କୁମାର ରଥ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିବାବେଳେ ବରିଷ୍ଠ ଶିକ୍ଷକ ମିଠୁ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ ।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ୍

## କିଟ୍ ପୁରୁଷ ଦଳ ଚାମ୍ପିଅନ୍




ଭୁବନେଶ୍ୱର,୩୦।୧୧ (ସବ୍ୟୁ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ୍ ଚାମ୍ପିଅନ୍‌ସିପ୍‌ରେ କିଟ୍ ପୁରୁଷ ଦଳ ଚାମ୍ପିଅନ୍ ହୋଇଛନ୍ତି । ଫାଇନାଲରେ କିଟ୍ ପ୍ରତିପକ୍ଷ କେଏଲଇଏଫ୍ ବିଶ୍ୱବିଦ୍ୟାଳୟକୁ ଧରାଶାୟୀ କରିଥିଲା । ମଣିପୁର ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମଣିପାଲ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନରେ ରହିଛି । କିଟ୍ ଦଳରେ କବୀର ହଂସ, ଅର୍ଥବ ଶର୍ମା, ଅଂଶୁମାନ ସିଂ, ଓ ପ୍ରତ୍ୟୁଷ ମହାନ୍ତ ତଥା ଦେବାଶିଷ ସାହୁ ଅଂଶଗ୍ରହଣ କରିଥିଲେ । ସମସ୍ତ ଖେଳାଳି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସୂଚନା

ସମୟ BHIM SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541